ଅବସର ନେଲେ ସୁନୀତା ୱିଲିୟମ୍ସ

ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 300 | ଭାଗ ୩୩ | ସଂଖ୍ୟା ୩୦୦ | Thursday 22 January 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୨୨ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ପାୱାର୍‌ଫୁଲ୍ ହେଉଛି ଡଲାର୍

ସର୍ବକାଳୀନ ନିମ୍ନ ସ୍ତରରେ ଟଙ୍କା

ମୁମ୍ବାଇ,୨୧।୧: ସାମ୍ପ୍ରତିକ ସମୟରେ ଅନ୍ତର୍ଜାତୀୟ ସ୍ତରରେ ଏକାଧିକ ଦେଶ ଯୁଦ୍ଧରେ ଲିପ୍ତ ରହିଥିବା ବେଳେ ପରିବେଶ ପୂରାପୂରି ନକାରାତ୍ମକ ରହିଛି। ଏପରି ସ୍ଥିତିରେ ଯଦିଓ ଭାରତୀୟ ଅର୍ଥନୀତି ତା'ର ଅଷ୍ଟାକୁ ସଶକ୍ତ ରଖିଛି, କିନ୍ତୁ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ମୁଦ୍ରାର ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ଏପରିକି ଆଜି ଟଙ୍କା ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଯାଇଛି। ଅର୍ଥାତ୍ ଦିନକୁ ଦିନ ପାୱାର୍‌ଫୁଲ୍ ହେଉଥିବା ଡଲାର୍ ମୂଲ୍ୟ ଆକାଶଛୁଆଁ ହୋଇଛି। ଡଲାରର ସ୍ଥିର ଚାହିଦା ଓ ବୈଶ୍ୱିକ ସ୍ତରରେ ସତର୍କତାର ପରିବେଶ ଯୋଗୁଁ ଟଙ୍କା ଉପରେ ଚାପ ସୃଷ୍ଟି ହୋଇଛି। ଫଳତଃ ଗୋଟିଏ ଡଲାର୍‌ର ମୂଲ୍ୟ ୯୧ ଟଙ୍କା ୫ ପଇସାରେ ପହଞ୍ଚିଯାଇଛି। ଏଥିସହ ମୁଦ୍ରା ବଜାରରୁ ନିବେଶକାରୀମାନେ ଦିନକୁ ଦିନ ଅଧିକ ପୃଷ୍ଠା-୬

ଭୁବନେଶ୍ୱରରୁ ଦୁବାଇ ଓ ସିଙ୍ଗାପୁରକୁ

ଉଡ଼ିବନି ବିମାନ!

- ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବି
- ଗତ ସେପ୍ଟେମ୍ବରରେ ଟଳିଥିଲା ସମସ୍ୟା

ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ଆପଣ ସିଧାସଳଖ ଭୁବନେଶ୍ୱରରୁ ଦୁବାଇ କିମ୍ବା ସିଙ୍ଗାପୁର ଯାତ୍ରା କରିବାକୁ ଯୋଜନା କରୁଛନ୍ତି କି? ଯଦି ଆପଣଙ୍କ ଉତ୍ତର ହଁ, ତା'ହେଲେ ଆପଣଙ୍କୁ ଏବେ ନିରାଶ ହେବାକୁ ପଡ଼ିବ। କାରଣ ଖୁବ୍‌ଶୀଘ୍ର ଭୁବନେଶ୍ୱର ବିମାନବନ୍ଦରରୁ ପୃଷ୍ଠା-୬

ବିଳିବିଳେଇ ହେଉଛି ସ୍ୱାସ୍ଥ୍ୟ ବିଭାଗ

୧୨ ବର୍ଷ ପରେ ମନେ ପଡ଼ିଲା


GOVERNMENT OF ODISHA
HEALTH AND FAMILY WELFARE DEPARTMENT
NOTIFICATION
No. 367 /H., Dated 3-1-2013
DC & MA (Misc)-106/13
In exercise of the powers conferred by clause (1) of Sub-section (2) of Section 92 of the Food Safety and Standards Act,2006 (Central Act 34 of 2006) read with Section 26 thereof, the Food Safety and Standards Authority of India enacted a regulation called Food Safety and Standards (Prohibition and Restrictions on Sales) Regulations, 2011 for prohibiting articles of food in which tobacco and nicotine are ingredients and injurious to health as per provisions made under Regulation 2.3.4 of the said Regulations, 2011.
AND WHEREAS, gutkha and pannmasala are articles of food in which tobacco and nicotine are widely used as ingredients.
AND WHEREAS, it is felt expedient to prohibit gutkha and pannmasala in the State of Odisha being food products in which tobacco and nicotine are widely used as ingredients.
NOW THEREFORE, in pursuance of Regulation 2.3.4 of the Food Safety and Standards (Prohibition and Restrictions on Sales) Regulation-2011, the manufacture, the storage, the sale and the distribution of Gutkha and Pannmasala containing tobacco or nicotine as ingredients by whatsoever name available in the market is hereby prohibited from the date of issue of this notification by the Govt. of Odisha in the greater interest of public.
By order of the Governor
Sd/-
(P. K. Mohapatra)
Commissioner-cum-Secretary to Govt.
Memo No. 368 /H., Dated 3-1-2013
Copy forwarded to P.S. to the Hon'ble Chief Minister, Odisha / P.S. to the Hon'ble Minister, H & FW/ P.S. to Chief Secretary, Odisha/ P.S. to Commissioner-cum-Secretary to Government, H & FW Department / P.S. to Joint Secretary to Government, H & FW Department for information.
Deputy Secretary to Government

ଭୁବନେଶ୍ୱର, ୨୧।୧ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ କି ନିର୍ଦ୍ଦେଶ କେତେବେଳେ ଦେଉଛି, ତା'ର ବୋଧହୁଏ ହିସାବ ରଖୁନାହିଁ। ଗଣମାଧ୍ୟମରେ ଖବର ପ୍ରସାରିତ ହେଲେ ବିଳିବିଳେଇ ହୋଇଉଠୁଛନ୍ତି ବିଭାଗୀୟ ଅଧିକାରୀ। ଯେଉଁଥିପାଇଁ ବୋଧହୁଏ ୧୨ ବର୍ଷ ପରେ ଆଜି

ପୁଣିଥରେ ଗୁଟଖା ଓ ତମ୍ବାଖୁ ବ୍ୟାନ ବିଜ୍ଞପ୍ତି ଜାରି

ପୁଣି ଥରେ ରାଜ୍ୟରେ ଗୁଟଖା, ପାନ ମସଲା, ଜର୍ଦ୍ଦା, ଖଇନି, ତମ୍ବାଖୁ ଆଦି ନିକୋଟିନଯୁକ୍ତ ସାମଗ୍ରୀର ଉତ୍ପାଦନ, ପ୍ରସ୍ତୁତି, ପ୍ୟାକେଜିଂ, ମହଜୁଦ, ପରିବହନ, ବାଣିଜ୍ୟ ଓ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବାକୁ ବିଜ୍ଞପ୍ତି ଜାରି କରିଛି ସ୍ୱାସ୍ଥ୍ୟ ବିଭାଗ। ଗତ ୨୦୧୩ ଜାନୁଆରୀ ୩ ତାରିଖରେ ସ୍ୱାସ୍ଥ୍ୟ ଓ ପୃଷ୍ଠା-୬

ପଞ୍ଚାୟତ ଭୋଟ ପୂର୍ବରୁ ଏସିଡ୍ ଟେଷ୍ଟ

- ଜୁନ ସୁଦ୍ଧା ସରିବ ୨୮ ଏନଏସି ନିର୍ବାଚନ
- ରାଜ୍ୟ ସରକାରଙ୍କୁ ନିର୍ବାଚନ କମିଶନଙ୍କ ଚିଠି

ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ଆଗାମୀ ଜୁନ ସୁଦ୍ଧା ସରିବ ନବଗଠିତ ଏନଏସି ନିର୍ବାଚନ। ଗତ ମାସରେ ସରକାର ଯେଉଁ ୨୮ ଟି ନୂଆ ଏନଏସି, ଘୋଷଣା କରିଥିଲେ ନିୟମ ଅନୁଯାୟୀ ସେସବୁ ଯାଗାରେ ଜୁନ ମାସ ସୁଦ୍ଧା ନିର୍ବାଚନ ସାରିବା ଆଇନଗତ ବାଧବାଧକତା। ଏଥିପାଇଁ ରାଜ୍ୟ ନିର୍ବାଚନ କମିଶନ ସରକାରଙ୍କୁ ଚିଠି ଲେଖିଛନ୍ତି। ଏହି ନିର୍ବାଚନ ୨୦୨୬ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସବୁ ଦଳ ପାଇଁ ଏସିଡ ଟେଷ୍ଟ ହେବ।

ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୌର ନିର୍ବାଚନ ରାଜ୍ୟର ତିନି ରାଜନୈତିକ ଦଳ ପାଇଁ ହେବ ଏସିଡ ଟେଷ୍ଟ। ଆସନ୍ତା ୨୦୨୭ରେ ହେବ ପଞ୍ଚାୟତ ନିର୍ବାଚନ। କିନ୍ତୁ ତା' ପୂର୍ବରୁ ନବଗଠିତ ଏନଏସିଗୁଡ଼ିକର ନିର୍ବାଚନ କରାଯିବ। ନିୟମ ଅନୁଯାୟୀ, ନୂଆ କରି ଏନଏସି ଘୋଷଣା ହେବାର ୬ ମାସ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ପଡ଼ିବ। କାରଣ ଜୁନ୍ ଶେଷ ସୁଦ୍ଧା ସେସବୁ ସ୍ଥାନରେ ନିର୍ବାଚନ ପଳାଫଳ ପ୍ରକାଶ ସହ ପ୍ରଥମ ପରିଷଦ ବୈଠକ ବସିବ। ଗତବର୍ଷ ଡିସେମ୍ବରରେ ୨୮ଟି ନୂଆ ଏନଏସି ଘୋଷଣା କରାଯାଇଥିଲା। ତେଣୁ ଆଗାମୀ ଜୁନ ପୂର୍ବରୁ ନୂଆ ଏନଏସିରେ ନିର୍ବାଚନ ସାରିବାକୁ ହେବ।

ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ରାଜ୍ୟ ନିର୍ବାଚନ କମିସନର ଚିଠି ଲେଖି ଅବଗତ କରିଛନ୍ତି। ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଭୋଟର ଲିଷ୍ଟ, ବାଲଟ ବକ୍ସ, ବାଲଟ ପେପର ପ୍ରିଣ୍ଟିଙ୍ଗ, ଇଭିଏମ ମେସିନ, ନିର୍ବାଚନ ଜନିତ କାଗଜପତ୍ର ପ୍ରସ୍ତୁତି ପୃଷ୍ଠା-୬

ମତ୍ସ୍ୟ-ପ୍ରାଣୀ ସମାବେଶ ଆରମ୍ଭ

ଗୋ'ଚାଲାଣକାରୀଙ୍କୁ ମୋହନଙ୍କ ଅଲ୍‌ଟିମେଟମ୍

- ଓଡ଼ିଶା ହେବ ଏକ ନମ୍ବର ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ
- ପ୍ରାଣୀପାଳନ ପ୍ରତି ଆଗ୍ରହୀ ହେବାକୁ ପରାମର୍ଶ
- ଦୁଗ୍ଧ ଉତ୍ପାଦନକୁ ଗତିଶୀଳ କରିଛି କାମଧେନୁ ଯୋଜନା
- ଗୋଶାଳା ପାଇଁ ଜମି ଦେବ ରାଜସ୍ୱ ବିଭାଗ

ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଆମ ସରକାର ଆସିବା ମାତ୍ରେ ପ୍ରଥମ ବଜେଟ୍‌ରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଆମ ରାଜ୍ୟ ପାଇଁ ଏକ ଐତିହାସିକ ଯୋଜନା ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମତ୍ସ୍ୟ-ପ୍ରାଣୀ ସମାବେଶ, ଓଡ଼ିଶା-୨୦୨୬ ଉଦ୍‌ଘାଟନ ଅବସରରେ କହିଛନ୍ତି।

ସ୍ଥାନୀୟ ଜନତା ମୈଦାନଠାରେ ଆୟୋଜିତ ଏହି ତିନିଦିନିଆ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଚାଷୀମାନଙ୍କ ମଧ୍ୟରୁ ପ୍ରାୟ ୯୨ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଆଗାମୀ ଦିନରେ ଜମି ସ୍ୱତ୍ତ୍ୱାଧିକାର ହାର ଆହୁରି କମିଯିବ। ତେଣୁ କୃଷି ସହ ମାଛ ଚାଷ, ଗୋ-ପାଳନ, ପ୍ରାଣୀ ପାଳନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ଏଥିପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ମଧ୍ୟ କରାଯାଉଛି। ସରକାର ୧୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି। ଗତ ଦେଢ଼ ବର୍ଷରେ ପୂର୍ବ ତୁଳନାରେ ରାଜ୍ୟରେ ୧.୩୫ ଲକ୍ଷ ଲିଟର ଅଧିକ ଦୁଗ୍ଧ ଉତ୍ପାଦିତ ହେଉଛି। ଏହି ପରିମାଣକୁ ଆହୁରି ବୃଦ୍ଧି କରିବା ପାଇଁ ସରକାର ପ୍ରତିବଦ୍ଧତା ସହ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀମାନଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇଦେଇ ଶଙ୍କର ଜାତୀୟ ଅଧିକ ଦୁଗ୍ଧ ପୃଷ୍ଠା-୬

କୃତ୍ରିମ ପ୍ରଜନନ ଯୋଜନା ଆରମ୍ଭ ପ୍ରଦାନକାରୀ ଗାଈ ଓ ମଇଁଷି ପାଳନ ପାଇଁ ଉତ୍ସାହିତ କରାଯାଉଛି। ଏହା ମାଧ୍ୟମରେ ୪.୭୩ ଲକ୍ଷ ହିତାଧିକାରୀଙ୍କୁ ୨୬୨ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଆହୁରି ଦୁଗ୍ଧ ବ୍ୟବସାୟୀଙ୍କ ପାଇଁ ଓମ୍‌ଫେଡ୍ ପକ୍ଷରୁ ଲିଟର ପିଛା ୨ ଟଙ୍କା ଅଧିକ ସହାୟତା ରାଶି ଦିଆଯାଉଛି। କେବଳ ମାଈ ବାଛୁରୀ ଜନ୍ମ ପାଇଁ ଲିଙ୍ଗ ନିରୂପିତ ଶୁକ୍ରାଣୁ ମାଧ୍ୟମରେ କରାଯାଇଛି। ଏହା ମାଧ୍ୟମରେ ରାଜ୍ୟର ୨.୩୦ ଲକ୍ଷ ଗୋ-ପାଳକ ଉପକୃତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର ଚାଷୀଙ୍କ ଆୟ ସମ୍ପର୍କରେ ଶ୍ରୀ ମାଝୀ କହିଛନ୍ତି ଯେ ସମ୍ପ୍ରତି ସମୃଦ୍ଧ କୃଷକ ଯୋଜନା, ପିଏମ ଓ ସିଏମ କିଷାନ ଯୋଜନା ଓ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଫଳରେ ଏବେ ଗୋଟିଏ କୃଷକ ପରିବାରର ଆୟ ବାର୍ଷିକ ୬୧ ହଜାରରୁ ବି ଅଧିକ ହୋଇଛି। ରାଜ୍ୟକୁ ପୃଷ୍ଠା-୬



କାନ ଡେରିଥା

ବିଜେଡି ବିଜେପି ଗୋଛି କଟାକଟି
ବିଜେପିର ଏବେ ଲାଭ
ସବୁଠି ବିଜେଡି ଦୁର୍ବଳ ହେଲାଣି
ନେତାକର୍ମୀ ନାହିଁ ଭାବ
ନେତୃତ୍ୱ ପୁରା ଅଭାବ...
ଆଉ ବର୍ଷେ ଯଦି ଏମିତି ହୋଇବ
ପଞ୍ଚାୟତ ଚାଲିଯିବ ।

■ ଦେବାଶିଷ

'ସମାବେଶୀ ଶିକ୍ଷା ସମ୍ମିଳନୀ'ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଶିଶୁଙ୍କ ଉନ୍ନତ ଭବିଷ୍ୟତ ସୁନିଶ୍ଚିତ କରିବ ସମାବେଶୀ ଶିକ୍ଷା

ନୂଆଦିଲ୍ଲୀ,୨୧।୧: କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏଠାରେ ତିନିଦିନିଆ 'ସମାବେଶୀ ଶିକ୍ଷା ସମ୍ମିଳନୀ'କୁ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏହି ସମ୍ମିଳନୀର ମୂଳ ଲକ୍ଷ୍ୟ ଦେଶର ପ୍ରତ୍ୟେକ ଶିଶୁଙ୍କ ପାଇଁ ଏକ ସମାନ, ସମ୍ମାନଜନକ ଓ ଆତ୍ମନିର୍ଭରଶୀଳ ଭବିଷ୍ୟତ ସୁନିଶ୍ଚିତ କରିବା। ସମାବେଶୀ ଶିକ୍ଷା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ଏକ ରାଷ୍ଟ୍ରୀୟ ସଂକଳ୍ପ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ କା ସାଥ୍, ସବ କା ବିକାଶ, ସବ କା ବିଶ୍ୱାସ' ମନ୍ତ୍ରକୁ ଆଧାର କରି ଏକ 'ବିକଶିତ ଭାରତ' ଗଠନ ପାଇଁ ସମାନ ଓ ସମ୍ବେଦନଶୀଳ ଶିକ୍ଷା ବ୍ୟବସ୍ଥା ଅପରିହାର୍ଯ୍ୟ। ପ୍ରଧାନମନ୍ତ୍ରୀଙ୍କ ମାନବୀୟ ଦୃଷ୍ଟିକୋଣ ଯୋଗୁଁ ଦିବ୍ୟାଙ୍ଗ ଶ୍ରେଣୀକୁ ୬ରୁ ୨୧କୁ ବୃଦ୍ଧି କରାଯାଇଛି, ଯାହା ଅଧିକ ସଂଖ୍ୟକ ଶିଶୁଙ୍କୁ ସହାୟତା ପ୍ରଦାନ କରିବାରେ ସହାୟକ ହେବ। ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ 'ପ୍ରଶସ୍ତ ଆପ୍' ମାଧ୍ୟମରେ ପ୍ରାୟ ୨୫ କୋଟି ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରାଯିବ। ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତା ବା ଏଆଇର ବ୍ୟବହାର ମାଧ୍ୟମରେ ପିଲାଙ୍କଠାରେ ଥିବା ଡିସଲେକ୍ସି ଓ ପୃଷ୍ଠା-୬

ପାଇଲଟ୍‌ଙ୍କ ବୁଦ୍ଧି ପାଇଁ ବଞ୍ଚିଲା ଜୀବନ

- ମୁମ୍ବାଇରୁ ଫେରିଲେ ରାଉରକେଲା ବିମାନ ଦୁର୍ଘଟଣା ପୀଡ଼ିତ ଦମ୍ପତି
- ରାଜ୍ୟ ସରକାରଙ୍କ ତ୍ୱରିତ ସେବାକୁ ପ୍ରଶଂସା
- ଦୁର୍ଘଟଣା ସ୍ଥଳରେ ମନ୍ଦିର, ସ୍କୁଲ କିମ୍ବା ହସ୍ପିଟାଲ କରିବୁ

ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ରାଉରକେଲାରେ ଗତ ୧୦ ତାରିଖରେ ଘଟିଥିବା ବିମାନ ଦୁର୍ଘଟଣାରେ ମୋଟ ୬ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ବ୍ୟବସାୟୀ ସୁନୀଲ ଅଗ୍ରୱାଲ ଓ ତାଙ୍କ ପତ୍ନୀ ସବିତା ଅଗ୍ରୱାଲ ମଧ୍ୟ ରହିଥିଲେ। ତେବେ ଉନ୍ନତ ଚିକିତ୍ସା ପାଇଁ ସେମାନଙ୍କୁ ମୁମ୍ବାଇ ଏୟାରଲିଫ୍ଟ କରାଯାଇଥିଲା। ଉଭୟ ଆଜି ଚିକିତ୍ସା ପରେ ଭୁବନେଶ୍ୱର ଫେରିଛନ୍ତି। ଅବଶ୍ୟ ପତ୍ନୀ ସବିତା ଏବେ ବି ଷ୍ଟେଚରରେ ଥିବା ବେଳେ ସୁନିଲଙ୍କ ଏକାଧିକ ସ୍ଥାନରେ ହାଡ଼ ଭାଙ୍ଗିଥିବାରୁ ସେ ବି ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାଁନ୍ତି। ତେବେ ମୁମ୍ବାଇରୁ ଫେରିବା ପରେ ସୁନୀଲ ସେଦିନର ଭୟଙ୍କର ଦୁର୍ଘଟଣାର କାହାଣୀ ଗଣମାଧ୍ୟମ ଆଗରେ ବଖାଣିଛନ୍ତି। କେବଳ ପାଇଲଟ୍‌ଙ୍କ ଉପସ୍ଥିତ ବୁଦ୍ଧି ଓ ରାଜ୍ୟ ସରକାରଙ୍କ ପୃଷ୍ଠା-୬



ରାଜ୍ୟସଭା ଦୌଡ଼ରେ ସନ୍ତୋଷ ଓ ସଂଘମିତ୍ର

ନବୀନଙ୍କ ନିଷ୍ପତ୍ତି ଉପରେ ନଜର

ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ବିଜେଡିର ରାଜ୍ୟସଭା ପ୍ରାର୍ଥୀ ଦୌଡ଼ରେ ଏବେ ଦୁଇ ଜଣ ଆଗକୁ ଆସିଛନ୍ତି। ଜଣେ ବିଜେଡି ସଭାପତି ନବୀନଙ୍କ ରାଜନୈତିକ ପରାମର୍ଶଦାତା ରହିଥିବା ବେଳେ ଆଉ ଜଣେ ପୂର୍ବତନ ପରାମର୍ଶଦାତା। ତେବେ ଏମାନଙ୍କ ମଧ୍ୟରୁ କାହା ହାତରେ ନବୀନ ଦିଲ୍ଲୀ ଟିକଟ ଧରାଇବେ, ତାହାକୁ ନେଇ ଦଳରେ ଆଲୋଚନା ଜୋର୍ ଧରିଛି।

ଦୌଡ଼ରେ ଥିବା ଦୁଇ ଜଣ ବିଜେଡି ନେତା ହେଲେ ସଂଘମିତ୍ର ମିଶ୍ର ଓ ସନ୍ତୋଷ ଶତପଥୀ। ଉଭୟ ନବୀନଙ୍କ ସହ ବେଶ୍ ପରିଚିତ। ସଂଘମିତ୍ର ଏବେ ନବୀନଙ୍କ ରାଜନୈତିକ ପରାମର୍ଶଦାତା ଥିବା ବେଳେ ସନ୍ତୋଷ ୧୯୮୬ ବ୍ୟାଚର ଝାଡ଼ଖଣ୍ଡ କ୍ୟାଡରର ଆଇଏଏସ୍ ଅଫିସର ଯିଏକି ଦୀର୍ଘ ବର୍ଷ ତଳେ ନବୀନଙ୍କ ନିକଟରେ କାର୍ଯ୍ୟ କରିବା ସହ ତାଙ୍କୁ ବାଟ ଦେଖାଉଥିଲେ। ସେତେବେଳେ ସନ୍ତୋଷଙ୍କ ଗୋଟି ଚାଳନାରେ ନବୀନ ପୃଷ୍ଠା-୬

ଏବେବି ଅରବିନ୍ଦଙ୍କ ନିଲମ୍ବନ ରହସ୍ୟାବୃତ

- ନବୀନ କହିଲେ ଭିନ୍ନ କଥା
- ଅନ୍ଧାରରେ କର୍ମୀ ଓ ନେତା

ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ବିଜେଡିର ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚଭ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ନିଲମ୍ବନର କାରଣ ଏବେ ବି ରହସ୍ୟ ଘେରରେ ରହିଛି। ସନାତନଙ୍କ ନିଲମ୍ବନ ନେଇ କେହି ମୁହଁ ଖୋଲୁନଥିବାବେଳେ ଅରବିନ୍ଦଙ୍କ ନିଲମ୍ବନ ଘଟଣା ଏବେ ରାଜଧାନୀରୁ ପାଟକୁରା ପର୍ଯ୍ୟନ୍ତ ବିଜେଡି ରାଜନୀତିକୁ ସରଗରମ କରିଛି। ଦୁଇ ଦୁଇଟି ସ୍ଥାନରେ ସାମ୍ବାଦିକ ସମ୍ମିଳନୀ ଓ ବୟାନବାଜି ସତ୍ତ୍ୱେ ଅରବିନ୍ଦଙ୍କୁ କାହିଁକି ନିଲମ୍ବନ କରାଗଲା, ତାହା ଏବେ ବି ରହସ୍ୟ ଘେରରେ। ଆଜି ଯଦିଓ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏ ସଂକ୍ରାନ୍ତରେ ମୁହଁ ଖୋଲିଛନ୍ତି, କିନ୍ତୁ ପୂର୍ବର ଅଭିଯୋଗ ସହ ଏହା ମେଳ ଖାଉ ନ ଥିବାରୁ ଦଳର କର୍ମୀମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି।

ନବୀନ ପଟ୍ଟନାୟକ ଦୁଇ ବିଧାୟକଙ୍କୁ ନିଲମ୍ବନ କରିବା ପରେ ପରେ ବିଜେଡି ମୁଖପାତ୍ର କହିଥିଲେ ଯେ ଏମାନେ ବିଶ୍ୱାସଘାତକ। ବିଜୟ ମହାପାତ୍ରଙ୍କ ସହ ମିଶି ବିଜେଡିକୁ ଭାଙ୍ଗିବାକୁ ସେମାନେ ଚେଷ୍ଟା କରୁଥିଲେ। ଦିନକ ପରେ ସାମ୍ବାଦିକ ସମ୍ମିଳନୀ କରି ବିଜେଡି କହିଥିଲା ଯେ କେନ୍ଦ୍ରାପଡାରେ ବିଜେଡିର ଲୋକସଭା ପ୍ରାର୍ଥୀଙ୍କୁ ହରାଇବା ପାଇଁ ଅରବିନ୍ଦ କାର୍ଯ୍ୟ କରୁଥିଲେ। ନିଜର ପୋଷ୍ଟର ବ୍ୟାନରରେ ଶଙ୍ଖ ଚିହ୍ନ କିମ୍ବା ନବୀନ ପଟ୍ଟନାୟକଙ୍କ ଫଟୋ ରଖି ନ ଥିଲେ। ଆଜି ନବୀନ ପଟ୍ଟନାୟକ କହିଛନ୍ତି ଯେ ଅରବିନ୍ଦ ପାଟକୁରାବାସୀଙ୍କ ପାଇଁ କାର୍ଯ୍ୟ ନ କରିବାରୁ ତାଙ୍କୁ ଦଳରୁ ବିଦା କରାଗଲା। କିନ୍ତୁ ନବୀନ ବିଜୟ ମହାପାତ୍ର କିମ୍ବା ବିଜେଡି ଭାଙ୍ଗିବାକୁ ହୋଇଥିବା ଷଡ଼ଯନ୍ତ୍ର ନେଇ କିଛି ବି କହିନାହାନ୍ତି।

୪ ଦିନ ମଧ୍ୟରେ ଏଭଳି ଭିନ୍ନ ଭିନ୍ନ ବୟାନ କେବଳ ବିଜେଡି କର୍ମୀ ଓ ନେତା ନୁହଁନ୍ତି, ରାଜନୀତିରେ ରୁଚି ରଖୁଥିବା ଲୋକଙ୍କୁ ମଧ୍ୟ ଦ୍ୱନ୍ଦ୍ୱରେ ପକାଇଛି। କେଉଁ କାରଣ ପାଇଁ ଅରବିନ୍ଦ ବିଦା ହେଲେ ସେମାନେ ତା'ର କାରଣ ଖୋଜିବାରେ ଲାଗିଥିବା ବେଳେ ଏବେ ବି ପ୍ରକୃତ କାରଣ ରହସ୍ୟ ଘେରରେ ରହିଥିବା ଆଲୋଚନା ହେଉଛି। ଆଜି ପାଟକୁରାର ବିଜେଡି ନେତାଙ୍କ ଆଗରେ ନବୀନ ମୁହଁ ଖୋଲିଥିଲେ ବି ଦଳର ବରିଷ୍ଠ ନେତାମାନେ କିନ୍ତୁ ଅରବିନ୍ଦ କିମ୍ବା ସନାତନଙ୍କ ପ୍ରସଙ୍ଗରେ ଚୁପ୍ ରହିଛନ୍ତି।

ବିଧାୟକ ଅରବିନ୍ଦ ମହାପାତ୍ର ଏବେ ରାଜ୍ୟ ବାହାରେ ଥିବା ବେଳେ ପାଟକୁରାରେ କିନ୍ତୁ ତାଙ୍କ ସମର୍ଥନ ଓ ବିରୋଧରେ ସାମ୍ବାଦିକ ସମ୍ମିଳନୀ ସହ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପୃଷ୍ଠା-୬

SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

HOTEL MANAGEMENT PROGRAMMES
- BHMCT (Bachelor of Hotel Management and Catering Technology)
- MBA (Hospitality Management)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS

ବିଲେଇଶୁଣି ମକର ମହୋତ୍ସବ

ଯୋଗଦେଲେ ବରିଷ୍ଠ ନେତା ବିଜୟ ମହାପାତ୍ର

ଗରଦପୁର,୨୧।୧(ସଂଚାର ବ୍ୟୁରୋ): ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି ବିଲେଇଶୁଣି ମକର ମେଳା ଉତ୍ସବ। ଏହି ଉତ୍ସବ ଦୀର୍ଘ ୭ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ମାଆ ବଜ୍ରମହାକାଳୀ ସାଂସ୍କୃତିକ ପରିଷଦ ପକ୍ଷରୁ ମକର ମେଳା ଉତ୍ସବ ଚଳିତ ବର୍ଷ ୬୨ବର୍ଷରେ ପଦାର୍ପଣ କରି ସାରିଛି। ଏହି ଉଦଯାପନୀ ମକର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ନେତା ଶ୍ରୀ ବିଜୟ ମହାପାତ୍ର । କାର୍ଯ୍ୟକ୍ରମରେ ଯୋଗଦେଇ ସେଅଞ୍ଚଳରେ ସମସ୍ତ ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଛନ୍ତି। ଏହି ଉତ୍ସବ ପାଟକୁରା ଅଞ୍ଚଳ ତଥା ଜଗତସିଂହପୁର ସହ ଅନେକ ଜିଲ୍ଲା ପାଇଁ ମହତ୍ୱ ରଖିଥାଏ । ଏହି ମକର ମହୋତ୍ସବ କୁ ସମସ୍ତେ ଏକ ହୋଇ ଉଦ୍ଯାବତ ରଖିବା ପାଇଁ କମିଟିର ସମସ୍ତ ସଦସ୍ୟ ଙ୍କ ସହିତ ଅଞ୍ଚଳ ବାସିଙ୍କୁ ଉପଦେଶ ଦେଇଥିଲେ। ଏହି ମକର ମେଳାରେ ବିଭିନ୍ନ ପ୍ରକାର ଦୋକାନ ବଜାର ବିଭିନ୍ନ ପସରା ମେଲିଥାଏ । ରାମ ଦୋଳି, ଚଟପଟି ଖାଦ୍ୟ ସମସ୍ତଙ୍କୁ ଆକୃଷ୍ଟ କରିଥିବା ବେଳେ ଏଥିରେ ହୋଇଥିବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରତେକ ସଂଧରେ ଦର୍ଶକଙ୍କ ମନମୋହିଥିଲା। ପ୍ରତେକ ରାତ୍ରିରେ ଅପେରା ମାନ ନାଟକ ମଞ୍ଚସ୍ତ ହୋଇଛି ।

କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କଲେ ପୁରସ୍କାର

ଏହି ଉତ୍ସବ ଗରଦପୁର ଅଞ୍ଚଳ ପାଇଁ ଅନେକ ମହତ୍ୱ ରଖିଥାଏ। ପୁରସ୍କାର ବିତରଣ ଉତ୍ସବରେ ପାଟକୁରା ବିଧାୟକ ଙ୍କ ପ୍ରତିନିଧି କ୍ଷିତୀଶ ଚନ୍ଦ୍ର ଦାସ, ଅଶୋକ କୁମାର ଜେନା ପୂର୍ବତନ ସରପଞ୍ଚ,ସଭାପତି ଅଗସ୍ତି ଓଝା, ପୂର୍ବତନ ସଭାପତି ପ୍ରଫୁଲ ସିଙ୍ଗ,ବସନ୍ତ ସାହୁ,ଏହି ସଭାର ସଭା ପରିଚାଳନା କରିଥିଲେ ପୂର୍ବତନ ସରପଞ୍ଚ ଅନୁଜ କୁମାର ମହାନ୍ତି,କୃତି ଛାତ୍ର ଛାତ୍ରୀ ଙ୍କ କ୍ରୀଡାର ପରିଚାଳନା କରୁଥିଲେ । ପ୍ରଫୁଲ ସିଙ୍ଗ,ରବୀନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ବିକାଶ ସିଂ, ସଞ୍ଜୟ ସ୍ୱାଇଁ, କାଶୀନାଥ ସାହୁ,କୃଷ୍ଣ ଚନ୍ଦ୍ର ଭୋଳ, ସମୀର ସାମଲ, ଅଶୋକ ସ୍ୱାଇଁ, ନିଗମାନନ୍ଦ ଦାସ ଓ ଅଜୟ ବେହରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ, ସମ୍ପନ୍ନ କରିଥିଲେ।

ଆଇନସେବା ପ୍ରାଧିକରଣ ତରଫରୁ ସଚେତତା କାର୍ଯ୍ୟକ୍ରମ

କେନ୍ଦ୍ରାପଡା,୨୧।୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଏକ ସଚେତତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତତା କାର୍ଯ୍ୟକ୍ରମରେ ଜାତୀୟ ମତଦାତା ଦିବସ, ବାଲ୍ୟ ବିବାହ ମୁକ୍ତ ଭାରତ ଓ ଏଆଇ (କୃତ୍ରିମ ବୁଦ୍ଧିମତା) ଉପରେ ଅନୁଷ୍ଠିତ ହୋଇଯାଇଛି।

ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ଉପସ୍ଥିତ ରହି ଜନ ସାଧାରଣଙ୍କୁ ବାଲ୍ୟ ବିବାହ ମୁକ୍ତ ଭାରତ ଉପରେ ଉପଦେଶ ଦେଇଥିଲେ । ଏହା ସହିତ ବାଲ୍ୟ ବିବାହର ଭୟାବହତା ଓ ଏହା ଉପରେ ଥିବା ଆଇନ ଗୁଡିକ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, ଏବିଡିଓ ଅନିରୁଦ୍ଧ ବେହେରା, ସିଡିପିଓ ସୁଜାତା ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଇନଜିବୀ ରମଣୀ ରଞ୍ଜନ ରାଉତ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଗଦେବୀଙ୍କ ମୂର୍ତ୍ତିରେ ଶିଳ୍ପୀର ଶେଷସ୍ପର୍ଶ

ମାର୍ଶାଘାଇ, ୨୧।୧ (ସଂଚାର ବ୍ୟୁରୋ): ଦିନକ ପରେ ଶ୍ରୀପଞ୍ଚମୀ,ବାଗଦେବୀ ମା ସରସ୍ୱତୀଙ୍କ ପୂଜା । ମାର୍ଶାଘାଇ ବଜାର ନିକଟସ୍ଥ ମାର୍ଶାଘାଇ ଶିଳ୍ପୀ କୁମ୍ଭାର ସାହିର ଶିଳ୍ପୀମାନେ ମୂର୍ତ୍ତିନିର୍ମାଣ କରି ରଙ୍ଗ ଦେଇ ଶେଷ ସ୍ପର୍ଶ ଦେବାରେ ଲାଗିପଡିଛନ୍ତି । ଏହି ଗ୍ରାମର ଯୁବଶିଳ୍ପୀ ଭ୍ରମରବର ବେହେରା, ସୁନୀଲ ବେହେରା, କୈଳାସ ବେହେରା, ଗୋପୀନାଥ ବେହେରା, ସର୍ବେଶ୍ୱର ବେହେରା, ରଞ୍ଜନ ବେହେରା, ରାମଚନ୍ଦ୍ର ବେହେରା, ସୁବାସ ସାହୁ, ଲଙ୍କୁଜି ଚରଣ ବେହେରା, ସତ୍ୟବ୍ରତ ବେହେରା, ସରୋଜ ବେହେରାଙ୍କ ସମେତ ବରିଷ୍ଠ ଶିଳ୍ପୀ କଣ୍ଠ ବେହେରା, ଭରତ ବେହେରା, ଲୋଚନ ବେହେରା, ପାଗଳ ବେହେରା, କ୍ଷୀରୋଦ ବେହେରା ପ୍ରମୁଖ ଶିଳ୍ପୀମାନେ ବଡ଼ ବଡ଼ ମୂର୍ତ୍ତୀ ନିର୍ମାଣ କରିଛନ୍ତି । ଏମାନଙ୍କ ବ୍ୟତୀତ ତିରିଶିରୁ ଉର୍ଦ୍ଧ୍ୱ ଶିଳ୍ପୀ ପରିବାରର ସଦସ୍ୟ ସଦସ୍ୟାମାନେ ଛୋଟଛୋଟ ମୂର୍ତ୍ତୀକୁ ରଙ୍ଗ କରିବାରେ ଲାଗିପଡିଛନ୍ତି। ବଡ଼ ବଡ଼ ମୂର୍ତ୍ତି ଗୁଡ଼ିକ ମାର୍ଶାଘାଇ ନିକଟବର୍ତ୍ତୀ ଅଞ୍ଚଳର ଶିକ୍ଷାନୁଷ୍ଠାନ, ପୂଜାମଣ୍ଡପ ସମେତ ପାରାଦ୍ୱୀପ, କେନ୍ଦ୍ରାପଡ଼ା, ଚଣ୍ଡିଖୋଲ, ଜଗତସିଂହପୁର, ତିର୍ତ୍ତୋଲ ଆଦି ଅଞ୍ଚଳର ପୂଜାମଣ୍ଡପକୁ ଯାଇଥାଏ ବୋଲି ଶିଳ୍ପୀମାନେ କହିଛନ୍ତି ।

ବଜ୍ରକାପ୍ତା କାତି ଜବତ, ୩ ଗିରଫ

ରାଜନଗର,୨୧।୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନବିଭାଗ ଟିମ ଆଜି ଅପରାହ୍ନରେ ଡିଲ ବେଳେ ବଜ୍ରକାପ୍ତା କାତି ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି । ବନବିଭାଗ, ଏସଟିଏଫ ଟିମ ମିଳିତ ଭାବେ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗାଁରେ ଚଢ଼ାଉ କରି ବଜ୍ରକାପ୍ତା କାତି ୧୪ଟି ସହିତ ୩ ଜଣଙ୍କୁ ଗିରଫ କରିଛନ୍ତି। ୧୪ଟି କାତି ପାଇଁ ୭୦ ହଜାର ଟଙ୍କାରେ ଡିଲ କରାଯାଉଥିଲା। ବନବିଭାଗର କର୍ମଚାରୀ ଗ୍ରାହକ ସାଜି ନେବାକୁ ପହଂଚିଥିବା ବେଳେ ପୂର୍ବରୁ ପ୍ରସ୍ତୁତ ଥିବା ଟିମ ୩ ଜଣଙ୍କୁ ମାଡ଼ି ବସିବା ସହିତ ବଜ୍ରକାପ୍ତା କାତି ଜବତ କରିଛି। ଜବତ ବଜ୍ରକାପ୍ତା କାତିର ଦାମ ୭ ଲକ୍ଷ ଟଙ୍କା ହେବ ବୋଲି ଏସିଏଫ ଗଗନ ବିହାରୀ ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା କୁଲଡିଅ ଜଙ୍ଗଲରେ ବଜ୍ରକାପ୍ତାକୁ ମାରି ତାର କାତିକୁ ବିକ୍ରି କରାଯିବା ବେଳେ ବନବିଭାଗ ଟିମ ଶିକାରୀଙ୍କୁ ଧରିଥିଲା। ସେମାନଙ୍କ ସୂଚନା ଆଧାରରେ କୁ ଜବତ କରିବା ଓ ଶିକାରୀଙ୍କୁ ଗିରଫ କରିବା ପାଇଁ ଏସଟିଏଫ ଟିମ , ବାଲେଶ୍ୱର ବନବିଭାଗ ଟିମ ଓ ରାଜନଗର ବନବିଭାଗ ଟିମ ମିଳିତ ଭାବେ ଚଢାଉ କରିଥିଲା। ବନବିଭାଗର ଜଣେ କର୍ମଚାରୀ ଗ୍ରାହକ ସାଜି ୭୦ ହଜାର ଟଙ୍କା ନେଇ ପହଞ୍ଚିଥିଲେ। ବଜ୍ରକାପ୍ତା କାତି ବେପାରୀ ଟଙ୍କା ଧରିବା ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଟିମ ୩ ଜଣ ବେପାରୀଙ୍କୁ ମାଡି ବସିଥିଲା। ପଟ୍ଟାମୁଣ୍ଡାଇର ଏସ କେ ବରଖାଇତୁଲ୍ଲା , ଷଣ୍ଢପଲ୍ଲୀ ଗାଁର ଅଭିରାମ ମଲ୍ଲିକ ଓ ରାଜକିଶୋର ମଲ୍ଲିକଙ୍କୁ ଟିମ ମାଡିବସିଥିଲା। ୩ ଜଣଙ୍କୁ ଗିରଫ କରି ରାଜନଗର ରେଞ୍ଜ କାର୍ଯ୍ୟଳୟକୁ ଅଣାଯାଇଛି। ସେମାନକ ଠାରୁ ୧୪ଟି ବଜ୍ରକାପ୍ତା କାତି, ୩ଟି ମୋବାଇଲ ,ଦୁଇଟି ମୋଟରସାଇକେଲ ଜବତ କରାଯାଇଛି। ଭିତରକନିକା ଅଞ୍ଚଳରେ ବଜ୍ରକାପ୍ତା କାଟି ଜବତ ହେବା ପ୍ରଥମ ଘଟଣା ହୋଇଥିବାରୁ ବନବିଭାଗ ଅଧିକ ତତ୍ପର ହୋଇପଡିଛି।

ତୁଳସୀ ମହିଳା ମହାବିଦ୍ୟାଳୟରେ ଖାଦ୍ୟମେଳା

କେନ୍ଦ୍ରାପଡା, ୨୧।୧ (ସଂଚାର ବ୍ୟୁରୋ): ତୁଳସୀ ମହିଳା ମହା ବିଦ୍ୟାଳୟରେ ବାର୍ଷିକ ଖାଦ୍ୟମେଳା -୨୦୨୬ ଅଧକ୍ଷ ଡ଼ ମଥୁରି ଚରଣ ନାୟକଙ୍କ ଅଧକ୍ଷତାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଅଧକ୍ଷ ରଞ୍ଜିତ୍ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ।

ମେଳାରେ ୩୦ ରୁ ଉର୍ଦ୍ଧ ଖାଦ୍ୟ ଷ୍ଟଲ୍‌ରେ ପାରମ୍ପରିକ ତଥା ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ଛାତ୍ରୀମାନଙ୍କ ଦ୍ୱାରା ସ୍ୱଚ୍ଛତାର ସହ ପ୍ରସ୍ତୁତ କରାଯାଇ ପରିବେଷଣ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀ ଅଭିଭାବକ ଏବଂ ମହାବିଦ୍ୟାଳୟର କର୍ମଚାରୀ ମାନେ ଯୋଗ ଦେଇ ବିଭିନ୍ନ ଖାଦ୍ୟର ମଜା ନେଇଥିଲେ । ଏହି ପାରମ୍ପରିକ ଖାଦ୍ୟ ମେଳାରେ ୨୦ ହଜାରରୁ ଉର୍ଦ୍ଧ ମୂଲ୍ୟର ଖାଦ୍ୟ ବିକ୍ରୟ ହୋଇଥିଲା । ସମସ୍ତେ ବହୁ ଉତ୍ସାହର ସହ ମେଳାରେ ଯୋଗଦେଇ ଏହାକୁ ସଫଳ କରିଥିଲେ ।

ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପୁରସ୍କାର ବିତରଣ ଉତ୍ସବ

ପଟ୍ଟାମୁଣ୍ଡାଇ,୨୧।୧(ସଂଚାର ବ୍ୟୁରୋ): ରାଜ୍ୟ ସରକାର ଓ ଜିଲ୍ଲା ସଂସ୍କୃତି ବିଭାଗ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପାଳନ କରାଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ୩୦ଟି ବିଦ୍ୟାଳୟ ଓ ୨ଟି ମହାବିଦ୍ୟାଳୟରେ ବକ୍ତୃତା ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କବିତା ଆବୃତ୍ତି ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷା ଲୟ ଠାରେ ଏକ ପୁରସ୍କାର ବିତରଣୀ ସଭା ଆୟୋଜନ କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଏସ ଡି ପି ଓ ସୁକାନ୍ତ ପାତ୍ର, ଅତିରିକ୍ତ ତହସିଲଦାର ପ୍ରଣବ କୁମାର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ଶ୍ରୀମତୀ ବନ୍ଦନା ପାତ୍ର,ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ପୌର ପରିଷଦ ସି ଓ ତପସ୍ୱିନୀ ଦାଶ କାର୍ଯ୍ୟକ୍ରମ ସମ୍ପର୍କ ରେ ସୂଚନା ଦେଇଥିଲେ । ଶେଷରେ ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା, ଗଣେଶ ଦାସ, ଗଙ୍ଗାଧର ନାୟକ, ପ୍ରଫୁଲ୍ଲ ଦାଶ ଓ ହୃଷିକେଶ ନାଥ ପରିଚାଳନା କରିଥିଲେ ।

ପ୍ରଥମ ଜିଲ୍ଲାସ୍ତରୀୟ ପାରାକ୍ରୀଡ଼ା ପ୍ରତିଯୋଗିତା

କେନ୍ଦ୍ରାପଡା, ୨୧।୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ଦିବ୍ୟାଙ୍ଗ ଯୁବକମାନଙ୍କ କ୍ରୀଡାଦକ୍ଷତାର ପ୍ରଦର୍ଶନ ଓ ସୁଯୋଗ ସୃଷ୍ଟି ନିମନ୍ତେ ପ୍ରଥମ କରି ଜିଲ୍ଲାସ୍ତରୀୟ ପାରାକ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ନବଗଠିତ ଜିଲ୍ଲା ପାରାକ୍ରୀଡା ସଂଘ ଓ ଭିନ୍ନକ୍ଷମଙ୍କ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସର ସହଯୋଗରେ ଏହି ପ୍ରତିଯୋଗିତା ଜଜାଙ୍ଗ ନିକଟସ୍ଥ ଜେନା ପୋଖରୀ ପଡିଆଠାରେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ରାଜ୍ୟ ପାରାକ୍ରୀଡା ସଂଘର ସଂଯୋଜକ ସୁନୀଲ ପ୍ରଧାନ,ବରିଷ୍ଠ ଚିକିତ୍ସକ ଡ଼. ବିଶ୍ୱପ୍ରକାଶ କାନୁନ୍‌ଗୋ ଓ ପାରାକ୍ରୀଡା ସଂଘ, କେନ୍ଦ୍ରାପଡା ଓ ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡ଼ ବିରଜା ରାଉତରାୟ ଏବଂ ଏକାଧିକ ଆନ୍ତର୍ଜାତୀୟ ପାରାକ୍ରୀଡାବିତ୍ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଆନ୍ତର୍ଜାତୀୟ ପାରା ସନ୍ତରଣକାରୀ ମୋନାଲି ସ୍ୱାଇଁ ଓ ସାଥି କ୍ରୀଡ଼ାବିତମାନଙ୍କ ସହ ପାରାକ୍ରୀଡାର ମଶାଲ ଧାରଣ କରି ଏକ ସଂକ୍ଷିପ୍ତ ଶୋଭାଯାତ୍ରାରେ ପଡିଆ ପରିକ୍ରମା କରିଥିଲେ । ଜିଲ୍ଲାର ଏକାଧିକ ଜାତୀୟ ଓ ଆନ୍ତର୍ଜାତୀୟ ପାରାକ୍ରୀଡାବିତ୍ ପ୍ରଶାନ୍ତ ନାୟକ, ବଳରାମ ସ୍ୱାଇଁ, ସୁଧୀର ମଲ୍ଲିକ, ରଞ୍ଜିତ ସେନାପତି ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୦ରୁ ଉର୍ଦ୍ଧ୍ୱ ପାରାକ୍ରୀଡାବିତ ମାନେ କନିଷ୍ଠ ଓ ବରିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ଶେଖ୍ ସୌକତ୍ ଖାନ୍‌ଙ୍କ ତତ୍ତ୍ୱାବଧାନରେ ମୋଟ୍ ଛଅ ଗୋଟି ଇଭେଣ୍ଟରେ ପ୍ରତିଯୋଗିତା କରାଯାଇଥିଲା । ଅପରାହ୍ଣ ରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର୍ ଆଇଆର୍ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଫଳ ପାରା କ୍ରୀଡ଼ାବିତ୍ ମାନଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରିବା ସହ ପାରାକ୍ରୀଡା ସଂଘର ଏହି ପଦକ୍ଷେପ ଜିଲ୍ଲାରେ ଭବିଷ୍ୟତକୁ ଜାତୀୟ ଓ ଆନ୍ତର୍ଜାତୀୟ ପାରାକ୍ରୀଡାବିତ୍ ସୃଷ୍ଟି କରିବାରେ ସୁଯୋଗ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରତିଯୋଗିତାରେ ଆରତୀ ଦେବୀ ସ୍ୱତନ୍ତ୍ର ବିଦ୍ୟାଳୟର ଷ୍ଟାପ୍ ଏବଂ କନିଷ୍ଠ ପାରା କ୍ରୀଡ଼ାବିତ୍ ମାନଙ୍କ ସହ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଗ୍ରହୀ ଯୁବ ପାରାକ୍ରୀଡ଼ାବିତ୍ ମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ ।

ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାବିପତ୍ର ପ୍ରଦାନ କଲା ଠିକାଦାର ସଂଘ

କେନ୍ଦ୍ରାପଡା,୨୧।୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ଠିକାଦାର ସଙ୍ଘ ପକ୍ଷରୁ ଆଜି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଘ ପକ୍ଷରୁ ଉଲ୍ଲେଖ କରାଯାଇଛି କି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ୧୪.୯୯ ଲେସ୍ ଉଛେଦ ଫଳରେ ଠିକାଦାରମାନେ ମନ ଇଚ୍ଛା କମ ରେଟରେ ଟେଣ୍ଡର ପକାଇ କାମ କରୁଛନ୍ତି। ଯାହାଫଳରେ କାମର ଗୁଣବତ୍ତା ରହୁନାହିଁ। ଅତି ନିମ୍ନମାନର କାମ ହେଉଛି। ଫଳରେ କାମର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଏହି ଭଳି କାମ ହୁଏ ଯନ୍ତ୍ରୀ ଓ ଠିକାଦାର ମାଲେମାଲ ହେବେ। ଦିନ ଦୁଇପ୍ରହରେ ସରକାରଙ୍କ ଆଖି ଆଗରେ ଲୁଟ କରିବା ଭଳି। ଯେଉଁ ଠିକାଦାର କମ ରେଟରେ କାମ କରୁଛନ୍ତି ତାଙ୍କ କାମକୁ ଏସ୍ଟିମେଣ୍ଟ ଅନୁଯାଇ ତଦାରଖ କରନ୍ତୁ। ଯଦି ଏପରି ନହୁଏ ବିକାଶ ହେବା ତ ଦୂରର କଥା ଉନ୍ନୟନ ମୂଳକ କାମ ବିନାଶ ଆଡକୁ ଯିବ ବୋଲି ଠିକାଦାର ସଙ୍ଘ କହିଛି। ଯଦି କମ ରେଟରେ କାମ କରୁଥିବା ଠିକାଦାରଙ୍କ କାମକୁ ଯଦି ଯାଞ୍ଚ କରାନଯାଏ ସଂପୃକ୍ତ ଯନ୍ତ୍ରୀ ଓ ବିଭାଗୀୟ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ପାଇଁ ଠିକାଦାର ସଙ୍ଘ ଦାବି କରିବ ବୋଲି ସଙ୍ଘର ଅଭାହକ ଭୁବନମୋହନ ସିଂ କହିଛନ୍ତି।

ସ୍ୱଦେଶୀ ସଂକଳ୍ପ ଦୌଡ଼

ରାଜନଗର,୨୧।୧(ସଂଚାର ବ୍ୟୁରୋ): ଆଜି ସ୍ୱଦେଶୀ ଜାଗରଣ ମଞ୍ଚ ତରଫରୁ ରାଜନଗରରେ ସ୍ୱଦେଶୀ ସଂକଳ୍ପ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଦୌଡ଼ ରାଜନଗର ବ୍ଲକ ପରିସରରୁ ବାହାରି ଭାରତୀୟ ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ ଯାଇଥିଲା । କାର୍ଯ୍ୟକ୍ରମରେ ସ୍ୱଦେଶୀ ଭାରତ, ସମୃଦ୍ଧି ଭାରତ, ଯେବେ ବଜାରରୁ ଜିନିଷ କିଣିବା, ସ୍ୱଦେଶୀ ବସ୍ତୁ କିଣିବା ପାଇଁ ଓ ଫ୍ଲିପକାର୍ଡ, ଆମାଜନ ଛାଡି ବଜାରରୁ ଜିନିଷ କିଣିବା ଇତ୍ୟାଦି ରାଷ୍ଟ୍ରୀୟ ନାରା ଦେଇଥିଲେ । ପରେ ବ୍ୟାଙ୍କ ଛକ ଠାରେ ଭାରତ ମାତା କୋଚିଂ ସେଣ୍ଟରର ଅଧ୍ୟାପକ ସଞ୍ଜୟ କୁମାର ବାଗ ବକ୍ତବ୍ୟ ରଖିବା ସହିତ ସମସ୍ତଙ୍କୁ ସ୍ୱଦେଶୀ ବସ୍ତୁ ବ୍ୟବହାର କରିବାକୁ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମ ବଣିକ ସଙ୍ଘର ସଦସ୍ୟ ଓ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ ।

ସମୀର ଟିଭିଏସ ପକ୍ଷରୁ ମେଗା ରକ୍ତଦାନ ଶିବିର

● ୧୬୪ ୟୁନିଟ ରକ୍ତ ସଂଗୃହୀତ

କେନ୍ଦ୍ରାପଡ଼ା,୨୧।୧(ସଂଚାର ବ୍ୟୁରୋ): ଦୁର୍ଘଟଣାସ୍ଥିତ ସମୀର ଟିଭିଏସ ପକ୍ଷରୁ ଦ୍ୱାବିଂଶତମ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଫିତାକାଟି ଉଦଘାଟନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଆୟାର ସମୀର ଟିଭିଏସର ଏଭଳି ଉଦ୍ୟମକୁ ପ୍ରଶଂସା କରି କହିଥିଲେ ଯେ ରକ୍ତଦାନ ହେଉଛି ମହତ ଦାନ । ଜଣେ ରକ୍ତ ଦାନ କଲେ ଏଥିରେ ୪ଜଣଙ୍କର ଉପକାର ହୋଇଥାଏ । ତେଣୁ ସମସ୍ତେ ଏଭଳି ମହତ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଆଳିକ ପରିବହନ ଅଧିକାରୀ ଲୋକନାଥ ମେହେର ସମ୍ମାନିତ ଅତିଥି ଭା

ପଞ୍ଚାୟତିରାଜ ବିଭାଗର ଉଚ୍ଚସ୍ତରୀୟ ବ୍ୟୟ ସମୀକ୍ଷା ବୈଠକ

ନିର୍ମାଣ କାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୧ (ସଂଚାର ବ୍ୟୁରୋ) : ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଉନ୍ନୟନ ଯୋଜନା ଓ ପ୍ରକଳ୍ପଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ, ପ୍ରକଳ୍ প-ଭିତ୍ତିକ ବଜେଟ୍ ବ୍ୟବହାର ଓ ସାମ୍ପ୍ରତିକ ସ୍ଥିତି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଆଜି ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବ୍ୟୟ ସମୀକ୍ଷା ବୈଠକ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି।

ଏହି ସମୀକ୍ଷା ବୈଠକରେ ଚଳିତ ଆର୍ଥିକ ବର୍ଷରେ ଅନ୍ତ୍ୟୋଦୟ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା, ସହ ଅନ୍ୟାନ୍ୟ ମୁଖ୍ୟ ଗ୍ରାମୀଣ ଗୃହ ନିର୍ମାଣ ଓ ଗ୍ରାମୀଣ ଜଳ ଯୋଗାଣ ଯୋଜନାର ପ୍ରକଳ୍ପ-ଭିତ୍ତିକ ବଜେଟ୍ ବିନିଯୋଗ ଓ ବ୍ୟୟ ବ୍ୟବହାରକୁ ସବିସ୍ତୃତ ଭାବେ ସମୀକ୍ଷା କରାଯାଇଥିଲା। ଉପସ୍ଥିତ ଅଧିକାରୀମାନେ ପ୍ରକଳ୍ପଗୁଡ଼ିକର ଅଗ୍ରଗତି, ସ୍ଥିତି ଓ ବ୍ୟୟ ସମ୍ପର୍କିତ ସମସ୍ତ ତଥ୍ୟ ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି ଅବସରରେ କମିଶନର-ତଥା-ଶାସନ ସଚିବ ଗିରିଶ ଏସ୍.ଏନ୍ ପ୍ରସ୍ତୁତ କରିବାକୁ ଆହ୍ୱାନ କରିଥିଲେ। ଯୋଜନାଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ରଣନୀତି ଉପସ୍ଥାପନ କରିଥିଲେ। ବୈଠକରେ ମନ୍ତ୍ରୀ ଶ୍ରୀ ନାଏକ ଚଳମାନ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରି ପ୍ରକଳ୍ପ-ଭିତ୍ତିକ ବଜେଟ୍ ବ୍ୟବହାରକୁ ଗୁରୁତ୍ୱ ଦେବା, ସହିତ ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀମାନଙ୍କୁ କ୍ଷେତ୍ର ସ୍ତରରେ ଯାଇ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଯାଞ୍ଚ କରିବା ସହ ଆବଶ୍ୟକତା ଅନୁଯାୟୀ ଅନୁଦାନ ରାଶିର ସର୍ବୋତ୍ତମ ବ୍ୟବହାର ନିମନ୍ତେ ସ୍ପଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ଆହ୍ୱାନ କରିଥିଲେ।

ବିଏମ୍‌ସି-ୟୁନିସେଫ ବୁଝାମଣା ସ୍ୱାକ୍ଷରିତ

ରାଜଧାନୀରେ ଶିଶୁ-ଅନୁକୂଳ ସ୍ଥାନ ସୃଷ୍ଟି ଲକ୍ଷ୍ୟ

ଭୁବନେଶ୍ୱର, ୨୧।୧ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ବିକାଶକୁ ଶିଶୁ ସୁଲଭ କରି ଗଢ଼ିବାର ପ୍ରୟାସ ଜାରି ରହିଛି। ଏହି ଉଦ୍ୟମକୁ ବଳ ଦେବା ସକାଶେ ଆଜି ଏଠାରେ ବିଏମ୍‌ସି ଓ ୟୁନିସେଫ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ପ୍ରାଥମିକ ପର୍ଯ୍ୟାୟରେ ଚୟନ ହୋଇଛି ୧୬ ସ୍ଥାନ

ବିଏମସି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ଉପସ୍ଥିତ ଥିବା ବେଳେ ବୁଝାମଣାରେ କମିଶନର ଚଞ୍ଚଳ ରାଣା ଓ ୟୁନିସେଫ୍‌ର ରାଜ୍ୟ ମୁଖ୍ୟ ପ୍ରଶାନ୍ତ ଦାଶ ସ୍ୱାକ୍ଷର କରିଛନ୍ତି।

ଏହି ବୁଝାମଣା ଅନୁସାରେ, ସହରର ବିଭିନ୍ନ ଖୋଲା ସ୍ଥାନରେ ଶିଶୁ ସୁଲଭ ଉପକରଣ ଓ ପ୍ରସ୍ତୁତି କରିବା ଦିଗରେ ବୁଝାମଣାପତ୍ରରେ ଗୁରୁତ୍ୱ ଦିଆଯାଇଛି। ଏକ ନିରାପଦ, ସାମୂହିକ ଶିଶୁ କ୍ଷେତ୍ର, ଉଭୟ ସଂସ୍ଥା ପଦକ୍ଷେପ ନେବେ। ଏଥିସହ ସହରର ବିବିଧ ଯୋଜନା ଓ ବିକାଶ କାର୍ଯ୍ୟକଳାପରେ କିପରି ଶିଶୁଙ୍କ ପାଇଁ ବ୍ୟବସ୍ଥା ଉପଲବ୍ଧ ହୋଇପାରିବ, ଶିଶୁ ସୁଲଭ ସ୍ଥାନ ଚୟନ କରି ସେମାନଙ୍କ ମନଲାଖି ବାତାବରଣ ସୃଷ୍ଟି କରାଯାଇପାରିବ, ସେଥିପ୍ରତି ଏହା ଶିଶୁଙ୍କ ସାମାଜିକ ଭାବ ବିନିମୟକୁ ତ୍ୱରାନ୍ୱିତ କରିବ ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି। ଭୁବନେଶ୍ୱରରେ ଏହାକୁ ଆଗେଇ ନେବା ପାଇଁ ସେ ଜନସାଧରଣଙ୍କ ସହଯୋଗ ମଧ୍ୟ ଲୋଡ଼ିଛନ୍ତି।

ସେହିପରି କମିଶନର୍ ଶ୍ରୀ ରାଣା କହିଛନ୍ତି ଯେ ଶିଶୁ-ଅନୁକୂଳ ସ୍ଥାନ ଯେଉଁଠାରେ ପିଲାମାନେ ସହଜରେ ଓ ମୁକ୍ତ ଭାବରେ ଖେଳିପାରିବେ, ଶିଖିପାରିବେ ଓ ସକ୍ରିୟ ସତେଜ ହୋଇପାରିବେ। ଏହା କେବଳ ଏକ ପାରମ୍ପରିକ ଖେଳପଡ଼ିଆ ନୁହେଁ, ଏହା ଶିଶୁର ଦୈନନ୍ଦିନ ଆବଶ୍ୟକତା ଓ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଆମ ସହରର ଗୁଣାତ୍ମକ ମାନ, ବାସ ଉପଯୋଗିତା ଓ ବିକାଶର ମାନଦଣ୍ଡକୁ ଆଗେଇ ନେବାରେ ଏହିଭଳି କିଛି ପଦକ୍ଷେପ ସହାୟକ ହେବ। ପ୍ରାଥମିକ ଭାବେ ପ୍ରାୟ ୧୬ଟି ସ୍ଥାନ ଚୟନ କରାଯାଇଛି। ତେବେ ଏହି ସବୁ କାର୍ଯ୍ୟ ସ୍ୱଳ୍ପ ବ୍ୟୟରେ ହେବ ବୋଲି ଶ୍ରୀ ରାଣା କହିଛନ୍ତି। ଏହି ସହଭାଗୀତା ଅଧୀନରେ ୟୁନିସେଫ୍ ବୈଷୟିକ ସହାୟତା ପ୍ରଦାନ କରିବାକୁ ଥିବା ବେଳେ ଏନ୍‌ଆଇଟି ରାଉରକେଲାର ଯୋଜନା ଓ ସ୍ଥାପତ୍ୟ ବିଭାଗ ଦାୟିତ୍ୱରେ ରହିବ। ଉଭୟ ବିଏମ୍‌ସି ସହ ମିଶି ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବେ।

ଛାତ୍ରଙ୍କୁ ମାଡ଼ମାରି ଶିକ୍ଷକ ନିଲମ୍ବିତ

ସୁନ୍ଦରଗଡ଼, ୨୧।୧ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକରେ ଛାତ୍ରଙ୍କୁ ମାଡ଼ ମାରିବା ଏବଂ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ବିଲାଇମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରତ୍ନାକର ପ୍ରଧାନଙ୍କୁ ନିଲମ୍ବନ କରାଯାଇଛି। ହେମଗିର ବ୍ଲକ ଶିକ୍ଷା ଅଧିକାରୀ ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ନିଲମ୍ବନ ସମୟରେ ତାଙ୍କର ମୁଖ୍ୟାଳୟ ଅର୍ଜୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ି ଜିଲ୍ଲା ବାହାରକୁ ଯାଇପାରିବେ ନାହିଁ। ନିୟମ ଅନୁଯାୟୀ ନିଲମ୍ବନ ସମୟରେ ତାଙ୍କୁ କେବଳ ଜୀବିକା ନିର୍ବାହ ଭତ୍ତା ମିଳିବ। ବିଦ୍ୟାଳୟରେ ଛାତ୍ରଙ୍କ ପ୍ରତି ଏପରି ବ୍ୟବହାର ଏବଂ ଶିକ୍ଷାଦାନରେ ଅବହେଳାକୁ ବିଭାଗ ପକ୍ଷରୁ ଗୁରୁତର ସହ ନିଆଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ବେଆଇନ ଅସ୍ତ୍ରଶସ୍ତ୍ର ଓ ପଶୁ ଅଙ୍ଗ ରଖି ଗିରଫହେଲେ ୪ ଶିକାରୀ

ଭୁବନେଶ୍ୱର, ୨୧।୧ (ସଂଚାର ବ୍ୟୁରୋ): ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ଓ ପଶୁ ଅଙ୍ଗ ରଖିବା ମାମଲାରେ ଆଜି ୪ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ବଡ଼ଗଡ଼ ବନ ବିଭାଗ ଅଧୀନସ୍ଥ ବୁଢ଼ାମ୍ବ ଗାଁରେ ଏମାନେ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ଓ ପଶୁ ଅଙ୍ଗ ରଖିଥିଲେ। ରେଞ୍ଜର ଅଞ୍ଜନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ ହୋଇଥିଲା। ଗିରଫ ହୋଇଥିବା ଶିକାରୀମାନେ ହେଲେ ବୁଢ଼ାମ୍ବର ସୁବୁଦ୍ଧି ମଣ୍ଡଳ, ଆୟମ ରାଇତ, ଜାକବ ଶବର ଓ ବୁଢ଼ା ଶବର। ଏଥିସହ ସେମାନେ ଶିକାରରେ ବ୍ୟବହାର କରିଥିବା ୩ଟି ଦେଶୀ ବନ୍ଧୁକ ଓ ଝିଙ୍କ କାଠି ବି ଜବତ କରାଯାଇଛି।

ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

● ଲିଭ୍-ଇନ୍ ପାର୍ଟନର୍ ଅଭିଯୁକ୍ତ

ଭୁବନେଶ୍ୱର, ୨୧।୧ (ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଜନୈକା ଯୁବତୀ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି। ଏହି ପୀଡ଼ିତାଙ୍କ ଅଭିଯୋଗକୁ ଆଧାର କରି ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ପରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଅଭିଯୁକ୍ତ ଜଣଙ୍କ ଉକ୍ତ ପୀଡ଼ିତାଙ୍କ ଲିଭ୍-ଇନ୍ ପାର୍ଟନର୍ ବୋଲି ଜଣାପଡ଼ିଛି। ଏହି ମାମଲାରେ ଲକ୍ଷ୍ମୀସାଗର ପୁଲିସ୍ ଅଧିକ ତଦନ୍ତ ଚଳାଇଛି। ମିଳିଥିବା ସୂଚନାନୁସାରେ, ଅଭିଯୁକ୍ତ ଓ ପୀଡ଼ିତା ଉଭୟ ଲକ୍ଷ୍ମୀସାଗରର ବୁଦ୍ଧନଗର ଅଞ୍ଚଳରେ ଏକ ଭଡ଼ାଘରେ ଲିଭ-ଇନ୍‌ରେ ରହିଆସୁଥିଲେ। ତେବେ ଏହି ସମୟ ମଧ୍ୟରେ ତାଙ୍କ ଅନିଚ୍ଛା ସତ୍ତ୍ୱେ ଅଭିଯୁକ୍ତ ଯୁବକ ଜଣଙ୍କ ତାଙ୍କ ସହ ଜୋର ଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଏହାପରେ ପୁଲିସ ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି।

● ରାଉରକେଲା ବିମାନ ଦୁର୍ଘଟଣା ମାମଲା

କାନାଡ଼ା ଯିବ ଭଗ୍ନାବଶେଷ

ଯନ୍ତ୍ରପାତିର ଯାଞ୍ଚ ପରେ ମରାମତି

ରାଉରକେଲା, ୨୧।୧ (ସଂଚାର ବ୍ୟୁରୋ): ଗତ ୧୦ ତାରିଖରେ ଭୁବନେଶ୍ୱରରୁ ରାଉରକେଲା ଆସୁଥିବା ଇଣ୍ଡିଆ ୱାନ୍ ଏୟାରର ଏକ ଛୋଟ ବିମାନ ଲାଠିକଟା ବ୍ଲକ୍ ଜଲଦା ପଞ୍ଚାୟତ କଂସର ନିକଟସ୍ଥ ଗଡ଼ିଆଟୋଲାରେ ଫୋର୍ସ ଲ୍ୟାଣ୍ଡିଂ କରିଥିଲା। ଏହି ଦୁର୍ଘଟଣାରେ ଉକ୍ତ ବିମାନର ୨ ଜଣ ପାଇଲଟ୍‌ଙ୍କ ସମେତ ମୋଟ ୬ ଜଣ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ। ଇତିମଧ୍ୟରେ ସେମାନଙ୍କ ମଧ୍ୟରୁ ଜଣେ ଆହତ ଗତ ୧୮ ତାରିଖରେ ମୃତ୍ୟୁବରଣ କରିଛନ୍ତି। ତେବେ ଇତିମଧ୍ୟରେ ଦୁର୍ଘଟଣାକୁ ସପ୍ତାହେରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଦୁର୍ଘଟଣାର କାରଣ ନେଇ କିଛି ଠୋସ୍ କାରଣ ସାମ୍ନାକୁ ଆସିପାରିନାହିଁ। ଏନେଇ ବିମାନ କର୍ତ୍ତୃପକ୍ଷ ଓ ବିଭାଗୀୟ ସ୍ତରରେ ଏହାର କାରଣ ଖୋଜିବା ଉଦ୍ୟମ ଚାଲିଥିବା ବେଳେ ପର୍ଯ୍ୟାୟ କ୍ରମେ ବିଭାଗୀୟ ଅଧିକାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଅଂଶଗୁଡ଼ିକୁ ଯାଞ୍ଚ କରୁଛନ୍ତି। ତେବେ କ୍ଷତିଗ୍ରସ୍ତ ହୋଇଥିବା ବିମାନର ଅଂଶବିଶେଷ କାନାଡ଼ା ପଠାଯିବାକୁ ନିଷ୍ପତ୍ତି ହୋଇଛି। ଭାଙ୍ଗିଯାଇଥିବା ଯନ୍ତ୍ରପାତି ଅଂଶଗୁଡ଼ିକର ପରୀକ୍ଷା ସେଠାରେ କରାଯିବା ପରେ ସେଗୁଡ଼ିକର ଆବଶ୍ୟକ ମରାମତି କରାଯିବ। ଏଥିସହ ନୂଆ ରୂପରେ ବିମାନ ବି ପ୍ରସ୍ତୁତ କରାଯିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏଥିପାଇଁ କାନାଡ଼ାରୁ ଏକ ସ୍ୱତନ୍ତ୍ର କଣ୍ଟେନର ରାଉରକେଲାରେ ପହଞ୍ଚିବ। ଖୁବ୍‌ଶୀଘ୍ର ରାଉରକେଲାରେ ଏହି କଣ୍ଟେନର ପହଞ୍ଚିବା ପରେ ସେଥିରେ ଆସନ୍ତା ୨୪ରେ ଦୁର୍ଘଟଣାଗ୍ରସ୍ତ ବିମାନର କ୍ଷତିଗ୍ରସ୍ତ ଅଂଶଗୁଡ଼ିକୁ କାନାଡ଼ା ନିଆଯିବାର ବ୍ୟବସ୍ଥା ହୋଇଛି। ଗୋଟିଏ କଣ୍ଟେନରରେ ଇଞ୍ଜିନ୍ ଓ ଅନ୍ୟ ଏକ କଣ୍ଟେନରରେ ଯନ୍ତ୍ରାଂଶ ନିଆଯିବ। ଇଣ୍ଡିଆ ୱାନ୍ ଏୟାରର ୪ ଜଣ ଇଞ୍ଜିନିୟର ଦୁର୍ଘଟଣାସ୍ଥଳକୁ ଯାଇ ବିମାନର ଇଞ୍ଜିନ୍ ଓ ଯନ୍ତ୍ରାଂଶ ଖୋଲିଥିବା ଜଣାପଡ଼ିଛି।

ଚାପଯୁକ୍ତ ପାଇପ୍ ଆଧାରିତ ଜଳସେଚନ ପ୍ରକ୍ରିୟା ସମ୍ପର୍କିତ ଆଲୋଚନାଚକ୍ର

ପାଣିର ଅପଚୟ କମିବ, ଉତ୍ପାଦନରେ ସ୍ଥାୟୀ ବୃଦ୍ଧି ସମ୍ଭବ

ଭୁବନେଶ୍ୱର, ୨୧।୧ (ସଂଚାର ବ୍ୟୁରୋ): ଆଜି ଜଳ ସମ୍ପଦ ବିଭାଗ ପକ୍ଷରୁ 'ଚାପଯୁକ୍ତ ପାଇପ୍ ଆଧାରିତ ଜଳସେଚନ ପ୍ରକ୍ରିୟା ଆପଣାଇବା ପାଇଁ ଗୋଷ୍ଠୀ ସଚେତନତା ଓ ପ୍ରସ୍ତୁତି' ବିଷୟରେ ଏକ ଦିନିକିଆ ଆଲୋଚନାଚକ୍ର ଲୋକସେବା ଭବନସ୍ଥିତ କନଭେନସନ୍ ସେଣ୍ଟରରେ ଅନୁଷ୍ଠିତ ହୋଇଛି। କୃଷି କ୍ଷେତ୍ରରେ ଜଳର ସଠିକ୍ ବ୍ୟବହାର, ଜଳସେଚନ କ୍ଷମତା ବୃଦ୍ଧି ଓ ଗ୍ରାମୀଣ ସ୍ତରରେ କୃଷକଙ୍କ ଆୟ ବୃଦ୍ଧି ଉପରେ ଏହି ଆଲୋଚନାଚକ୍ରରେ ଆଲୋଚନା ହୋଇଥିଲା। ଏଥିରେ ଅନ୍ତର୍ଜାତୀୟ ଓ ରାଷ୍ଟ୍ରୀୟ ସଂଗଠନ, ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ, ଉପଖଣ୍ଡ ଓ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷର ତୃଣମୂଳ ସଦସ୍ୟ, ବିଭିନ୍ନ ଜିଲ୍ଲାର ଶ୍ରେଷ୍ଠ କୃଷକ ଯୋଗଦେଇ ସେମାନଙ୍କ ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ। ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଗୋଷ୍ଠୀଗତ ସହଭାଗିତା, ଜନସାଧାରଣଙ୍କ ସହଭାଗିତା ଉପରେ ଅଧିକ ଗୁରୁତ୍ୱ ଦେବା ସହ ଚାପଯୁକ୍ତ ପାଇପ୍ ଆଧାରିତ ଜଳସେଚନ ପ୍ରଣାଳୀକୁ ଲୋକପ୍ରିୟ କରିବାକୁ ପରାମର୍ଶ ଦେଇଛନ୍ତି। ଏହା ମାଧ୍ୟମରେ ପାଣିର ଅପଚୟ ହ୍ରାସ ହେବା ସହ ସମାନ ଭାବେ ଜଳ ବିତରଣ ଓ ଫସଲ ଉତ୍ପାଦନରେ ସ୍ଥାୟୀ ବୃଦ୍ଧି ସୁନିଶ୍ଚିତ ହେବାର ଆଶା ପ୍ରକାଶ ପାଇଛି।

ସେହିପରି ଅନ୍ତର୍ଜାତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ଭାରତୀୟ ପ୍ରତିନିଧି ଡଃ. ଆଲୋକ ସିକ୍କା ଆଭାସୀ ମାଧ୍ୟମରେ ଯୋଗଦେଇ ଜଳ ପରିଚାଳନାରେ ବିଶ୍ୱସ୍ତରୀୟ ଅନୁଭବ ବର୍ଣ୍ଣନା କରିବା ସହ ଚାପଯୁକ୍ତ ପାଇପ୍ ଆଧାରିତ ଜଳ ସେଚନ ପ୍ରକ୍ରିୟା ମାଧ୍ୟମରେ କୃଷକମାନଙ୍କ ପାଇଁ ଜଳ-ଦକ୍ଷ କୃଷି ପଦ୍ଧତି ବିଷୟରେ ଉପସ୍ଥିତ କୃଷକ ବନ୍ଧୁମାନଙ୍କୁ ଜଣାଇଥିଲେ। ଆଇଆଇଟି ରୁର୍କର ପ୍ରଫେସର ଡ଼. ଦୀପକ ଖାରେ ଆଭାସୀ ମାଧ୍ୟମରେ ଯୋଗଦେଇ ଚାପଯୁକ୍ତ ସେଚନ ପ୍ରଣାଳୀର ପ୍ରଯୁକ୍ତିଗତ ଦିଗ ଓ ଏହାର ଦୀର୍ଘକାଳୀନ ଲାଭ ବିଷୟରେ ଆଲୋକପାତ କରି ଫସଲ ଉତ୍ପାଦନ ଓ କୃଷକ ଆୟ ବୃଦ୍ଧିରେ ସାହାଯ୍ୟକାରୀ ହେବ ବୋଲି ମତପ୍ରକାଶ କରିଥିଲେ। ଜଳ ସମ୍ପଦ ବିଭାଗର ପ୍ଲାନିଂ ଏବଂ ଡିଜାଇନର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଲିଙ୍ଗରାଜ ଗୌଡ଼ ଏବଂ ଡ୍ରେନେଜର ମୁଖ୍ୟ ଯନ୍ତ୍ରୀ ଶ୍ରୀ ଅବିନାଶ ରାଉଲ ଚାପଯୁକ୍ତ ପାଇପ୍ ଆଧାରିତ ଜଳ ସେଚନର ତୃଣମୂଳ ସ୍ତରରେ ପ୍ରୟୋଗ ନିମନ୍ତେ କୃଷକଭାଇମାନଙ୍କୁ ପିପିଟି ଉପସ୍ଥାପନା ମାଧ୍ୟମରେ ବିସ୍ତୃତ ଦିଗଦର୍ଶନ ଦେଇଥିଲେ। ୟୁଏନଡିପିର ଷ୍ଟେଟ୍ ହେଡ୍ ଶ୍ରୀମତୀ ଅଭା ମିଶ୍ର କୃଷି, ଜଳ ସଞ୍ଚୟ ଓ ଜଳବାୟୁ ସହନଶୀଳ କୃଷି ପ୍ରଣାଳୀରେ ଚାପଯୁକ୍ତ ପାଇପ୍ ଆଧାରିତ ଜଳସେଚନ ପ୍ରକ୍ରିୟାର ଭୂମିକାକୁ ଅତି ସରଳ ଭାଷାରେ ଉପସ୍ଥାପନ କରିଥିଲେ, ଯାହା ଗ୍ରାମ୍ୟ କୃଷକଙ୍କୁ ଦୀର୍ଘକାଳୀନ ଲାଭ ପ୍ରଦାନ କରିବ ବୋଲି ସେ ଆଶା କରିଛନ୍ତି। ଆଲୋଚନାଚକ୍ର ପ୍ରାରମ୍ଭରେ ଜଳସମ୍ପଦ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ଓଆଇଆଇପିସିଆରଏ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ନାୟକ ସ୍ୱାଗତ ଅଭିଭାଷଣ ସହ ସଚ୍ଚିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି।

ଯୁବକଙ୍କୁ ଧକ୍କା ଦେଲା ଟ୍ରେନ୍

ମୃତଦେହ ଉପରେ ମାଡ଼ିଗଲା ଇଞ୍ଜିନ୍

ଗୁଣପୁର, ୨୧।୧ (ସଂଚାର ବ୍ୟୁରୋ): ଗୁଣପୁର ରେଳ ଷ୍ଟେସନରେ ଆଜି ଏକ ଦୁର୍ଘଟଣା ଘଟିଛି। ଟ୍ରେନ ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ତେବେ ଉକ୍ତ ଯୁବକଙ୍କ ଅସାବଧାନତା ପାଇଁ ଏପରି ଅଘଟଣ ଘଟିଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ପ୍ରଥମେ ଟ୍ରେନ ଧକ୍କାରେ ଯୁବକଙ୍କ ଜୀବନ ଚାଲିଯାଇଥିବା ବେଳେ ମୃତଦେହ ଉପରେ ପୁଣି ଏକ ଇଞ୍ଜିନ ମାଡ଼ି ଯାଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ସମ୍ପୃକ୍ତ ଯୁବକ ଜଣଙ୍କ ରେଳଲାଇନ ମଝିରୁ ଅନ୍ୟ ପ୍ଲାଟଫର୍ମକୁ ଆସିବା ସମୟରେ ଅଚାନକ ତାଙ୍କୁ ଟ୍ରେନ୍ ଧକ୍କା ଦେଇଥିଲା। ଦ୍ୱିପ୍ରହର ପାଖାପାଖି ୨ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଫଳରେ ଘଟଣାସ୍ଥଳରେ ହିଁ ଯୁବକ ଜଣଙ୍କ ପ୍ରାଣ ହରାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଏନେଇ ପୁଲିସକୁ ଖବର ଦେଇଥିଲେ। କିନ୍ତୁ ଗୁଣପୁର ରେଲୱେ ପୁଲିସ ଉପସ୍ଥିତ ନ ଥିବାରୁ ପାରଳାଖେମୁଣ୍ଡି ରେଲୱେ ପୁଲିସକୁ ସମସ୍ତେ ଅପେକ୍ଷା କରିଥିଲେ। ତେବେ ଏହାରି ଭିତରେ ଟ୍ରେନର ଇଞ୍ଜିନ ବଦଳାଇବା ପ୍ରକ୍ରିୟା ମଧ୍ୟରେ ଉକ୍ତ ବ୍ୟକ୍ତିଙ୍କ ମୃତଦେହ ଉପରେ ଇଞ୍ଜିନ ଚଢ଼ିଯାଇଥିଲା। ଉକ୍ତ ଟ୍ରେନ୍‌ର ଚାଳକ ଜଣଙ୍କ କିପରି ଏହା ଜାଣିପାରିଲେ ନାହିଁ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ମୃତଦେହଟି ରେଲୱେ ଖୁମ୍ ନଂ।୮୯/୧୫ ନିକଟରେ ପଡ଼ିରହିଛି।

ବେଆଇନ ଖଣି ଖନନ ପ୍ରସଙ୍ଗରେ ହାଇକୋର୍ଟ କ୍ଷୁବ୍ଧ

ଦୁଇ ସପ୍ତାହରେ ତଥ୍ୟ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ

କଟକ, ୨୧।୧ (ସଂଚାର ବ୍ୟୁରୋ): ରାଜ୍ୟରେ ଚାଲିଥିବା ବେଆଇନ ଖଣି ଖନନର ସିବିଆଇ ତଦନ୍ତ ଦାବି ସମ୍ପର୍କିତ ମାମଲାରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସାରା ରାଜ୍ୟରେ ବେଆଇନ ଖଣି ଖନନର ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ସହ ଏହାକୁ ରୋକିବା ପ୍ରସଙ୍ଗରେ କ'ଣସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ହାଇକୋର୍ଟ ଜବାବ ତଲବ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରବଣ କୁମାର ଦେବଙ

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ଗୁରୁବାର ୨୨ ଜାନୁଆରୀ ୨୦୨୬, ଭୁବନେଶ୍ୱର
Thursday 22 January 2026, Bhubaneswar

ଟ୍ରମ୍ପ୍ ଟାରିଫ ଓ ଭାରତୀୟ ଅର୍ଥନୀତି

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ଟାରିଫ ନୀତି ଭାରତୀୟ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଛି। ୨୦୨୫ ଅଗଷ୍ଟରେ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ ଲଗାଇଛନ୍ତି। ଏହି ଟାରିଫ ଜରିଆରେ ଭାରତ ରୁଷ ଠାରୁ ତୈଳ କ୍ରୟ କରିବାକୁ ନେଇ ଦଣ୍ଡ ଦେବାକୁ ଚେଷ୍ଟା କରିଛନ୍ତି। ଏହା ଚୀନଠାରୁ ଅଧିକ ଦର ହୋଇଥିବାରୁ ଭାରତର ରପ୍ତାନୀ କ୍ଷେତ୍ରରେ ବଡ଼ ଆଘାତ ଲାଗିଛି।

ଭାରତର ଅର୍ଥନୀତି ଦୁନିଆର ସବୁଠାରୁ ଦ୍ରୁତଗତିରେ ବଢୁଥିବା ଅର୍ଥନୀତି ମଧ୍ୟରୁ ଗୋଟିଏ। କିନ୍ତୁ ଟ୍ରମ୍ପଙ୍କ ଟାରିଫ ଏହାକୁ ପ୍ରଭାବିତ କରିଛି। ଆମେରିକା ଭାରତର ସବୁଠାରୁ ବଡ଼ ରପ୍ତାନୀ ବଜାର, ଯାହା ଭାରତୀୟ ରପ୍ତାନୀର ୧୮ ପ୍ରତିଶତ ଅଂଶ। ୨୦୨୫ ଡିସେମ୍ବରରେ ଆମେରିକାକୁ ରପ୍ତାନୀ ହ୍ରାସ ପାଇଥିବା ବେଳେ ଚୀନକୁ ରପ୍ତାନୀ ବଢ଼ିଛି। ଏହା ଦର୍ଶାଉଛି ଯେ, ଭାରତ ବିକଳ୍ପ ବଜାର ଖୋଜୁଛି। କିନ୍ତୁ ଏହି ଟାରିଫ କାରଣରୁ ଭାରତର ବାଣିଜ୍ୟ ଅସନ୍ତୁଳନ ୨୧.୪ ପ୍ରତିଶତ ବଢ଼ିଛି।

ଟ୍ରମ୍ପ ନୀତିର ପ୍ରଭାବ ଭାରତର ଛୋଟ ଏବଂ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଉପରେ ସବୁଠାରୁ ଅଧିକ ପଡ଼ିଛି। ଏହି କ୍ଷେତ୍ର ଭାରତର ରପ୍ତାନୀ ୪୫ ପ୍ରତିଶତ ଏବଂ ଜିଡିପିର ୩୦ ପ୍ରତିଶତ ଯୋଗଦାନ କରୁଛି। ଟେକ୍ସଟାଇଲ, ଡାଏମଣ୍ଡ, ରସାୟନିକ ଏବଂ ଫାର୍ମାସ୍ୟୁଟିକାଲ୍ କ୍ଷେତ୍ରରେ ରପ୍ତାନୀ ହ୍ରାସ ପାଇଛି। ଏଚ୍-୧ବି ଭିସା ଫିସ ବଢ଼ାଇବା ଦ୍ୱାରା ଆଇଟି ସେକ୍ଟର ପ୍ରଭାବିତ ହୋଇଛି, ଯାହା ଭାରତୀୟ କମ୍ପାନୀମାନଙ୍କର ଟିସିଏସ୍, ଇନ୍ଫୋସିସ ଭଳି କମ୍ପାନୀର ଷ୍ଟକ୍ ମୂଲ୍ୟ ହ୍ରାସ କରିଛି। ଏହି କାରଣରୁ ବେରୋଜଗାରୀ ଏବଂ ଉତ୍ପାଦନ ହ୍ରାସର ମଧ୍ୟ ଆଶଙ୍କା ରହିଛି।

କିନ୍ତୁ ଭାରତୀୟ ଅର୍ଥନୀତିର ସାମର୍ଥ୍ୟ ଉପରେ ଆସ୍ଥା ରଖିବା ଉଚିତ। ରାଷ୍ଟ୍ରସଂଘର ଅନୁମାନ ଅନୁସାରେ, ୨୦୨୫-୨୬ରେ ଭାରତର ଜିଡିପି ୬.୨ ପ୍ରତିଶତ ବଢ଼ିବ, ଯାହା ଟାରିଫ ପ୍ରଭାବକୁ ସମ୍ଭାଳିବା ଆଇଏମ୍ଏଫ ମଧ୍ୟ ୬.୬ ପ୍ରତିଶତରୁ ୬.୩ ପ୍ରତିଶତକୁ ବୃଦ୍ଧି ଅନୁମାନ କରିଛି। ଘରୋଇ ଉପଭୋଗ, ସରକାରୀ ନିବେଶ ଏବଂ ଟ୍ୟାକ୍ସ ସଂସ୍କାର ଏହାକୁ ସହାୟକ ହେଉଛି। ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି ଦେଖାଯାଉଛି, ଯାହା ଟ୍ରମ୍ପ୍ ଟ୍ୟାରିଫକୁ ପ୍ରତିରୋଧ କରୁଛି।

ସରକାରର ପଦକ୍ଷେପ ପ୍ରଶଂସନୀୟ। ୨୦୨୬ ବଜେଟରେ ଏମ୍ଏସ୍ଏମ୍ଇଙ୍କ ପାଇଁ ଟ୍ରେଡ ରେଜିଲିଏନ୍ସ ଫଣ୍ଡ ଏବଂ ଅନ୍ୟାନ୍ୟ ସହାୟତା ଯୋଜନା ରହିବା ବଜାର ବିବିଧୀକରଣ, ନିର୍ଯ୍ୟାତ ପ୍ରୋତ୍ସାହନ ଏବଂ ଆଇ ଏବଂ କ୍ଲିନ୍ ଏନର୍ଜି ଭଳି ନୂଆ କ୍ଷେତ୍ରରେ ନିବେଶ ଆବଶ୍ୟକ। ଫାରିଡ୍ ଜାକାରିଆଙ୍କ ମତରେ, ଭାରତ ଧୈର୍ଯ୍ୟବାନ ହୋଇ ଦୀର୍ଘକାଳୀନ ଅର୍ଥନୀତିକୁ ଧ୍ୟାନ ଦେବା ଉଚିତ। ଟ୍ରମ୍ପଙ୍କ ଅସ୍ଥିରତାକୁ ଅଣଦେଖା କରି ଭାରତ ନିଜର ଶକ୍ତି ବଢ଼ାଇବା ଦରକାର।

ଟ୍ରମ୍ପ ଟାରିଫ ଏକ ଚ୍ୟାଲେଞ୍ଜ, କିନ୍ତୁ ଭାରତର ସମ୍ଭାବନା ଅସୀମ। ସଂସ୍କାର, ନିବେଶ ଏବଂ ରଣନୀତିକ ପଦକ୍ଷେପ ଦ୍ୱାରା ଭାରତ ଏହାକୁ ଜୟ କରିପାରିବ। ଏହା ଭାରତକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଅର୍ଥନୀତି କରିବାର ସୁଯୋଗ ଦେବ। ସମୟ ଭାରତର ପକ୍ଷରେ ଅଛି – ଏହାକୁ ଉପଯୋଗ କରିବା ଦରକାର।

ବିଶ୍ୱବ୍ୟାପୀ ମା' ସରସ୍ୱତୀ: ଏକ ସାଂସ୍କୃତିକ ଝଲକ

ରାଜେଶ କୁମାର ବାରିକ୍

ଓଡ଼ିଶାରେ ସରସ୍ୱତୀ ପୂଜା କେବଳ ଏକ ଧାର୍ମିକ ପର୍ବ ନୁହେଁ, ବରଂ ଏହା ଏକ ବଡ଼ ସାଂସ୍କୃତିକ ଓ ଭାବଗତ ଉତ୍ସବ। ଓଡ଼ିଶାରେ ଏହି ଦିନକୁ "ଶ୍ରୀପଞ୍ଚମୀ" ଭାବେ ଅତ୍ୟନ୍ତ ଭକ୍ତିର ସହ ପାଳନ କରାଯାଏ।ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ 'ରାଜରାଜେଶ୍ୱର ବେଶ' ବା ସୁନାବେଶ ହୁଅନ୍ତି। ରଥଯାତ୍ରା ପାଇଁ ପ୍ରଥମ ପଦକ୍ଷେପ ଭାବେ ଏହି ଦିନ 'ରଥ କାଠ ଅନୁକୂଳ' କରାଯାଏ। ବନଯାଗ ପରେ ଆସିଥିବା କାଠ ଗଣ୍ଡିକୁ ପବିତ୍ର ଶ୍ରୀପଞ୍ଚମୀ ତିଥିରେ ପୂଜାର୍ଚ୍ଚନା କରାଯାଇ ରଥ ନିର୍ମାଣର ଶୁଭାରମ୍ଭ ହୁଏ।ଓଡ଼ିଶାର ପ୍ରତିଟି ସ୍କୁଲ୍ ଓ କଲେଜରେ ଏହି ଦିନ ପର୍ବର ମାହୋଲ ଥାଏ। ଛାତ୍ରଛାତ୍ରୀମାନେ ନୂଆ ପୋଷାକ ପିନ୍ଧି, ସକାଳୁ ଉପବାସ ରହି ମା'ଙ୍କ ପୂଜାରେ ସାମିଲ ହୁଅନ୍ତି। ସବୁଠାରୁ ବଡ଼ କଥା ହେଉଛି, ଏହି ଦିନ ପିଲାମାନେ ପାଠ ପଢ଼ନ୍ତି ନାହିଁ, ବରଂ ବହି-କଲମ ମା'ଙ୍କ ପାଦତଳେ ରଖି ପୂଜା କରନ୍ତି। କିଛି ହେତୁବାଦୀ ମାନେ ଦାବୀ କରନ୍ତି ଯେ ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶରେ ଶିକ୍ଷା ପ୍ରତିଶତକ ଅଧିକ କିପରି ଯେତେବେଳେ ସେ ମାଁ ସରସ୍ୱତୀ ଙ୍କୁ ପୂଜା କରନ୍ତି ନାହିଁ । ସେମାନଙ୍କୁ ଦର୍ଶାଇବା ପାଇଁ ଚାହିଁବି ଯେ ମାଁ ସରସ୍ୱତୀ କେବଳ ଓଡ଼ିଶା ବା ଭାରତ ର ପୂଜା ପାଆନ୍ତି ତାହା ନୁହେଁ , ବିଶ୍ୱର ବିଭିନ୍ନ ସଂସ୍କୃତିରେ ଏପରି ଅନେକ ଦେଶ ଅଛନ୍ତି ସେମାନେ ମାଁ ସରସ୍ୱତୀ ଙ୍କୁ ଆଦରର ସହକାରେ ପୂଜା କରିଥାନ୍ତି। କିନ୍ତୁ ଭିନ୍ନ ନାମରେ ଭିନ୍ନ ପୂଜା ପଦ୍ଧତିରେ ଜାପାନରେ ମାଁ ସରସ୍ୱତୀଙ୍କୁ 'ବେଞ୍ଚାଇଟେନ୍' କୁହାଯାଏ। ସେ ସେଠାରେ ଅତ୍ୟନ୍ତ ଲୋକପ୍ରିୟ। ସରସ୍ୱତୀଙ୍କ ପରି ସେ ବୀଣା ଭଳି ଏକ ବାଦ୍ୟଯନ୍ତ୍ର ଧରିଥାନ୍ତି। ଜାପାନରେ ପ୍ରତିବର୍ଷ ଜାନୁଆରୀ ମାସରେ ଏବଂ ସେପ୍ଟେମ୍ବର ମାସରେ ତାଙ୍କର ବିଶେଷ ପୂଜା ହୁଏ। ତାଙ୍କୁ ସାଧାରଣତଃ ଜାପାନର ନୂତନ ବର୍ଷ (SHOGATSU) ସମୟରେ ସାତ ଜଣ ଭାଗ୍ୟଶାଳୀ ଦେବତାଙ୍କ ମଧ୍ୟରୁ ଜଣେ ଭାବେ ପୂଜା କରାଯାଏ। 'ଏନୋଶିମା' ଦ୍ୱୀପରେ ତାଙ୍କର ବଡ଼ ମହୋତ୍ସବ ଅନୁଷ୍ଠିତ ହୁଏ। ସେ ପ୍ରବାହର ଦେବୀ (ସଙ୍ଗୀତ, ବାଣୀ, ଏବଂ ଜଳ)। ସେ ସୌଭାଗ୍ୟ, ଜ୍ଞାନ ଏବଂ ସାହିତ୍ୟର ସଂରକ୍ଷକ ଭାବେ ପୂଜା ପାଆନ୍ତି। ପ୍ରାଚୀନ ଗ୍ରୀକ୍ ପୁରାଣରେ ଆଥେନାଙ୍କ ସ୍ଥାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମାଁ ସରସ୍ୱତୀଙ୍କ ପରି ସେ ଜ୍ଞାନର ଦେବୀ, କିନ୍ତୁ ସେ ମୁଖ୍ୟତଃ 'ରଣନୈତିକ ବୁଦ୍ଧି' ପାଇଁ ଜଣାଶୁଣା। ସେ କଳା, ହସ୍ତଶିଳ୍ প, ଶିକ୍ଷା ଏବଂ ଯୁଦ୍ଧ କୌଶଳର ଦେବୀ। ସେ ମଣିଷକୁ ସଭ୍ୟତା ଏବଂ ବିଜ୍ଞାନ ଶିଖାଇଥିଲେ ବୋଲି ବିଶ୍ୱାସ କରାଯାଏ। ପ୍ରାଚୀନ କାଳରେ ଜୁଲାଇ ମାସର ମଧ୍ୟଭାଗରେ ତାଙ୍କର ପୂଜା କରାଯାଉଥିଲା। ପାନାଥେନାଇକ୍ ମହୋତ୍ସବ (PANATHENAIC FESTIVAL)। ଏହା ପ୍ରାଚୀନ ଗ୍ରୀସର ସବୁଠାରୁ ବଡ଼ ଧାର୍ମିକ ପର୍ବ ଥିଲା, ଯେଉଁଥିରେ ଖେଳକୁଦ, ସଙ୍ଗୀତ ଏବଂ କବିତା ପ୍ରତିଯୋଗିତା ହେଉଥିଲା। ରୋମାନ୍ ପରମ୍ପରାରେ ମିନର୍ଭାଙ୍କୁ ସର୍ବଶ୍ରେଷ୍ଠ ବୋଲି ମାନାଯାଏ। ସେ ମଧ୍ୟ । ମାଁ ସରସ୍ୱତୀଙ୍କ ପରି କୁମାରୀ ଦେବୀ ଏବଂ ବୁଦ୍ଧିର ପ୍ରତୀକ। ଶିକ୍ଷା, ବାଣିଜ୍ୟ, କବିତା ଏବଂ ସଙ୍ଗୀତର ଉନ୍ନତି କରିବା ତାଙ୍କର ମୁଖ୍ୟ କାର୍ଯ୍ୟ। ସେ ମୁଖ୍ୟତଃ ବିଦ୍ୟାଳୟ ଏବଂ ଶିକ୍ଷାର୍ଥୀଙ୍କ ଦେବୀ। ପ୍ରତିବର୍ଷ ମାର୍ଚ୍ଚ ୧୯ ରୁ ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ କ୍ୱିନକ୍ୱାଟ୍ରିଆ (QUINQUATRIA)ଏହି ପାଞ୍ଚ ଦିନ ଛାତ୍ର ଏବଂ ଶିକ୍ଷକମାନେ ଛୁଟି ପାଳନ କରୁଥିଲେ ଏବଂ ମିନର୍ଭାଙ୍କୁ ବିଦ୍ୟା ଓ ବୁଦ୍ଧି ପାଇଁ ଧନ୍ୟବାଦ ଅର୍ପଣ କରୁଥିଲେ। ଇଜିପ୍ଟର ପ୍ରାଚୀନ ଇତିହାସରେ ସେଶାତଙ୍କୁ ଲେଖାର ଦେବୀ କୁହାଯାଏ। ମାଁ ସରସ୍ୱତୀ ଯେପରି ବେଦର ଜନନୀ, ସେଶାତ ସେପରି ଲିପି ଏବଂ ପୁସ୍ତକର ଦେବୀ। ସେ ଇତିହାସ ଲିପିବଦ୍ଧ କରିବା, ଗଣିତ, ଜ୍ୟୋତିଷ ଶାସ୍ତ୍ର ଏବଂ ପାଠାଗାରର ଦାୟିତ୍ୱରେ ଥାଆନ୍ତି। ସେ ସବୁବେଳେ ହାତରେ ଏକ କଲମ ଏବଂ ତାଳପତ୍ର ଧରିଥାନ୍ତି। ପ୍ରାଚୀନ ଇଜିପ୍ଟରେ ସେଶାତଙ୍କ ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଦିନ ନଥିଲା, ବରଂ ନୂତନ ମନ୍ଦିର ନିର୍ମାଣ କିମ୍ବା ଗୁରୁତ୍ୱପୂର୍ଣ୍ଣ ରାଜକୀୟ କାର୍ଯ୍ୟ ଆରମ୍ଭ ବେଳେ ତାଙ୍କୁ ପୂଜା କରାଯାଉଥିଲା। ତାଙ୍କୁ ବିଶେଷ କରି 'ପେଡ୍ଜ୍ ଶେଶ୍' (PEDJ SHESH) ନାମକ ଏକ ରାତିନୀତି ସମୟରେ ପୂଜା କରାଯାଉଥିଲା, ଯେଉଁଠାରେ ନୂଆ ପ୍ରାସାଦ ବା ପିରାମିଡ୍‌ର ମାପ ଚିହ୍ନଟ କରାଯାଉଥିଲା। ଆୟର୍ଲାଣ୍ଡ ଏବଂ ୟୁରୋପର କିଛି ଅଂଶରେ ବ୍ରିଗିଡ୍ ଜ୍ଞାନର ଆଲୋକ ଭାବେ ପୂଜା ପାଆନ୍ତି। ମାଁ ସରସ୍ୱତୀଙ୍କ ପରି ସେ କବିତା ଏବଂ ପ୍ରେରଣାର ଦେବୀ। କବିମାନଙ୍କୁ ଶକ୍ତି ଦେବା, ଚିକିତ୍ସା ବିଜ୍ଞାନ ଶିଖାଇବା ଏବଂ କୃଷି କାର୍ଯ୍ୟରେ ଜ୍ଞାନ ପ୍ରଦାନ କରିବା ତାଙ୍କର କାମ। ଇମ୍ବୋକ୍ କୁ ମୁଖ୍ୟତଃ ଫେବୃଆରୀ ୧ ତାରିଖ (କିମ୍ବା ରାତିରୁ ଆରମ୍ଭ ହୋଇ ଫେବୃଆରୀ ୨ ପର୍ଯ୍ୟନ୍ତ) ପାଳନ କରାଯାଏ । କେତେକ ଆଧୁନିକ ପେଗାନ୍/ଡ୍ରୁଇଡ୍ ଏହାକୁ ଖଗୋଳୀୟ ମଧ୍ୟବିନ୍ଦୁ ଅନୁଯାୟୀ (ଶୀତ ସଂକ୍ରାନ୍ତି ଓ ବସନ୍ତ ବିଷୁବ ମଧ୍ୟରେ ମଧ୍ୟବର୍ତ୍ତୀ ଦିନ) ଗଣନା କରନ୍ତି, ଯାହା ସାଧାରଣତଃ ଫେବୃଆରୀ ୨-୪ ମଧ୍ୟରେ ପଡ଼େ । ପୂଜାରେ ଅଗ୍ନି (ବୋନ୍‌ଫାୟାର୍), ବ୍ରିଗିଡ୍ଙ୍କ କ୍ରସ୍ (BRIGID'S CROSS) ତିଆରି, ଘରେ ବ୍ରିଗିଡ୍ଙ୍କ ପ୍ରତିମୂର୍ତ୍ତି ରଖିବା, ପ୍ରାର୍ଥନା, ହିଲିଂ ରିଚୁଆଲ୍ ଓ ଫେଷ୍ଟିଭାଲ୍ ହୋଇଥାଏ । ଖ୍ରୀଷ୍ଟିଆନ୍ ପରମ୍ପରାରେ (SAINT BRIGID ଭାବରେ): ଫେବୃଆରୀ ୧ ତାରିଖ ହେଉଛି SAINT BRIGID'S DAY (LÁ FHÉILE BRÍDE)। ଏହା ଆୟର୍‌ଲ୍ୟାଣ୍ଡରେ ଏକ ବଡ଼ ପର୍ବ, ଯେଉଁଠାରେ ସେଣ୍ଟ୍ ବ୍ରିଗିଡ୍‌ଙ୍କୁ ସମ୍ମାନ ଦିଆଯାଏ। ପୂର୍ବରୁ ପେଗାନ୍ ଦେବୀ ବ୍ରିଗିଡ୍‌ଙ୍କ ପୂଜାକୁ ଖ୍ରୀଷ୍ଟିଆନ୍ ଧର୍ମରେ ସମାହିତ କରାଯାଇଥିଲା । ଆଧୁନିକ ଆୟର୍‌ଲ୍ୟାଣ୍ଡରେ ଏହି ଦିନ ବ୍ୟାଙ୍କ ହଲିଡେ ଭାବରେ ପାଳନ ହେବାର ପ୍ରସ୍ତାବ ରହିଛି । ଭାରତବର୍ଷ ରେ ଓଡ଼ିଶା , ପଶ୍ଚିମ ବଙ୍ଗ, ବିହାର , ଆସାମ , ଝାଡଖଣ୍ଡ ରେ ସ୍କୁଲ କଲେଜ, କ୍ଲବ ପ୍ରତିଷ୍ଠାନ ମାନଙ୍କରେ ବଡ଼ ଆନନ୍ଦ ଉଲ୍ଲାସର ରେ ପୂଜା ହେଉଥିବା ବେଳେ , ଗୁଜୁରାଟ, ମହାରାଷ୍ଟ୍ରର, ତ୍ରିପୁରା,ମଣିପୁର,ମେଘାଳୟ,ଉତ୍ତର ପ୍ରଦେଶ (ବିଶେଷକରି ପୂର୍ବଭାଗ.), ଛତିଶଗଡ଼ ର କିଛି କିଛି ଅଞ୍ଚଳ ରେ ପୂଜା କରାଯାଏ । ଭିନ୍ନ ପଦ୍ଧତି ଭିନ୍ନ ନାମ ରହିଲେ ବି ମାଁ ସରସ୍ୱତୀ ସାରା ବିଶ୍ୱର ଅଜ୍ଞାନ ଅନ୍ଧକାର କୁ ଦୂର କରିଥାନ୍ତି ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଦେବେନ୍ଦ୍ରପୁର , ଅଭଣା , ବାଲେଶ୍ୱର ୯୯୯୮୨୨୨୩୩୬

ପରାକ୍ରମ ଓ ପ୍ରେରଣାର ପ୍ରତୀକ ନେତାଜୀ

କିଶୋର ଚନ୍ଦ୍ର ବେହେରା

ଇତିହାସ ପୃଷ୍ଠାରେ ଦେଶ, ଜାତି ପାଇଁ ସଂଗ୍ରାମ କରିଥିବା ବହୁ ବୀର ପୁରୁଷଙ୍କ ବୀରତ୍ୱର ଗରିମା ଦେଖିବାକୁ ପାଉ। ଭାରତମାତା ତା'ର ବୀର ସଂଗ୍ରାମୀମାନଙ୍କ ଦେଶପ୍ରେମ, ବୀରତ୍ୱ ଯୋଗୁଁ ଗର୍ବିତ ଓ ଗୌରବାନ୍ୱିତ। ଭାରତ ବର୍ଷରେ ନେତା ବା ନେତୃତ୍ୱ ର କୌଣସି ଅଭାବ ନାହିଁ, ମାତ୍ର ଏହି ଶହେ ପଇଁତାଳିଶ କୋଟିରୁ ଉର୍ଦ୍ଧ୍ୱ ଦେଶବାସୀ ମଣ୍ଡିତ ଦେଶରେ କେବଳ ଜଣଙ୍କୁ ହିଁ ସଭିଏଁ ଶ୍ରଦ୍ଧା ଓ ସମ୍ମାନର ସହ ନେତାଜୀ ଭାବେ ସମ୍ବୋଧନ କରନ୍ତି, ସେ ଅନ୍ୟ କେହି ନୁହଁନ୍ତି ପବିତ୍ର ଉତ୍କଳ ଭୂମିରେ ଜନ୍ମିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ସମଗ୍ର ପୃଥିବୀ ଇତିହାସରେ ଯେଉଁ କେତେକ ନେତାଙ୍କ ସୁନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ସେମାନଙ୍କର ଦେଶଭକ୍ତି, ତ୍ୟାଗ ଓ ଆତ୍ମୋତ୍ସର୍ଗର ମୂର୍ତ୍ତିମନ୍ତ ଭାବରେ ନାମ ଅର୍ଜନ କରିଛନ୍ତି, ସେମାନଙ୍କ ମଧ୍ୟରୁ ସୁଭାଷ ଚନ୍ଦ୍ର ବୋଷ ହେଉଛନ୍ତି ଅନ୍ୟତମ। ଜନ୍ମଭୂମି ପାଇଁ ତାଙ୍କର ବଳିଦାନ ପ୍ରକୃତରେ ଉଲ୍ଲେଖନୀୟ ଓ ଅବର୍ଣ୍ଣନୀୟ। ନେତାଜୀ ଭାରତର ଏମିତି ଜଣେ ବୀରପୁତ୍ର ଥିଲେ ଯିଏ ଦେଶକୁ ସ୍ୱାଧୀନ କରିବାକୁ ବ୍ରିଟିଶମାନଙ୍କ ସହ ମୁହାଁମୁହିଁ ଲଢ଼ିବାକୁ ସ୍ଥିର କରିଥିଲେ। ଏଥିପାଇଁ ସେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ନିଜର ସ୍ୱାଭିମାନୀ ଓ ଦେଶପ୍ରେମକୁ ସଦାସର୍ବଦା ଶୀର୍ଷ ସ୍ଥାନରେ ରଖିଥିଲେ। ପୃଥିବୀର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କଠାରୁ ଆରମ୍ଭ କରି କୋଣାର୍କ ମୁଣ୍ଡି ମାରିଥିବା ଧର୍ମପଦ, ଭଗତ ସିଂଙ୍କ କଥା ଚିନ୍ତାକଲା ବେଳେ ସୁଭାଷ ଚନ୍ଦ୍ର ବୋଷଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରାଜନୀତି ଓ ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ବେଳେ ଆଧ୍ୟାତ୍ମିକ ଚିନ୍ତାଧାରା ଦ୍ୱାରା ମଧ୍ୟ ବେସ୍ ଉଚ୍ଚକୋଟୀର ହୋଇଥିଲା। ବିଶିଷ୍ଟ ଐତିହାସିକ ହିନ୍ଦୁ ରାଷ୍ଟ୍ରବାଦୀ ପ୍ରଫେସର ରାମଚନ୍ଦ୍ର ମଜୁମଦାର ମତବ୍ୟକ୍ତ କରିଛନ୍ତି 'ଗାନ୍ଧିଜୀଙ୍କ ପରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଅଧିକତମ ପ୍ରଭାବଶାଳୀ ବ୍ୟକ୍ତି ନିଃସନ୍ଦେହ ଭାବରେ ସୁଭାଷ ଚନ୍ଦ୍ର ବୋଷ'। ନେତାଜୀ ଯୁବଶକ୍ତି ପ୍ରସଙ୍ଗରେ ଆହ୍ୱାନ ଦେଇ କହୁଥିଲେ, 'ବନ୍ଧୁଗଣ ଯୁବଶକ୍ତିର ଜାଗରଣରେ ସାହାଯ୍ୟ କର। ଯୁବ ଆନ୍ଦୋଳନ ପାଇଁ ସଙ୍ଗଠନ ଗଢ଼ିଉଠୁ। ଆତ୍ମସଚେତନ ଯୁବଶକ୍ତି କେବେଳ କାର୍ଯ୍ୟ କରିବ ନୁହେଁ, ସ୍ୱପ୍ନ ମଧ୍ୟ ଦେଖିବ, କେବଳ ଧ୍ୱଂସ କରିବ ନାହିଁ, ନିର୍ମାଣ ମଧ୍ୟ କରିବ। ଆମେ ସବୁ ବିଫଳ ହୋଇଯିବା କିନ୍ତୁ ଯୁବଶକ୍ତି ବିଫଳ ହେବନାହିଁ। ଆମମାନଙ୍କ ପାଇଁ ସେମାନେ ଏକ ନବଭାରତ ନିର୍ମାଣ କରିବାରେ ସଫଳ ହୋଇପାରିବ। ସମସ୍ତ ବ୍ୟର୍ଥତା, ସମସ୍ତ ପରୀକ୍ଷା ଓ ଅତୀତର ତିକ୍ତ ଅଭିଜ୍ଞତାରୁ, ଯୁବଶକ୍ତି ସଫଳତା ଦିଗରେ କାର୍ଯ୍ୟ କରିଯିବ। ଯଦି ସାମ୍ପ୍ରଦାୟିକତା ଓ ଅନ୍ଧବିଶ୍ୱାସକୁ ଆମେ ଦୂର କରିବାକୁ ଚାହୁଁ, ତାହାହେଲେ ଯୁବକମାନଙ୍କ ଭିତରେ ହିଁ ଆମକୁ କାର୍ଯ୍ୟ କରିବାକୁ ହେବ'।

ନେତାଜୀ ଭାରତର ପରାକ୍ରମ ଓ ପ୍ରେରଣାର ପ୍ରତିମୂର୍ତ୍ତି। ନିଜ ଭୂମିରେ ନିଜ ସରକାର ପାଇଁ ସେ ସଂକଳ୍ପ ନେଇଥିଲେ। ଆଣ୍ଡାମାନରେ ତ୍ରିରଙ୍ଗା ଉଡ଼ାଇ ସେ ନିଜ ସଂକଳ୍ପ ପୂରା କରିଥିଲେ। ଯଦିଓ ସେ ଚରମପନ୍ଥୀ ଚିନ୍ତାଧାରାର ବ୍ୟକ୍ତିତ୍ୱର ପରିଚୟ, ଦେଶପ୍ରେମୀ ଭାବରେ କଦାପି ଭୁଲି ନାହାଁନ୍ତି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ନୀତିର ଚିନ୍ତାଧାରାକୁ। ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ୧୯୪୩ ମସିହାରେ ଗଠନ କରାଯାଇଥିବା ଗରିଲା ରେଜିମେଣ୍ଟକୁ ତିନିଗୋଟି ବ୍ରିଗେଡ ମଧ୍ୟରେ ବିଭକ୍ତ କରାଯାଇଥିଲା। ଭାରତୀୟ ଜାତୀୟ ବାହିନୀର ଗାନ୍ଧି, ଆଜାଦ ଏବଂ ନେହେରୁ ନାମରେ ନାମକରଣ କରାଯାଇ ଏହାର ନେତୃତ୍ୱ ନେଉଥିଲେ ଶାହାନଧୟ୍ୟାଜ ଖାଁ। ନେତାଜୀ ହିଂସା କୁ ଭଲ ପାଉଥିଲେ ତାହା ଏକ ଭ୍ରାନ୍ତ ଧାରଣା, ସେ ଅହିଂସା ର ପକ୍ଷ ରେ ଥିଲେ ମାତ୍ର ଆବଶ୍ୟକ ସ୍ଥଳେ ହିଂସାର ପନ୍ଥା କୁ ସମର୍ଥନ କରୁଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ନୀତିରେ ଅଗ୍ରସର ହୋଇ ଦେଶବାସୀ ସ୍ୱାଧୀନତାର ସ୍ୱାଦ ଚାଖିଥିଲେ। ଏବେ ଯଦି ଭାରତର ସ୍ୱାଧୀନତା ବିଷୟରେ ଚର୍ଚ୍ଚା କରିବା, ତେବେ 'ଆଜାଦ୍ ହିନ୍ଦ ଫୌଜ' ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ କଦାପି ଏଡ଼ାଇ ଦିଆଯାଇପାରିବ ନାହିଁ।

'ଆଜାଦ୍ ହିନ୍ଦ ଫୌଜ'ର ଅଦମ୍ୟ ସାହସ ଆଗରେ ଦିନେ ହାର ମାନିଥିଲେ ଇଂରେଜ ସରକାର, ଯାହା ଇତିହାସର ପୃଷ୍ଠାରେ ଚିରଦିନ ପାଇଁ ଅମର ଅକ୍ଷରରେ ଲେଖାହୋଇ ରହିଛି। ୧୯୪୨ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଭାରତକୁ ଇଂରେଜମାନଙ୍କ କବଳରୁ ସ୍ୱତନ୍ତ୍ର କରିବା ପାଇଁ ଗଠନ ହୋଇଥିଲା ଏକ ସଶସ୍ତ୍ର ସେନା 'ଆଜାଦ୍ ହିନ୍ଦ ଫୌଜ୍' ବା ଭାରତୀୟ ଜାତୀୟ ବାହିନୀ। ଜାପନ ସହାୟତାରେ ଏହାକୁ ପତିଷ୍ଠା କରିଥିଲେ ରାସବିହାରୀ ବୋଷ। ବିଶ୍ୱଯୁଦ୍ଧରେ ଜାପାନ ଦ୍ୱାରା ବନ୍ଦି ହୋଇଥିବା ଭାରତୀୟ ସୈନ୍ୟଙ୍କୁ ନେଇ 'ଆଜାଦ୍ ହିନ୍ଦ ଫୌଜ୍' ନାମରେ ଏହା ଗଠନ କରାଯାଇଥିଲା। ଏହା ପରେ ବର୍ମା ଏବଂ ମଲାୟାରେ ଥିବା ଭାରତୀୟ ସ୍ୱୟଂସେବକଙ୍କୁ ଦଳରେ ଭର୍ତ୍ତି କରାଯାଇ ଏକ ମଜବୁତ

ପୋଖରୀରେ ଖସିଲା ସେନା ବିମାନ

ନୂଆଦିଲ୍ଲୀ ୨୧।୧: ଉତ୍ତର ପ୍ରଦେଶର ପ୍ରୟାଗରାଜରେ ସେନାର ଏକ ଟ୍ରେନିଂ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି ବିଦ୍ୟାବାହିନୀ ସ୍କୁଲ ପାଖରେ ଥିବା ଏକ ପୋଖରୀରେ ଖସିପଡ଼ିଛି। ସ୍ଥାନୀୟ ବାସିନ୍ଦାମାନେ ଘଟଣା ବିଷୟରେ ପୁଲିସ ଏବଂ ପ୍ରଶାସନକୁ ସୂଚନା ଦେଇଥିଲେ। ଯାହା ପରେ ଅଗ୍ନିଶମ ବାହିନୀ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାରକାରୀ ଦଳ ଉଭୟ ପାଇଲଟଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଛି। ଏକ ସେନା ହେଲିକପ୍ଟର ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି। ଦୁର୍ଘଟଣାସ୍ଥଳଟି ନିଆଁ ଦ୍ୱାରା ଘେରି ରହିଥିଲା। ତେଣୁ, କୌଣସି ଦଳ ବିମାନ ପାଖରେ ପହଞ୍ଚି ପାରି ନଥିଲା। ସୂତ୍ର ଅନୁଯାୟୀ, ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ତିନି ଜଣ ଲୋକ ପାରାଚୁଟ୍ ସାହାଯ୍ୟରେ ଡେଇଁ ପଡ଼ିଥିଲେ। ସେମାନେ ପୋଖରୀରେ ପଡ଼ିବା ସହ ଫସି ଯାଇଥିଲେ। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସମସ୍ତେ ସୁରକ୍ଷିତ ଅଛନ୍ତି। ସେମାନଙ୍କୁ ସ୍ଥାନାନ୍ତର କରାଯାଇଛି। ବିମାନରେ କେତେ ଲୋକ ଥିଲେ ଓ ଦୁର୍ଘଟଣା କିପରି ଘଟିଲା ତାହାର ସଠିକ କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ବର୍ତ୍ତମାନ ତାହାର ତଦନ୍ତ କରାଯାଉଛି।

ଆରାବଳିରେ ବେଆଇନ ଖଣି ଖନନ ବଡ଼ କ୍ଷତି ଘଟାଇବ

ବିଶେଷଜ୍ଞ କମିଟି ଗଠନ ସପକ୍ଷରେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୨୧।୧: ବେଆଇନ ଖଣି ଖନନ ଦ୍ୱାରା ପରିବେଶର ଅପୂରଣୀୟ କ୍ଷତି ହୋଇପାରେ ବୋଲି ଦର୍ଶାଇ ସୁପ୍ରିମ୍‌କୋର୍ଟ ବୁଧବାର କହିଛନ୍ତି। ଆରାବଳିରେ ଖଣି ଖନନ ଓ ଆନୁଷଙ୍ଗିକ ସମସ୍ୟାର ବିସ୍ତୃତ ଓ ସାମଗ୍ରିକ ଯାଞ୍ଚ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଅତିରିକ୍ତ ସଲିସିଟର ଜେନେରାଲ୍ ଐଶ୍ୱର୍ଯ୍ୟା ଭାଟି, ଆମିକସ୍ କ୍ୟୁରି କେ ପରମେଶ୍ୱରଙ୍କୁ ଚାରି ସପ୍ତାହ ମଧ୍ୟରେ ଖଣି ଉପରେ ପାରଦର୍ଶିତା ଥିବା ପରିବେଶବିତ୍ ଓ ବୈଜ୍ଞାନିକଙ୍କ ନାମ ସୁପାରିସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି କୋର୍ଟଙ୍କ ନିର୍ଦ୍ଦେଶ ଓ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ ବୋଲି ଖଣ୍ଡପୀଠ କହିଛନ୍ତି।

ସୁପ୍ରିମ୍‌କୋର୍ଟ ମଧ୍ୟ ଏହାର ଆଦେଶକୁ ସମ୍ପ୍ରସାରିତ କରିଛନ୍ତି, ଯାହା ନଭେମ୍ବର ୨୦ରେ ଆରାବଳି ପାହାଡ଼ ଓ ପର୍ବତମାଳାର ଏକ ସମାନ ସଂଜ୍ଞା ଗ୍ରହଣ କରିଥିବା ନିର୍ଦ୍ଦେଶକୁ ସ୍ଥଗିତ ରଖିଥିଲେ। ଶୁଣାଣି ସମୟରେ ସୁପ୍ରିମ୍‌କୋର୍ଟଙ୍କୁ ସୂଚନା ଦିଆଯାଇଥିଲା ଯେ ବିଭିନ୍ନ ସ୍ଥାନରେ ବେଆଇନ ଖଣି ଖନନ ଚାଲିଛି। ଏଥିସହ ରାଜସ୍ଥାନ ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ କେଏମ ନଟରାଜଙ୍କ ଆଶ୍ୱାସନାକୁ ଖଣ୍ଡପୀଠ ଗ୍ରହଣ କରିଛନ୍ତି ଯେ, ଏପରି କୌଣସି ଅନଧିକୃତ ଖନନ ହେବ ନାହିଁ।

ଆରାବଳିର ନୂତନ ସଂଜ୍ଞାକୁ ନେଇ ଉତ୍ତେଜନା ମଧ୍ୟରେ ଗତ ବର୍ଷ ଡିସେମ୍ବର ୨୯ରେ ସର୍ବୋଚ୍ଚ ନ୍ୟାୟାଳୟ ନଭେମ୍ବର ୨୦ରେ ଏହି ପାହାଡ଼ ଓ ପର୍ବତମାଳାର ଏକ ସମାନ ସଂଜ୍ଞା ଗ୍ରହଣ କରିଥିବା ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିଥିଲେ। ନଭେମ୍ବର ୨୦ ତାରିଖରେ ସୁପ୍ରିମ୍‌କୋର୍ଟ ଆରାବଳି ପାହାଡ଼ ଓ ପର୍ବତମାଳାର ଏକ ସମାନ ସଂଜ୍ଞାକୁ ଗ୍ରହଣ କରିଥିଲେ ଏବଂ ବିଶେଷଜ୍ଞଙ୍କ ରିପୋର୍ଟ ପ୍ରକାଶ ନ ହେବା ପର୍ଯ୍ୟନ୍ତ ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟ ଅଞ୍ଚଳରେ ନୂତନ ଖଣି ଲିଜ୍ ପ୍ରଦାନ ଉପରେ ପ୍ରତିବନ୍ଧକ ଲଗାଇଥିଲେ।

ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ତିକ୍ତ

କୂଟନୀତିଜ୍ଞଙ୍କ ପରିବାରକୁ ବାଂଲାଦେଶ ଛାଡ଼ିବାକୁ ନିର୍ଦ୍ଦେଶ

ଢାକା,୨୧।୧ : ବାଂଲାଦେଶ ସହ ଚାଲିଥିବା ଉତ୍ତେଜନା ମଧ୍ୟରେ ବଡ ପଦକ୍ଷେପ ନେଇଛନ୍ତି ଭାରତ ସରକାର। ବାଂଲାଦେଶରେ ଅବସ୍ଥାପିତ ଭାରତୀୟ କୂଟନୀତିଜ୍ଞଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ଭାରତ ଫେରି ଆସିବାକୁ କୁହାଯାଉଛି। ସୁରକ୍ଷାକୁ ନଜରରେ ରଖି ଏପରି ପଦକ୍ଷେପ ନିଆଯାଇଛି। ବାଂଲାଦେଶର ସାଧାରଣ ନିର୍ବାଚନ ପୂର୍ବରୁ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି।

ବୈଦେଶିକ ମନ୍ତ୍ରାଳୟର କହିବାନୁସାରେ, ସୁରକ୍ଷା ଦୃଷ୍ଟିରୁ ଭାରତୀୟ ଅଧିକାରୀଙ୍କ ପରିବାର ଲୋକଙ୍କୁ ଭାରତ ଫେରି ଆସିବାକୁ କୁହାଯାଇଛି। ତେବେ ଢାକାରେ ଥିବା ଭାରତୀୟ ଦୂତାବାସଙ୍କ କାର୍ଯ୍ୟାଳୟ ଆଗ ଭଳି ସମସ୍ତ ସେବା ପ୍ରଦାନ କରିବ। ଏହାକୁ ଏବେ ବନ୍ଦ କରାଯାଇନାହିଁ। ତେବେ କେତେ ତାରିଖ ସୁଦ୍ଧା ପରିବାର ଲୋକଙ୍କୁ ଭାରତ ଫେରିବାକୁ ପଡିବ ସେନେଇ କିଛି ସ୍ପଷ୍ଟ କରାଯାଇ ନାହିଁ।

ତେବେ ଢାକା ବ୍ୟତୀତ ଚିଟାଗଙ୍ଗ, ଖୁଲନା, ରାଜସାହି ଏବଂ ସିଲହେଟରେ ଭାରତୀୟ ଅଧିକାରୀ ରହିଛନ୍ତି। ସେମାନଙ୍କ ପରିବାର ଲୋକେ ମଧ୍ୟ ଏଠାରେ ରୁହନ୍ତି। ଏବେ କିନ୍ତୁ ଉଭୟ ଦେଶ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା କାରଣରୁ ସେମାନଙ୍କ ଉପରେ ବିପଦ ରହିଛି। ସୂଚନାଯୋଗ୍ୟ, ୨୦୨୪ରୁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଛି। ସେଠାରେ ୟୁନୁସ ସରକାର ଗଠନ ପରେ ଶେଖ ହାସିନା ଭାରତ ଚାଲି ଆସିଥିଲେ। ତାଙ୍କୁ ଭାରତରେ ଆଶ୍ରୟ ପ୍ରଦାନ କରାଯାଇଛି। ହସିନାଙ୍କ ବାଂଲାଦେଶ କୋର୍ଟ ମୃତ୍ୟୁଦଣ୍ଡ ଦେଇଛନ୍ତି। ତାଙ୍କୁ ଫେରାଇନେବାକୁ ବାଂଲାଦେଶର ଅନ୍ତରୀଣ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି। ହେଲେ ଭାରତରେ ସେ ଆଶ୍ରୟ ନେଇଥିବାରୁ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଛି।

ଅବସର ନେଲେ ସୁନୀତା ୱିଲିୟମ୍ସ

୨୭ ବର୍ଷର କ୍ୟାରିଅର, ମହାକାଶରେ ୬୦୮ ଦିନ

ନ୍ୟୁୟର୍କ,୨୧।୧ : ଦୀର୍ଘ ୨୭ବର୍ଷ ଧରି ନାସାରେ କାମ କରିବା ପରେ ଶେଷରେ ସୁନୀତା ୱିଲିୟମ୍ସ ଅବସର ଗ୍ରହଣ କରିଛନ୍ତି। ଗତ ବର୍ଷ ଡିସେମ୍ବର ୨୭ ତାରିଖରୁ ସେ ଅବସର ନେବା ନେଇ ଆମେରିକାର ମହାକାଶ ଗବେଷଣା ସଂସ୍ଥାକୁ ଜଣାଇ ଦେଇଥିଲେ। ନାସାର ପ୍ରଶାସକ ଜେଆର୍ଡ ଆଇଜାକମ୍ୟାନ୍ କହିଛନ୍ତି ଯେ, ସୁନୀତା ଅନେକ ଗୁରୁତ୍ୱପୂର୍ଣ୍ଣ ମିଶନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ମହାକାଶକୁ ନେଇ ଅନେକ ଗବେଷଣା କରାଯାଇଛି। ଦୀର୍ଘଦିନ ଧରି ସେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନରେ ରହି ଗବେଷଣା କରିବାରେ ସଫଳ ହୋଇଥିଲେ। ଆଗାମୀ ପିଢି ପାଇଁ ସୁନୀତାଙ୍କ କାର୍ଯ୍ୟ ଉଦାହରଣ ହୋଇ ରହିବ। ଚନ୍ଦ୍ର ଏବଂ ମଙ୍ଗଳକୁ ନେଇ ଆରମ୍ଭ ହୋଇଥିବା ଆର୍ଟେମିସ୍ ମିଶନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜେଆର୍ଡ ଆହୁରି କହିଛନ୍ତି ଯେ, ସୁନୀତା ଯାହା ହାସଲ କରିଛନ୍ତି ତାହା ଆଗାମୀ ମହାକାଶଚାରୀଙ୍କ ପାଇଁ ପ୍ରେରଣା ହୋଇ ରହିବ। ସେ ସମସ୍ତ ସୀମା ଅତିକ୍ରମ କରି ନିଜର ସ୍ୱପ୍ନକୁ ପୂରଣ କରିଛନ୍ତି। ତାଙ୍କ ଅବସର ପାଇଁ ଅଭିନନ୍ଦନ ଜଣାଇଛନ୍ତି ଜେଆର୍ଡ। ସୂଚନାଯୋଗ୍ୟ, ଭାରତୀୟ ବଂଶୋଦ୍ଭବ ଏହି ମହାକାଶଚାରୀ ମହାକାଶରେ ତିନୋଟି ମିଶନକୁ ସଫଳ କରିଥିଲେ। ସେ ପ୍ରାୟ ୬୦୮ ଦିନ ମହାକାଶରେ ବିତାଇଛନ୍ତି। କେବଳ ଏତିକି ନୁହେଁ, ଶେଷ ଥର ପାଇଁ ୧୦ଦିନିଆ ଆଇଏସଏସ ଯାତ୍ରା କରିଥିଲେ। କିନ୍ତୁ ଯାନ୍ତ୍ରିକ ତ୍ରୁଟି ପାଇଁ ଏହି ୧୦ଦିନ ୯ମାସରୁ ଅଧିକ ହୋଇ ଯାଇଥିଲା। ଯାହା ଚର୍ଚ୍ଚାର ବିଷୟ ପାଲଟିଥିଲା।

ସିଞ୍ଜୋ ଆବେଙ୍କ ହତ୍ୟାକାରୀକୁ ଆଜୀବନ ଜେଲ

ଟୋକିଓ, ୨୧।୧: ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ ମିଳିଛି। ଜାପାନର ଏକ କୋର୍ଟ ବୁଧବାର ଆବେଙ୍କ ହତ୍ୟା ଉପରେ ଶୁଣାଣି କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ କରିଛନ୍ତି। ସିଞ୍ଜୋ ଆବେ ଜାପାନର ପ୍ରଭାବଶାଳୀ ରାଜନେତାଙ୍କ ମଧ୍ୟରେ ଅନ୍ୟତମ ଥିଲେ। ୪୫ବର୍ଷ ବୟସ୍କ ତେତ୍ସୁୟା ୟାମାଗାମୀ ଜୁଲାଇ ୨୦୨୨ରେ ପଶ୍ଚିମ ସହର ନାରାରେ ଆବେଙ୍କୁ ଏକ ନିର୍ବାଚନୀ ସଭାରେ ଗୁଳିକରି ହତ୍ୟା କରିଥିଲା। ଏହି ଘଟଣା ନା କେବଳ ଜାପାନ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ହତ୍ୟା ମାମଲାରେ ଗତ ଅକ୍ଟୋବର ମାସରେ ମୋକଦମା ଆରମ୍ଭ ହୋଇଥିଲା। ସେତେବେଳେ ହତ୍ୟାକାରୀ ୟାମାଗାମୀ ତା'ର ଦୋଷ ସ୍ୱୀକାର କରିଥିଲା। ନାରା ଜିଲ୍ଲା କୋର୍ଟ ବୁଧବାର ଶୁଣାଣିରେ ୟାମାଗାମୀକୁ ଆଜୀବନ ଜେଲଦଣ୍ଡାଦେଶ କରିଛନ୍ତି। ୟାମାଗାମୀ କୋର୍ଟରେ କହିଥିଲା ଯେ, ସେ ସେତେବେଳେ ଆବେଙ୍କୁ ହତ୍ୟା କରିଥିଲେ ଯେତେବେଳେ ଆବେଙ୍କ ଦ୍ୱାରା ୟୁନିଫିକେସନ ଚର୍ଚ୍ଚ ସମ୍ପର୍କିତ ଏକ ସମୂହକୁ ପଠାଯାଇଥିବା ଭିଡିଓ ବାର୍ତ୍ତା ଦେଖିଥିଲେ। ୟାମାଗାମୀ ଅନୁସାରେ ସେ ସେହି ଚର୍ଚ୍ଚର କ୍ଷତି ଚାହୁଁଥିଲା, ଯାହାକୁ ସେ ଘୃଣା କରୁଥିଲା ଓ ଆବେଙ୍କ ସହିତ ଚର୍ଚ୍ଚର ସମ୍ପର୍କକୁ ସେ ଉଜାଗର କରିବାକୁ ଚାହୁଁଥିଲା। ମାମଲାରେ ୟାମାଗାମୀଙ୍କ ଓକିଲ ତାଙ୍କ ପାଇଁ ୨୦ ବର୍ଷରୁ ଯେପରି ଅଧିକ ଦଣ୍ଡ ନ ହୁଏ ସେଥି ପାଇଁ ନିବେଦନ କରିଥିଲେ। ହେଲେ ପ୍ରସିକ୍ୟୁସନ ପକ୍ଷ ହତ୍ୟା ନିମନ୍ତେ ୟାମାଗାମୀଙ୍କ ଲାଗି ଆଜୀବନ କାରାଦଣ୍ଡାଦେଶ ଦାବି କରିଥିଲା।

ଇରାନକୁ ପୁଣି ଟ୍ରମ୍ପଙ୍କ ଚେତାବନୀ

ଶାନ୍ତି ନଫେରିଲେ ପୂରା ଦେଶ ଧ୍ୱଂସ କରିଦେବୁ

ୱାଶିଂଟନ,୨୧।୧: ଇରାନରେ ବିରୋଧ ପ୍ରଦର୍ଶନ ଜାରି ରହିଥିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନକୁ ପୁଣି ଥରେ କଡ଼ା ଚେତାବନୀ ଦେଇଛନ୍ତି। ଏକ ଟିଭି ଚାନେଲକୁ ସାକ୍ଷାତକାର ଦେଇ ଟ୍ରମ୍ପ କହିଛନ୍ତି, ଇରାନରେ ଯଦି ଶାନ୍ତି ପ୍ରତିଷ୍ଠା ନ ହୁଏ, ତା'ହେଲେ ପୂରା ଦେଶକୁ ଧ୍ୱଂସ କରିଦିଆଯିବ। କିଛି ଦିନ ତଳେ ଟ୍ରମ୍ପ ଇରାନରେ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ। ଏବେ ଟ୍ରମ୍ପ କହିଛନ୍ତି, ଇରାନରେ ଯଦି କିଛି ହୁଏ, ପୃଥିବୀ ମାନଚିତ୍ରରୁ ଏହାକୁ ସମ୍ପୂର୍ଣ୍ଣ ହଟେଇ ଦିଆଯିବ। ଇରାନ ମଙ୍ଗଳବାର ଡୋନାଲ୍ଡ ଟ୍ରମ୍ପଙ୍କୁ ଚେତାବନୀ ଦେଇ କହିଥିଲା ଯେ, ଆମେରିକା ଯଦି ଆୟାତୋଲ୍ଲା ଅଲି ଖୋମିନିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ତେହେରାନ ସେ ଦେଶରେ ନିଆଁ ଲଗାଇ ଦେବ। ଆନ୍ତର୍ଜାତିକ ଗଣମାଧ୍ୟମ ସଂସ୍ଥା ରିପୋର୍ଟ ଅନୁଯାୟୀ, ଇରାନ ସେନାର ପ୍ରବକ୍ତା ଜେନେରାଲ ଅବୋଲଫଜଲ ସେକାରଚି କହିଥିଲେ, ଟ୍ରମ୍ପ ଜାଣିଛନ୍ତି ଯେ, ଯଦି ଆମ ନେତାଙ୍କ ଆଡ଼କୁ କେହି ହାତ ବଢ଼ାଏ, ତା'ହେଲେ ଆମେ ନା କେବଳ ସେହି ହାତ କାଟିଦେବୁ , ବରଂ ତା'ର ପୂରା ଦୁନିଆରେ ନିଆଁ ଲଗାଇ ଦେବୁ।

ସ୍ପେନରେ ପୁଣି ରେଳ ଦୁର୍ଘଟଣା

୧ ମୃତ ୩୭ ଗୁରୁତର

ବାର୍ସେଲୋନା,୨୧।୧ : ସ୍ପେନରେ ପୁଣି ଏକ ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଘଟିଛି। ଜୀବନ ହାରିଛନ୍ତି ଲୋକୋ ପାଇଲଟଙ୍କ ସହ ଏକାଧିକ ଯାତ୍ରୀ। ଏହାସହ ୩୭ ଯାତ୍ରୀ ଗୁରୁତର ହୋଇଛନ୍ତି। ଏପରି ଅଭାବନୀୟ ଘଟଣା ଘଟିଛି ସ୍ପେନର ବାର୍ସେଲୋନାରେ। ଦକ୍ଷିଣ କୋରଡୋବା ପ୍ରାନ୍ତରେ ଘଟିଥିବା ହୃଦୟ ବିଦାରକ ଟ୍ରେନ୍ ଦୁର୍ଘଟଣାର ଦୁଇଦିନ ପରେ ପୁଣି ଏତେ ବଡ ଅଘଟଣ ଘଟିଛି। ଗତରାତି ୧୧ଟାରେ ବାର୍ସେଲୋନା ନିକଟବର୍ତ୍ତୀ ଜେଲିଡା ଅଞ୍ଚଳରେ ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏହା ଜେଲିଡାରୁ ସାଣ୍ଟ୍ ସାଦୁର୍ନୀ ଅଭିମୁଖେ ଯାତ୍ରା କରୁଥିଲା। ଷ୍ଟେସନରୁ ବାହାରିବାର କିଛି ସମୟ ପରେ ଏହା ଟ୍ରାକରୁ ବାହାରକୁ ଚାଲିଯାଇଥିଲା। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଅଗ୍ନିଶମ ବାହିନୀର ଅଧିକାରୀ କ୍ଲାଉଡି ଗାଲାରଡୋ କହିଛନ୍ତି ଯେ, ଦୁର୍ଘଟଣା ପରେ ସେମାନେ ୨୮ଟି କଲ୍ ପାଇଥିଲେ।

ସଙ୍ଗେସଙ୍ଗେ ଉଦ୍ଧାରକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୩୭ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେବେ ଟ୍ରେନର ଲୋକୋ ପାଇଲଟ ହସ୍ପିଟାଲରେ ସେ ପ୍ରାଣ ହରାଇଥିଲେ। ଅନ୍ୟ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା କ୍ଲାଉଡି ପ୍ରକାଶ କରିଛନ୍ତି।

ଜାନୁଆରି ୨୬ରେ ବିଶ୍ୱ ଦେଖିବ ଭାରତର ସଫଳତା

ସେନାରେ ସାମିଲ ହେବ ଆଣ୍ଟି ସିପ୍ ମିସାଇଲ୍

ନୂଆଦିଲ୍ଲୀ,୨୧।୧: ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଦିନକୁ ଦିନ ଆଗକୁ ବଢ଼ିବାରେ ଲାଗିଛି। ନୂଆ ନୂଆ ଜ୍ଞାନକୌଶଳ ସାମିଲ୍ କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନ୍ୟ ଉପରେ ନିର୍ଭର ହେବାକୁ ଚାହୁଁନି ଭାରତ। ସ୍ୱଦେଶୀ ଜ୍ଞାନକୌଶଳକୁ ବଢ଼ାଇବାରେ ଲାଗିଛି ଦେଶ। ଆଉ ଏହାରି ଭିତରେ ଭାରତକୁ ବଡ଼ ଏକ ସଫଳତା ମିଳିବାକୁ ଯାଉଛି। ଜାନୁଆରି ୨୬ ତାରିଖରେ ବିଶ୍ୱ ସମ୍ମୁଖରେ ଏହା ପ୍ରକାଶିତ ହେବ। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ ଦ୍ୱାରା ବିକଶିତ ଲଙ୍ଗ୍ ରେଞ୍ଜ୍ ଆଣ୍ଟି ସିପ୍ ହାଇପରସୋନିକ୍ ଗ୍ଲାଇଡ୍ ମିସାଇଲ୍ ପ୍ରଥମଥର ପାଇଁ ୭୭ତମ ଗଣତନ୍ତ୍ର ଦିବସ ପରେଡରେ ସାର୍ବଜନୀନ ଭାବରେ ପ୍ରଦର୍ଶିତ ହେବ। ୧୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାରେ ସକ୍ଷମ ଏହି କ୍ଷେପଣାସ୍ତ୍ର ଭାରତ ମହାସାଗର କ୍ଷେତ୍ରରେ ଭାରତର ରଣନୈତିକ ସ୍ଥିତିକୁ ଯଥେଷ୍ଟ ମଜବୁତ କରିବ।

ଭାରତୀୟ ନୌସେନାର ଆବଶ୍ୟକତା ପୂରଣ କରିବା ପାଇଁ ଏହା ବିଶେଷ ଭାବରେ ବିକଶିତ କରାଯାଇଛି। ଏହି ମିସାଇଲ୍ ହାଇପରସୋନିକ୍ ବେଗରେ ଉଡ଼େ, ଅର୍ଥାତ୍ ଏହା ଶବ୍ଦର ବେଗ ଅପେକ୍ଷା ଅଧିକ ଦ୍ରୁତ ଗତିରେ ଗତି କରେ। ଏହାର ଗତି ଶତ୍ରୁ ରାଡାରକୁ ଚକମା ଦେବାକୁ ସକ୍ଷମ ଏବଂ ଏୟାର ଡିଫେନ୍ସ ସିଷ୍ଟମ୍ ଏହାକୁ ସମୟ ମଧ୍ୟରେ ଚିହ୍ନଟ କରି ଅଟକାଇବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ଏହି କ୍ଷେପଣାସ୍ତ୍ର ବିଭିନ୍ନ ପ୍ରକାରର ପେଲୋଡ୍ ବହନ କରିବାରେ ସକ୍ଷମ ଏବଂ ସମୁଦ୍ରରେ ନିୟୋଜିତ ଶତ୍ରୁ ଜାହାଜର ଅସ୍ତ୍ରଶସ୍ତ୍ର ପ୍ରଣାଳୀକୁ ସିଧାସଳଖ ଟାର୍ଗେଟ କରିବାରେ ବି ସକ୍ଷମ । ଏହାର ଦ୍ରୁତ ଗତି ଏହାକୁ ସାମୁଦ୍ରିକ ଯୁଦ୍ଧରେ ଏକ ଅତ୍ୟନ୍ତ ଘାତକ ଅସ୍ତ୍ର କରିଥାଏ। ବିଶେଷଜ୍ଞଙ୍କ ମତରେ, ଏହା ଭାରତୀୟ ନୌସେନାର ଆକ୍ରମଣ କ୍ଷମତା ଏବଂ ସମୁଦ୍ରରେ ନିଜର ନିୟନ୍ତ୍ରଣ ରକ୍ଷା କରିବାରେ ଯଥେଷ୍ଟ ସହାୟକ ହେବ।

ଆକ୍ସନ୍ ମୋଡ଼ରେ ନିତିନ ନବୀନ | ଫୋକସ୍‌ରେ ଆଗାମୀ ନିର୍ବାଚନ

ନୂଆଦିଲ୍ଲୀ,୨୧।୧: କ୍ଷମତାକୁ ଆସୁ ଆସୁ ଆକ୍ସନ୍ ମୋଡରେ ନିତିନ ନବୀନ। ମଙ୍ଗଳବାର ଦିନ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ କାର୍ଯ୍ୟରେ ଯୋଗ ଦେଇଛନ୍ତି ନିତିନ ନବୀନ। ଆଉ ସେ ତାଙ୍କ କାର୍ଯ୍ୟକାଳର ପ୍ରଥମ ନିଷ୍ପତ୍ତିଗୁଡ଼ିକୁ ଅନୁମୋଦନ କରିଛନ୍ତି, ଯେଉଁଥିରେ କେରଳ ବିଧାନସଭା ନିର୍ବାଚନ ଏବଂ କିଛି ପୌର ନିର୍ବାଚନ ପାଇଁ ପ୍ରଭାରୀ ଏବଂ ସହପ୍ରଭାରୀଙ୍କ ନିଯୁକ୍ତି ଅନ୍ତର୍ଭୁକ୍ତ। ଏହି ନିଯୁକ୍ତିଗୁଡ଼ିକୁ ନବୀନଙ୍କ ସମ୍ଭାବ୍ୟ ଦଳ ଏବଂ ତାଙ୍କ ନେତୃତ୍ୱରେ ଦଳର ଭବିଷ୍ୟତର ଏକ ଝଲକ ଭାବରେ ଦେଖାଯାଉଛି।

● ବିନୋଦ ତାୱଡେଙ୍କୁ ବଡ଼ ଦାୟିତ୍ୱ

ନିତିନ ନବୀନ କେରଳ ବିଧାନସଭା ନିର୍ବାଚନ ପାଇଁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାୱଡେଙ୍କୁ ନିର୍ବାଚନ ପ୍ରଭାରୀ ଏବଂ ଚଣ୍ଡିଗଡ଼ ମେୟର ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ତାୱଡେ ଦଳର ବର୍ତ୍ତମାନର ସାଧାରଣ ସମ୍ପାଦକମାନଙ୍କ ମଧ୍ୟରୁ ସବୁଠାରୁ ବରିଷ୍ଠ। ସେ ବିହାର ପାଇଁ ମଧ୍ୟ ଦଳର ପ୍ରଭାରୀ ଥିଲେ। ତାୱଡେଙ୍କୁ ସମର୍ଥନ କରିବା ପାଇଁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶୋଭା କରାଣ୍ଡଲାଜେଙ୍କୁ ନିଯୁକ୍ତ କରାଯାଇଛି। ତାଙ୍କୁ କେରଳ ନିର୍ବାଚନ ପାଇଁ ସହପ୍ରଭାରୀ କରାଯାଇଛି।

● ରାମ ମାଧବଙ୍କ ନାମ ମଧ୍ୟ ସାମିଲ

ନିଯୁକ୍ତି ତାଲିକାରେ ଆଉ ଏକ ପ୍ରମୁଖ ନାମ ହେଉଛି ରାମ ମାଧବ, ଯିଏ ବେଙ୍ଗାଲୁରୁ ନଗର ନିଗମ ନିର୍ବାଚନର ଦାୟିତ୍ୱରେ ରହିବେ। ମାଧବ ତତ୍କାଳୀନ ବିଜେପି ସଭାପତି ଅମିତ ଶାହଙ୍କ ଅଧୀନରେ ଜାତୀୟ ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟ କରିଥି

ବିମାନ ସେବା ବନ୍ଦ ନେଇ ବର୍ଷିଲା ବିଜେଡି

ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ବିଜେଡି ସରକାର ଅମଳରେ ଦୁବାଇ-ଭୁବନେଶ୍ୱର ସିଧାସଳଖ ବିମାନ ସେବା ଆରମ୍ଭ ହୋଇଥିଲା। ୟୁଏଇରେ ଥିବା ୪୦ ହଜାରରୁ ଅଧିକ ଓଡ଼ିଆଙ୍କ ପାଇଁ ସପ୍ତାହରେ ତିନି ଥର ବିମାନ ସେବା ଯୋଗାଇ ତତ୍କାଳୀନ ସରକାର ବ୍ୟାବସାୟିକ ସଫଳତା ଆଶା କରିଥିଲେ। କିନ୍ତୁ ଏବେ ଏହି ସେବା ବନ୍ଦ ହେବାକୁ ଯାଉଥିବାରୁ ଏଥିପାଇଁ ବିଜେପି ସରକାର ଉପରେ ବର୍ଷିଛି ବିରୋଧୀ ବିଜେଡି। ଏଥିସହ ପର୍ଯ୍ୟଟନ, ବାଣିଜ୍ୟ ଓ ସଂଯୋଗକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ହସ୍ତକ୍ଷେପ କରିବା ସକାଶେ ଦଳ ଦାବି କରିଛି।

ଦଳ ପକ୍ଷରୁ ଆଜି ଜାରି ଏକ ପ୍ରେସ ବିବୃତ୍ତିରେ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ସିଧାସଳଖ ବିମାନ ସେବା ବନ୍ଦ ବିଜେପି ସରକାରଙ୍କ ଅଯୋଗ୍ୟତାର ଏକ ସଙ୍କେତ। ଏହି ନିଷ୍ପତ୍ତି ଦ୍ୱାରା ୟୁଏଇରେ ୪୦ ହଜାରରୁ ଅଧିକ ଓଡ଼ିଆଙ୍କ ଗମନାଗମନ ଓ ସଂଯୋଗ ପ୍ରଭାବିତ ହେବ ବୋଲି ସେ ପୂର୍ବାନୁମାନ କରିଛନ୍ତି।

ସେହିପରି ସିଧାସଳଖ ବିମାନ ପ୍ରଚଳନ ହେବା ପରେ ରାଜ୍ୟ ପାଇଁ ନିବେଶ, ବାଣିଜ୍ୟ ଓ ପର୍ଯ୍ୟଟନ ପାଇଁ ନୂତନ ରାସ୍ତା ଖୋଲିଥିଲା। ଏଥିସହ ସାରା ବିଶ୍ୱରୁ ଓଡ଼ିଶାକୁ ପରିଦର୍ଶନ ପାଇଁ ଚାହୁଁଥିବା ଯାତ୍ରୀଙ୍କ ପାଇଁ ବହୁବିଧ ବିକଳ୍ପ ବି ପ୍ରଦାନ କରୁଥିଲା। ସେବା ଆରମ୍ଭ ସମୟରେ ତତ୍କାଳୀନ ବିଜେଡି ସରକାର ବଜେଟରେ ୧୦୦ କୋଟିର ବ୍ୟବସ୍ଥା କରିଥିଲେ। ସେବାର ସ୍ଥାୟିତ୍ୱ ସୁନିଶ୍ଚିତ କରିବା ପାଇଁ ପ୍ରତି ବର୍ଷ ୧୦୦ କୋଟିର ଭାୟାବିଲିଟି ଗ୍ୟାପ୍ ପାଣ୍ଠି ବି ପ୍ରଦାନ କରାଯାଇଥିଲା। କିନ୍ତୁ ବର୍ତ୍ତମାନର ସରକାର ଏହାକୁ ଜାରି ରଖିବାରେ ଅସଫଳ ହୋଇଛନ୍ତି। କିନ୍ତୁ ରାଜ୍ୟର ଆର୍ଥିକ ସ୍ଥିତିକୁ ଉନ୍ନତ କରିବାରେ ଏହି ସେବାର ଗୁରୁତ୍ୱ ଥିବାରୁ ଏ ଦିଗରେ ପଦକ୍ଷେପ ନେବା ସକାଶେ ଡ. ମହାନ୍ତି ଦାବି କରିଛନ୍ତି।

ଅଭିଷେକ ଓ ରିଙ୍କୁ ଧମାକା

ନ୍ୟୁଜିଲାଣ୍ଡକୁ ୪୮ ରନ୍‌ରେ ପରାସ୍ତ କଲା ଭାରତ

ନାଗପୁର,୨୧।୧: ନ୍ୟୁଜିଲାଣ୍ଡକୁ ଭାରତ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ବୁଧବାର ୪୮ ରନ୍‌ରେ ପରାସ୍ତ କରିଛି। ନାଗପୁରସ୍ଥିତ ବିଦର୍ଭ କ୍ରିକେଟ୍ ଆସୋସିଏସନ ଷ୍ଟାଡିୟମରେ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୯୦ ରନ୍ କରିଛି। ଏହି ମ୍ୟାଚରେ ଭାରତ ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛି।

୨୩୯ ରନ୍‌ର ଜବାବରେ ପଡ଼ିଆକୁ ଓହ୍ଲାଇଥିବା ନ୍ୟୁଜିଲାଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବହୁତ ଖରାପ ଥିଲା। ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ କନୱେଙ୍କୁ ଅର୍ଶଦୀପ ଆଉଟ୍ କରିଥିଲେ। ସେ ଖାତା ଖୋଲିପାରି ନଥିଲେ। ଏହା ପରେ ଦ୍ୱିତୀୟ ଓଭରକୁ ହାର୍ଦ୍ଦିକ ପାଣ୍ଡ୍ୟା ରଚିନ ରବୀନ୍ଦ୍ରଙ୍କୁ ଆଉଟ୍ କରିଥିଲେ। ରବୀନ୍ଦ୍ରଙ୍କ ବ୍ୟାଟ୍‌ରୁ ମାତ୍ର ଗୋଟିଏ ରନ୍ ଅମଳ ହୋଇଥିଲା। ଅର୍ଥାତ ଗୋଟିଏ ରନ୍‌ରେ କ୍ୱିଣ୍ଟି ଦଳକୁ ୨ଟି ଶକ୍ତ ଝଟକା ଲାଗିଥିଲା। କିନ୍ତୁ ଏହା ପରେ ଗ୍ଲେନ ଫିଲିପ୍ସ ଏବଂ ରବିନସନ ପାଳି ସମ୍ଭାଳିବାକୁ ଉଦ୍ୟମ କରିଥିଲେ। ଉଭୟ ଖେଳାଳି ଅର୍ଦ୍ଧଶତକ ରନ୍ ଭାଗିଦାରୀ କରିଥିଲେ। କିନ୍ତୁ ସପ୍ତମ ଓଭରରେ ରବିନସନଙ୍କୁ ବରୁଣ ଚକ୍ରବର୍ତ୍ତୀ ଆଉଟ୍ କରିଥିଲେ। ଧୀରେଧୀରେ ନ୍ୟୁଜିଲାଣ୍ଡ ଚାପଗ୍ରସ୍ତ ହୋଇଥିଲା।

ଟସ୍ ଜିଣି ନ୍ୟୁଜିଲାଣ୍ଡ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଭାରତ ବ୍ୟାଟିଂ କରିଥିଲା। ଆରମ୍ଭରୁ ଭାରତ ଭଲ ଖେଳି ନଥିଲା। କିନ୍ତୁ ପରେ ସ୍ଥିତିରେ ସୁଧାର ଆଣିଥିଲା। ଭାରତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୨୩୮ ରନ୍ ସଂଗ୍ରହ କରିଥିଲା। ଯୁବ ବ୍ୟାଟର ଅଭିଷେକ ଶର୍ମା ବ୍ୟକ୍ତିଗତ ଭାବେ ୮୪ ରନ୍ ସଂଗ୍ରହ କରିଥିଲେ। ସେ ୩୫ଟି ବଲ୍ ଖେଳି ୫ଟି ଚୌକା ଓ ୮ଟି ଛକା ମାରିଥିଲେ। ସେହିପରି ରିଙ୍କୁ ସିଂ ଅପରାଜିତ ୪୪ ରନ୍ ସଂଗ୍ରହ କରିଥିଲେ। ସେ ତାଙ୍କର ୨୦ଟି ବଲ୍ ଖେଳିବା ଭିତରେ ୩ଟି ଚୌକା ଏବଂ ୪ଟି ଛକା ମାରିଥିଲେ।

କୋଲକାତା ଆସୁଛନ୍ତି ଇଡି ନିର୍ଦ୍ଦେଶକ

କୋଲକାତା,୨୧।୧(ସଂଚାର ବ୍ୟୁରୋ): ଆଇ-ପ୍ୟାକ୍ ମାମଲା ପରେ, ଇଡି ନିର୍ଦ୍ଦେଶକ ରାହୁଲ ନବୀନ ଏଥର କୋଲକାତା ଆସୁଛନ୍ତି। ସୁପ୍ରିମକୋର୍ଟ ଫେବୃଆରୀ ୩ ତାରିଖରେ ଆଇ-ପ୍ୟାକ୍ ମାମଲାର ଶୁଣାଣି କରିବେ। ଏହା ପୂର୍ବରୁ ଇଡି ନିର୍ଦ୍ଦେଶକ ଗୁରୁବାର ସହରକୁ ଆସୁଛନ୍ତି। ସୂତ୍ର ଅନୁସାରେ, ସେ ରାଜ୍ୟପାଳଙ୍କୁ ଭେଟିପାରନ୍ତି। ଇଡି ନିର୍ଦ୍ଦେଶକଙ୍କ ସହିତ ଆଉ ତିନିଜଣ ଆଇନଗତ ପରାମର୍ଶଦାତା ରାଜ୍ୟକୁ ଆସୁଛନ୍ତି। ସୂତ୍ର ଅନୁସାରେ ରାହୁଲ ନବୀନ ଇଡି ଅଧିକାରୀଙ୍କ ସହ କଥା ହେବେ। ସିବିଆଇ ସହିତ ମଧ୍ୟ ଏକ ବୈଠକ ହୋଇପାରେ। ସେ ଦିନିକିଆ ଗସ୍ତରେ କୋଲକାତା ଆସୁଛନ୍ତି। କିନ୍ତୁ ଆଇନ ବିଶେଷଜ୍ଞଙ୍କ ଏକ ଗୋଷ୍ଠୀ ମତରେ, ରାଜ୍ୟରେ ତାଙ୍କର ଆଗମନ ସମୟ ବହୁତ ଗୁରୁତ୍ୱପୂର୍ଣ୍ଣ। ନିର୍ଦ୍ଦେଶକ ହେବା ପରେ ଏହା ତାଙ୍କର ପ୍ରଥମ କୋଲକାତା ଗସ୍ତ। ସୂଚନା ଅନୁଯାୟୀ, ସେ ସେହି ଦିନ ଆଇ-ପ୍ୟାକ୍ ମୁଖ୍ୟ ପ୍ରତୀକ ଜୈନଙ୍କ ଘର ଏବଂ କାର୍ଯ୍ୟାଳୟ ତଲାସ କରିବାକୁ ଯାଇଥିବା ସମସ୍ତ ଅଧିକାରୀ ଏବଂ ଅଫିସରଙ୍କ ସହିତ ମଧ୍ୟ ସାକ୍ଷାତ କରିବେ। ଫଳସ୍ୱରୂପ, ନିର୍ଦ୍ଦେଶକ ଏହି ସମ୍ବନ୍ଧୀୟ ଅନ୍ୟ ଅନେକ ମାମଲାର ସ୍ଥିତି ଜାଣିବାକୁ ମଧ୍ୟ ଚେଷ୍ଟା କରିବେ।

୩ ଧଳାଜହର ବେପାରି ଗିରଫ

- ନଗଦ ଟଙ୍କା, ଗାଡ଼ି ଓ ମୋବାଇଲ୍ ଜବତ୍

କେନ୍ଦୁଝର,୨୧।୧(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତରେ ୩ ଜଣ ଧଳା ଜହର ବେପାରୀଙ୍କୁ ଗିରଫ କରିଛି କେନ୍ଦୁଝର ଜିଲ୍ଲା ଯୋଡ଼ାଥାନା ପୁଲିସ। ସେମାନଙ୍କ ନିକଟରୁ ୨ଗ୍ରାମ ଓଜନର ବ୍ରାଉନ୍ ସୁଗର୍, ନଗଦ ୧୮,୧୦୦ ଟଙ୍କା, ୩ଟି ମୋବାଇଲ୍ ଫୋନ୍ ଓ ଏକ କ୍ୟାମ୍ପର୍ ଗାଡ଼ି ଜବତ ହୋଇଛି। ଆଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯୋଡ଼ା ପୁଲିସ ଅଚାନକ ଚଢ଼ାଉ କରିଥିଲା। ବିଲେଇପଦା କଞ୍ଜା ନିକଟରେ ବ୍ରାଉନ୍ ସୁଗର ବିକ୍ରି କରୁଥିବା ବେଳେ, ମାଡ଼ି ବସିଥିଲା ପୁଲିସ। ସେଠାରୁ ବ୍ରାଉନ୍ ସୁଗର୍ ଜବତ କରିବା ସହ, ଏହି କାରବାରରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ଝାଡ଼ଖଣ୍ଡର ହୋଇଥିବା ବେଳେ ଅନ୍ୟ ୨ଜଣ ଯୋଡ଼ା ଥାନା ଅନ୍ତର୍ଗତ କଞ୍ଜା ଅଞ୍ଚଳର ହୋଇଥିବା ନେଇ ଜଣାପଡ଼ିଛି। ଏମାନେ ଏହି ବ୍ୟବସାୟରେ ଲିପ୍ତ ରହି ଖଣି ଅଞ୍ଚଳର ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଥିବା ସୂଚନା ମିଳିଛି। ସେମାନଙ୍କୁ କୋର୍ଟ ଚାଲାଣ କରିବା ସହ ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।

- ସ୍ଫୁଟର ଡିକିରୁ ବାହାରିଲା ଦେଶୀ ପିସ୍ତଲ

ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

କୋଲକାତା,୨୧।୧ (ସଂଚାର ବ୍ୟୁରୋ): ଯୁବକ ଜଣକ ରାତିରେ ଏକ ସ୍ଫୁଟରରେ ସହର ଭିତରେ ବୁଲୁଥିଲେ। ତାଙ୍କ ଆଚରଣ ସନ୍ଦେହଜନକ ପାଇ ପୁଲିସ ତାଙ୍କୁ ଅଟକାଇ ପଚରାଉଚରା ଆରମ୍ଭ କରିଥିଲା। ଯେତେବେଳେ ସେମାନେ ସ୍ଫୁଟରର ଡିକି ଖୋଲିଲେ, ସେମାନେ ଦେଖିଲେ ଯେ, ଯୁବକ ଜଣକ ବନ୍ଧୁକ ଧରି ବୁଲୁଥିଲେ। ଘଟଣାଟି ମଙ୍ଗଳବାର ରାତିରେ ପୂର୍ବ କୋଲକାତାର ଖିଦିରପୁରରେ ଘଟିଥିଲା। ପୁଲିସ ସୂତ୍ର ଅନୁଯାୟୀ, ଗିରଫ ଯୁବକଙ୍କ ନାମ ମହମ୍ମଦ କାମରାନ ଖାନ। ୨୬ ବର୍ଷୀୟ ଯୁବକ ଜଣକ ଏକବାଲପୁରର ବାସିନ୍ଦା। ମଙ୍ଗଳବାର ରାତିରେ ସେ ଏଜେସି ବୋଷ ରୋଡ୍ ଖିଦିରପୁର ଫ୍ଲାଏଓଭର ତଳେ ଏକ ସ୍ଫୁଟର ଚଲାଉଥିଲେ। ତାଙ୍କ ଆଚରଣ ସନ୍ଦେହଜନକ ମନେ ହେବାରୁ ପୁଲିସ ତାଙ୍କୁ ଅଟକାଇଥିଲା। ଖୋଜାଖୋଜି କରିବା ପରେ ସ୍ଫୁଟରର ଡିକିରେ ଏକ ଦେଶୀ ପିସ୍ତଲ ଓ କାର୍ତ୍ତୁଜ ମିଳିଥିଲା। ଏହା ପରେ ପୁଲିସ ତାଙ୍କୁ ଗିରଫ କରି ଅସ୍ତ୍ରର ଉତ୍ସ ଜାଣିବା ପାଇଁ ତଦନ୍ତ ଚଳାଇଛି।

ଫାଟିଲା ଟ୍ୟାଙ୍କରର ତେଲ ଟାଙ୍କି

ପଳାଶୁଣି ଛକ ରାସ୍ତା ତେଲରେ ଭାସିଲା



ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରର ପଳାଶୁଣି ଛକରେ ଫାଟିଲା ତେଲ ଟ୍ୟାଙ୍କରର ଟାଙ୍କି। ତେବେ ଏହି ଅଘଟଣ ପରେ ରାସ୍ତାରେ ତେଲ ଭାସୁଥିବା ଦେଖିଯାଇଛି। ଖବର ଅନୁସାରେ, ଭୁବନେଶ୍ୱର ପଟୁ କଟକ ଆଡକୁ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଛି। ତେବେ କେଉଁ ଅସୁବିଧା କାରଣରୁ ତେଲ ଟାଙ୍କି ଫାଟିଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ। ରାସ୍ତାରେ ତେଲ ଭାସିବା କାରଣରୁ ଯାତାୟାତ ଠପ୍ ହୋଇଯାଇଥିବା ବେଳେ ଟ୍ରାଫିକ ଜାମ୍ ମଧ୍ୟ ହୋଇଛି। ପଳାଶୁଣୀରୁ ରସୁଲଗଡ଼ ଛକ ଯାଏଁ ଶହଶହ ଗାଡ଼ି ରାସ୍ତାରେ ଅଟକି ରହିଥିଲା। ତେବେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପହଞ୍ଚି ରାସ୍ତାରେ ବାଲି ପକାଇଥିଲା। କିଛି ସମୟ ରାସ୍ତା ଜାମ ରହିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଅନ୍ତର୍ଜାତୀୟ ଭାରତ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ ଆରମ୍ଭ

'ଇଣ୍ଡିଆ ଡିସାଇଡ୍ସ' ଡକ୍ୟୁସିରିଜ୍ ଝଲକ ପ୍ରଦର୍ଶିତ

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ଭାରତ ନିର୍ବାଚନ ଆୟୋଗ (ଇସିଆଇ) ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ଔପଚାରିକ ସ୍ୱାଗତ ସମାରୋହରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର, ନିର୍ବାଚନ ଆୟୁକ୍ତ ଡ଼. ସୁଖବୀର ସିଂହ ସାନ୍ଧୁ ଓ ଡ. ବିବେକ ଜୋଶୀ ବିଭିନ୍ନ ଦେଶର ପ୍ରାୟ ୬୦ ଜଣ ଆନ୍ତର୍ଜାତିକ ପ୍ରତିନିଧିଙ୍କୁ ସ୍ୱାଗତ କରିଥିଲେ। ସମ୍ମିଳନୀର ଉଦ୍‌ଘାଟନ ସଭାରେ ପ୍ରାୟ ୧ ହଜାର ଅତିଥି ଉପସ୍ଥିତ ଥିଲେ। ଏଥିରେ ୪୨ଟି ନିର୍ବାଚନ ପରିଚାଳନା ସଂସ୍ଥା (ଇଏମ୍‌ବି), ୨୭ଟି ଦେଶର ରାଷ୍ଟ୍ରଦୂତ ଓ ଉଚ୍ଚାୟୁକ୍ତ, ୭୦ରୁ ଅଧିକ ଜାତୀୟ ସଂସ୍ଥାର ବିଶେଷଜ୍ଞ ସହ ଭାରତର ବିଭିନ୍ନ ରାଜ୍ୟର ୩୬ ଜଣ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଯୋଗ ଦେଇଥିଲେ। ବିଶ୍ୱର ସବୁଠୁ ବଡ଼ ଲୋକତନ୍ତ୍ର ଭାରତରେ ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ପ୍ରଦେଶରେ ପ୍ରାୟ ୧.୫ ବିଲିୟନ୍ ଜନସଂଖ୍ୟା ସହ ଅପୂର୍ବ ପରିମାଣରେ ନିର୍ବାଚନ ଆୟୋଜନ କରାଯାଉଛି।

ୱାର୍ଲ୍ଡ ଇକୋନୋମିକ ଫୋରମରେ କେନ୍ଦ୍ରମନ୍ତ୍ରୀଙ୍କ ଜୋର

ଭାରତ ଖୁବଶୀଘ୍ର ବିଶ୍ୱର ତୃତୀୟ ଅର୍ଥନୀତି ବନିବ

ଡାଭୋସ, ୨୧।୧: କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱିଜରଲ୍ୟାଣ୍ଡରେ ଚାଲିଥିବା 'ୱାର୍ଲଡ ଇକୋନମିକ ଫୋରମ'ରେ ବୁଧବାର ଜୋର ଦେଇ କହିଛନ୍ତି ଯେ, ଆଗାମୀ କିଛି ବର୍ଷରେ ଭାରତ ନିଶ୍ଚିତ ରୂପେ ବିଶ୍ୱର ତୃତୀୟ ସର୍ବ ବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହେବ। ଅର୍ଥଶାସ୍ତ୍ରୀ ଗୀତା ଗୋପୀନାଥ କହିଛନ୍ତି ଯେ, ଏହା ୨୦୨୮ ସୁଦ୍ଧା ଅଥବା ଏହା ପୂର୍ବରୁ ମଧ୍ୟ ହୋଇପାରେ। ବିଶ୍ୱ ଆର୍ଥିକ ମଞ୍ଚର ବାର୍ଷିକ ବୈଠକ ଅବସରରେ ଅନୁଷ୍ଠିତ ଏକ ଅଧିବେଶନରେ ବୈଷ୍ଣବ ଏହା କହିଛନ୍ତି। ସେ କହିଛନ୍ତି ଯେ, ଏଥିପାଇଁ ଚିନ୍ତାର ଯାହା ବିଷୟ ତାହା ହେଉଛି ବିକଶିତ ଦେଶଙ୍କ ଋଣର କ'ଣ ହେବ ଓ ଏହାର ପ୍ରଭାବ ଭାରତ ଉପରେ କିପରି ରହିବ ?

ଗୀତା ଗୋପୀନାଥ କହିଛନ୍ତି ତୃତୀୟ ସର୍ବବୃହତ ଅର୍ଥ ବ୍ୟବସ୍ଥାରେ ପରିଣତ ହେବା ଭାରତ ପାଇଁ ଚିନ୍ତାର ବିଷୟ ନୁହେଁ; ଅସଲୀ ଚ୍ୟାଲେଞ୍ଜ ହେଉଛି ପ୍ରତି ବ୍ୟକ୍ତି ଆୟକୁ ଉଚ୍ଚସ୍ତର ପର୍ଯ୍ୟନ୍ତ ନେବା। ବୈଷ୍ଣବ କହିଛନ୍ତି ଯେ, ପିଛିଲା ଏକ ଦଶନ୍ଧୀରେ ଦେଶରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିଛି, ଯାହା ବହୁତ ବୁଟି ବିଚାରୀ, ସ୍ପଷ୍ଟ ରୂପେ ପରିଭାଷିତ କରି ଓ କେନ୍ଦ୍ରୀୟ ନିଷ୍ପାଦନ ଆଧାରିତ। ସେ ଚାରି ସ୍ତମ୍ଭ ଭୌତିକ, ଡିଜିଟାଲ ଓ ସାମାଜିକ ଭିତ୍ତିଭୂମିରେ ସାର୍ବଜନିକ ନିବେଶ ସହିତ ସମାଜର ପୂରା ବିକାଶ, ଦେଶର ବିକାଶ ସହିତ ମାନୁଫେକ୍ଚରିଂ ଓ ଇନୋଭେସନର ସରଳିକରଣ କଥା ଉଲ୍ଲେଖ କରିଛନ୍ତି। କହିଛନ୍ତି ଆମେ ଏ ସବୁକୁ ତିଆରି କରାଯାଇଥିବା ଟେକ୍ନୋଲଜି ପ୍ଲାଟଫର୍ମ ସହିତ ଯୋଡିଛୁ। ଏଣୁ ଆଗାମୀ ୫ ବର୍ଷରେ ଭାରତ ୬-୮% ବାସ୍ତବିକ ବିକାଶ,୨-୪% ମଧ୍ୟମ ମୁଦ୍ରାସ୍ଫୀତି ଓ ୧୦-୧୩% ନାମ ମାତ୍ର ବିକାଶ ଦେଖିବ। ଏଣୁ ଆମେ ଏବେ ଆତ୍ମବିଶ୍ୱାସର ସହ କହୁଛୁ ସମାଜର ସବୁ ବର୍ଗକୁ ଏହାର ଲାଭ ମିଳିବ। ଭାରତ ମଜଭୂତ ମାକ୍ରୋ ଓ ମାଇକ୍ରୋ ଫଣ୍ଡାମେଣ୍ଟାଲର ଏକ ନମନୀୟ ଅର୍ଥ ବ୍ୟବସ୍ଥା। ଉତ୍ପାଦକ ନିୟମିତ ନୂଆ ବଜାର ସନ୍ଧାନ କରୁଛନ୍ତି ଓ ରପ୍ତାନୀ ବଢୁଛି। ଖାସ ଏଥି ଯୋଗୁ ଭାରତ ଗତ ୧୦ ବର୍ଷ ହେଲା ସମଗ୍ର ବିଶ୍ୱ ନିମନ୍ତେ ଭାଲ୍ୟୁ ଚେନ୍ ପାର୍ଟନରରେ ପରିଣତ ହୋଇଛି।

ଜିଡିପି ଅଭିବୃଦ୍ଧି, ମୁଣ୍ଡପିଛା ଆୟ

ପଶ୍ଚିମବଙ୍ଗକୁ ଟପିଲା ଓଡ଼ିଶା

ନୂଆଦିଲ୍ଲୀ,୨୧।୧: ପୂର୍ବ ଭାରତର ସର୍ବବୃହତ୍ ଅର୍ଥନୀତିର ମୁକୁଟ ବଜାୟ ରଖିଥିବା ପଶ୍ଚିମବଙ୍ଗକୁ ଓଡ଼ିଶା କଡ଼ା ଟକ୍କର ଦେଉଛି। ଜିଡିପି ଅଭିବୃଦ୍ଧି ଓ ମୁଣ୍ଡପିଛା ଆୟ ଭଳି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ମାନଦଣ୍ଡରେ ଏହା ଆଗରେ ରହିଛି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାର ଅର୍ଥନୈତିକ ପ୍ରଦର୍ଶନ ବେଶ୍ ଚମତ୍କାର ରହିଛି। ତେଣୁ ଦୁଇ ରାଜ୍ୟ ମଧ୍ୟରେ ଥିବା ଅର୍ଥନୈତିକ ଅନ୍ତର ଦ୍ରୁତ ଗତିରେ ଦୂର ହେବାରେ ଲାଗିଛି। ୨୦୨୪-୨୫ରେ ଓଡ଼ିଶାର ମୁଣ୍ଡପିଛା ଆୟ ୯୬,୨୨୪ ଟଙ୍କା ହେବା ଆକଳନ କରାଯାଇଛି। ଏହା ପଶ୍ଚିମବଙ୍ଗର ୮୨,୭୮୧ ଟଙ୍କା ଓ ଆସାମର ମୁଣ୍ଡପିଛା ଆୟ ୮୫,୯୮୮ ଟଙ୍କାଠାରୁ ଯଥେଷ୍ଟ ଅଧିକ। ଜିଡିପି ଅଭିବୃଦ୍ଧି ଉପରେ ନଜର ପକାଇଲେ ଜଣାପଡ଼ୁଛି ଯେ, ପଶ୍ଚିମବଙ୍ଗଠାରୁ ଓଡ଼ିଶାର ପ୍ରଦର୍ଶନ ଯଥେଷ୍ଟ ଉନ୍ନତ ରହିଛି। ପଶ୍ଚିମବଙ୍ଗର ଜିଏସ୍‌ଡିପି ହାର ଅଧିକାଂଶ ବର୍ଷ ଜାତୀୟ ହାରଠାରୁ କମ୍ ରହିଥିଲା। ଓଡ଼ିଶାର ଅଭିବୃଦ୍ଧି କିନ୍ତୁ ଜାତୀୟ ଅଭିବୃଦ୍ଧି ହାରଠାରୁ ଅଧିକ ରହିଛି। କେତେକ ନିର୍ଦ୍ଦିଷ୍ଟ ବର୍ଷରେ ରାଜ୍ୟ ଅର୍ଥନୀତିର ପ୍ରଦର୍ଶନ ବେଶ୍ ଚମତ୍କାର ରହିଥିଲା। ୨୦୨୦ର କରୋନା ମହାମାରୀ ପରେ ଅର୍ଥନୀତି ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ୨୦୨୧-୨୨ରେ ଏହା ୧୬.୪ ପ୍ରତିଶତର ପ୍ରଶଂସନୀୟ ଅଭିବୃଦ୍ଧି ହାସଲ କରିଥିଲା।

ଶିଳ୍ପାୟନରେ ମଧ୍ୟ ପଶ୍ଚିମବଙ୍ଗଠାରୁ ଓଡ଼ିଶାର ପ୍ରଦର୍ଶନ ମଧ୍ୟ ଉନ୍ନତ ରହିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ପଞ୍ଚାୟତ...

ଆରମ୍ଭ କରିଥିବା ନେଇ ରାଜ୍ୟ ନିର୍ବାଚନ କମିଶନ ସଚିବ ସୂଚନା ଦେଇଛନ୍ତି।

ନବଗଠିତ ଏନଏସି ନିର୍ବାଚନ ସବୁ ଦଳ ପାଇଁ ଅଗ୍ନି ପରୀକ୍ଷା ହେବ। କାରଣ ୨୦୨୭ରେ ମ୍ୟୁନିସିପାଲିଟି ଓ ପଞ୍ଚାୟତ ପାଇଁ ନିର୍ବାଚନ ହେବ। ଯେହେତୁ ଜୁନ ଭିତରେ ହେବାକୁ ଥିବା ଏନଏସି ୧୬ ଜିଲ୍ଲାରେ ହେବ, ତେଣୁ ଜନମତ କାହା ସପକ୍ଷରେ ରହିଛି ସେନେଇ ବଡ଼ ସଙ୍କେତ ମିଳିବ ବୋଲି ଆକଳନ କରାଯାଉଛି। ଏଥିସହ ନୂଆ ସରକାରକୁ ଲୋକେ କିଭଳି ଗ୍ରହଣ କରିଛନ୍ତି, ତା'ର ମଧ୍ୟ ଏକ ଝଲକ ମିଳିଯିବ। ଏହାକୁ ନେଇ ଏବେଠୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭିତରେ ବୟନବାଜି ବି ଆରମ୍ଭ ହୋଇଛି।

ଏନେଇ ବିଜେପି କହିଛି ଯେ ସମସ୍ତ ନୂଆ ଏନଏସି ଓ ମ୍ୟୁନିସିପାଲିଟି ନିର୍ବାଚନରେ ବାଜିମାତ କରିବ ଦଳ। ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଜେପିକୁ ଜିତାଇବ ବୋଲି ବିଜେପି ନେତାମାନେ ଦାବି କରୁଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ କହିଛନ୍ତି, ନୂଆ ସରକାର କୌଣସି ପ୍ରତିଶ୍ରୁତି ପୂରଣ କରିପାରିନାହାନ୍ତି, ତଳ ସ୍ତରରେ କୌଣସି ଆଖିଦୃଶିଆ ଉନ୍ନୟନ କାମ ହୋଇପାରୁନାହିଁ। ତେଣୁ ଆସନ୍ତା ନିର୍ବାଚନରେ ଲୋକେ ଏହାର ଜବାବ ଦେବେ।

ସର୍ବକାଳୀନ...

ପରିମାଣର ପୁଞ୍ଜି ପ୍ରତ୍ୟାହାର କରୁଥିବାରୁ ଟଙ୍କାର ମୂଲ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ଇଣ୍ଟରବ୍ୟାଙ୍କ ଫରେନ କରେନ୍ସି ଏକ୍ସଚେଞ୍ଜ ବଜାରରେ ଆଜି ଟଙ୍କାର ଦର ପ୍ରତି ଡଲାର ପିଛା ୯୧ ଟଙ୍କା ୦୫ ପଇସାରେ ଖୋଲିଥିଲା। କିଛି ସମୟ ପରେ ଏହା ୩

ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଓ ସଦସ୍ୟାଙ୍କ କଟକ ଜିଲ୍ଲା ଗସ୍ତ

କଟକ,୨୧।୧ (ସଂଚାର ବ୍ୟୁରୋ): ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଶ୍ରୀମତି ବବିତା ପାତ୍ର ଏବଂ ସଦସ୍ୟା ଚନ୍ଦନା ଦାସ କଟକ ଜିଲ୍ଲାଗସ୍ତରେ ଆସି ଶିଶୁ ସୁରକ୍ଷା ଏବଂ ଅଧିକାର ସଂକ୍ରାନ୍ତ କାର୍ଯ୍ୟକ୍ରମ ଗୁଡ଼ିକର କ୍ଷେତ୍ର ପରିଦର୍ଶନ କରିଥିଲେ। ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ଏକ ଛତୁଆ ପ୍ଲାଣ୍ଟ, ସେଠାରେ ଥିବା ଏକ ଅଙ୍ଗନୱାଡ଼ି କେନ୍ଦ୍ର, ଏକ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ବାଲ ସଭାର ଆୟୋଜନ କରିଥିଲେ। ବିଶେଷ କରି ଟାଙ୍ଗୀ ବ୍ଲକ ଅଧିନସ୍ଥ ଆଦିବାସୀ ଅଧ୍ୟୁସିତ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଲୋକମାନଙ୍କ ସହିତ ଆଲେଚନା କରିଥିଲେ। ସେଠାରେ ଥିବା ସର୍ଭେଣ୍ଟସ ଅଫ ଇଣ୍ଡିଆ ସୋକାଇଟିରେ ରହିଥିବା ଶିଶୁ ଯତ୍ନ ଅନୁଷ୍ଠାନ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ର ବୁଲି ଅନ୍ତେବାସୀ ମାନଙ୍କ ଭଲ ମନ୍ଦ ପଚାରି ବୁଝିଥିଲେ। ପରେ ସେଠାରେ ନୂତନ ଭାବେ ଗଢ଼ାଯାଇଥିବା ଭୋଜନାଳୟକୁ ଉଦ୍‌ଘାଟନ କରିଥିଲେ। ତତପରେ ଏସ୍‌ସିବି ମେଡିକାଲକୁ ଯାଇ ଏକ ଶିଶୁ ୟୁନିଟ ଉଦ୍‌ଘାଟନ କରିବା ସହ ମଙ୍ଗଳାବାଗ ଥାନା ପରିସରରେ ଥିବା ଚାଇଲ୍ଡ ଫ୍ରେଣ୍ଡଲି ମହିଳା ଓ ଶିଶୁ ଡେସ୍କ ବୁଲି ଥାନା ଅଧିକାରୀଙ୍କ ସହିତ ଶିଶୁ ସୁରକ୍ଷା ସମ୍ବନ୍ଧିତ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଉଭୟ ଆୟୋଗ ଅଧକ୍ଷା ଓ ସଦସ୍ୟା ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ଓ ଶିଶୁ ଭବନ ଅଧିକ୍ଷକ ଶ୍ରୀ ପ୍ରଭାକର ମିଶ୍ରଙ୍କ ସହିତ ଶିଶୁ ଭବନ ପରିଦର୍ଶନରେ ଯାଇ ସେଠାରେ ଥିବା ନୂତନ କୋଠାରେ ଚାଲୁଥିବା ଚିକିତ୍ସା ସୁବିଧା ବ୍ୟବସ୍ଥା ସଂପର୍କରେ ବୁଲି ଦେଖିଥିଲେ। ପରିଦର୍ଶନ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଏକ ସମୀକ୍ଷା ବୈଠକ କରିଥିଲେ।

ଶୀତଳାପଲ୍ଲୀ ସମ୍ ହସ୍ପିଟାଲ୍‌ରେ ଜଟିଳ ନ୍ୟୁରୋସର୍ଜରୀ ସଫଳ

ଭୁବନେଶ୍ୱର,୨୧।୧ (ସଂଚାର ବ୍ୟୁରୋ): ଦକ୍ଷିଣ ଭାରତରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଅଭୁତପୂର୍ବ ସଫଳତା ଆଣିଛି ବ୍ରହ୍ମପୁର, ଶୀତଳାପଲ୍ଲୀ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୩। ଏହି ହସ୍ପିଟାଲର ଡାକ୍ତରୀ ଟିମ୍ ଜଣେ ୫୦ ବର୍ଷୀୟା ମହିଳାଙ୍କ ମସ୍ତିଷ୍କରେ ଥିବା ଟ୍ୟୁମରଟିକୁ ଏକ ଜଟିଳ ସ୍ନାୟୁଶଲ୍ୟ ଅସ୍ତ୍ରୋପଚାର ମାଧ୍ୟମରେ କାଢ଼ିବାରେ ସଫଳ ହୋଇଛନ୍ତି। ଏହି ଟ୍ୟୁମରଟି ଯୋଗୁଁ ମହିଳାଙ୍କର ଜୀବନ ପ୍ରତି ବିପଦ ମଧ୍ୟ ରହିଥିଲା। ଦକ୍ଷିଣ ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ଅତ୍ୟାଧୁନିକ ସ୍ନାୟୁଶଲ୍ୟ ଅସ୍ତ୍ରୋପଚାର ପ୍ରକ୍ରିୟାରେ ସମ୍ପନ୍ନ ହୋଇଥିବା ବେଳେଏହି ଅଞ୍ଚଳର ସ୍ୱାସ୍ଥ୍ୟ ସେବାକୁ ଶୀତଳାପଲ୍ଲୀ ସମ୍ ଆହୁରି ସୁଦୃଢ଼ କରିପାରିଛି।

ହୀରାମଣି ସାହୁ ନାମକ ମହିଳା ରୋଗୀ ଜଣେ ତାଙ୍କର ପ୍ରବଳ ମୁଣ୍ଡ ବ୍ୟଥା ଏବଂ ଶରୀରରେ ଦୁର୍ବଳତାର ସମସ୍ୟା ନେଇ ହସ୍ପିଟାଲ୍‌କୁ ଆସିଥିଲେ। ତାଙ୍କ ଠାରେ ସ୍ନାୟୁଶଲ୍ୟ ସମସ୍ୟାର ଗୁରୁତର ଅବସ୍ଥାକୁ ଦେଖି ଡାକ୍ତରମାନେ ତୁରନ୍ତ ଏମଆରଆଇ ସ୍କାନ୍ କରାଇଥିଲେ। ସ୍କାନିଂ ରିପୋର୍ଟରୁ ମସ୍ତିଷ୍କର ଡାହାଣ ପାର୍ଶ୍ୱରେ ଏକ ବୃହତ ଇଂଟ୍ରାଭେଂଟ୍ରିକୁଲାର ବ୍ରେନ୍ ଟ୍ୟୁମର ଥିବାର ଜଣାପଡ଼ିଥିଲା। ଏହା ଏକ ଜଟିଳ ଏବଂ ଗୁରୁତର ସମସ୍ୟା ରହିଥିଲା କାରଣ ଟ୍ୟୁମରଟି ମସ୍ତିଷ୍କର ଅତ୍ୟନ୍ତ ଗଭୀର ପାର୍ଶ୍ୱକୁ ଚାଲିଯାଇଥିବା ବେଳେ ଅସ୍ତ୍ରୋପଚାର ପାଇଁ ଏହା ବେଶ ଜଟିଳ ହୋଇଥିଲା। ଏହି ଅସ୍ତ୍ରୋପଚାରକୁ ହସ୍ପିଟାଲ୍ ନ୍ୟୁରୋସର୍ଜରୀ ବିଭାଗର ଆସୋସିଏଟ ପ୍ରଫେସର (ଡାକ୍ତର) ପ୍ରଭାତ କୁମାର ଜଗଦେବ ନେତୃତ୍ୱ ନେଇଥିବା ବେଳେ ତାଙ୍କୁ ନ୍ୟୁରୋଆନେସ୍‌ଥେସିଆ ବିଶେଷଜ୍ଞ ଡାକ୍ତର ପ୍ରତ୍ୟୁଷ କେ. ମିଶ୍ରଙ୍କ ସମେତ ନ୍ୟୁରୋସର୍ଜିକାଲ୍ ଅପରେସନ୍ ଥିଏଟର ଟିମ୍ ସହଯୋଗ କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀ ଜଣକ ସୁସ୍ଥ ଅଛନ୍ତି ଏବଂ ତାଙ୍କର ସ୍ୱାସ୍ଥ୍ୟରେ ଧିରେ ଧିରେ ଉନ୍ନତି ଘଟୁଛି ବୋଲି ହସ୍ପିଟାଲ୍‌ର କର୍ତୃପକ୍ଷ ସୂଚନା ଦେଇଛନ୍ତି।

ରାଧା ଗୋବିନ୍ଦ ମହୋତ୍ସବ ଉଦ୍‌ଘାଟିତ

ଖୋର୍ଦ୍ଧା, ୨୧।୧ (ସଂଚାର ବ୍ୟୁରୋ): ଭୁଷଣ୍ଡପୁର ସ୍ଥିତ ଝାଟି ନୂଆଗାଁ ବାଲିପାଟପୁର ଗୋବର୍ଦ୍ଧନପୁର କଲୋନୀ ଠାରେ ଗ୍ରାମ୍ୟ କମିଟି ଦ୍ୱାରା ଶ୍ରୀ ରାଧା ଗୋବିନ୍ଦ ମନ୍ଦିର ପ୍ରତିଷ୍ଠା ଅବସରରେ ଆୟୋଜିତ ଶ୍ରୀ ରାଧା ଗୋବିନ୍ଦ ମହୋତ୍ସବ ଏକ ଭକ୍ତିମୟ ପରିବେଶ ମଧ୍ୟରେ ଉଦଘାଟିତ ହୋଇଯାଇଛି । ମହୋତ୍ସବ ପ୍ରାରମ୍ଭ ରେ ଟାଙ୍ଗି ବ୍ଲକ ର ସାତ ଗୋଟି ପଞ୍ଚାୟତର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ତେନ୍ତୁଳିଆପଡା ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରା ରେ ବାହାରି ଗ୍ରାମ ପରିକ୍ରମା କରି ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ ରେ ପହଞ୍ଚିଥିଲେ । ବିଶିଷ୍ଟ ସମାଜସେବୀ ତଥା ଅନୁଷ୍ଠାନ ର ଉପଦେଷ୍ଟା ଡକ୍ଟର ସଞ୍ଜୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧୁ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟ ଅତିଥିରୂପେ ଯୋଗଦେଇ କାର୍ଯ୍ୟକ୍ରମ ଟିକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ତାଙ୍କ ବକ୍ତବ୍ୟ ରେ ଜଗତ ର ନାଥ ପ୍ରଭୁ ଜଗନ୍ନାଥ ଏବଂ ରାଧା କୃଷ୍ଣ ଙ୍କର ଜନ୍ମ କାହାଣୀ ବୃତ୍ତାନ୍ତ ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବରେ ଓଡିଶା ଆର୍ଯ୍ୟ ସମାଜ ମୁଖ୍ୟ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଯୋଗଦେଇ 'ଶ୍ରୀକୃଷ୍ଣ ଓ ଜରାସନ୍ଧ' କାହାଣୀ ଅନୁବାଦ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ କଥା ବାଚକ ଅମୃତାନନ୍ଦ ଦାସ ମହାରାଜ ଉପସ୍ଥିତ ରହି ଶ୍ରୀମଦ ଭାଗବତ କଥାମୃତରେ ରାଧାକୃଷ୍ଣ ଏବଂ ତାଙ୍କର ଜନ୍ମଲୀଳା କାହାଣୀ ବିଭିନ୍ନ ଅବତାର ସମ୍ବନ୍ଧରେ ରେ ଶ୍ରୋତା ମାନଙ୍କୁ କହିଥିଲେ । ଡ଼କ୍ଟର ସଞ୍ଜୟ ପଟ୍ଟନାୟକ ଚାରିଦିନ ବ୍ୟାପି ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୧୨୧ଟି ମଠ ଓ ଆଶ୍ରମରୁ ଆସିଥିବା ବହୁ ସାଧୁ ସନ୍ଥଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

କାୟାକଳ୍ପ ପାଲଟିଛି ପ୍ରହସନ

ଲୋକ ଦେଖାଣିଆ ମେଡିକାଲ୍ ପରିଦର୍ଶନ

ଆନନ୍ଦପୁର, ୨୧।୧ (ସଂଚାର ବ୍ୟୁରୋ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ 'କାୟାକଳ୍ପ' ନୀରୀକ୍ଷଣ କାର୍ଯ୍ୟକ୍ରମ, କିନ୍ତୁ ଏହାର ଅନ୍ୟ ଚିତ୍ର ମଧ୍ୟ ଆଶ୍ଚର୍ଯ୍ୟକର। ନୀରକ୍ଷଣ ଠାରୁ ଅଧିକ ଆଲୋଚନା ରହିଲା ଟିମ୍‌ର ଆତିଥ୍ୟ, ବିଳାସବହୁଳ ରାତ୍ରିଯାପନ ଏବଂ ପୂର୍ବପଟରେ ଚାଲିଥିବା ସାଜସଜ୍ଜା। ଆନନ୍ଦପୁର ଉପଖଣ୍ଡ ହସ୍ପିଟାଲକୁ ପରୀକ୍ଷା କରିବା ପାଇଁ ପହଞ୍ଚିଲା କାୟାକଳ୍ପ ଟିମ୍। କିନ୍ତୁ ଟିମ୍‌ର ଆଗମନ ପୂର୍ବରୁ ଏକ ତାତ୍କାଳିକ ପ୍ରସ୍ତୁତି ଦୃଶ୍ୟ ଦେଖିବାକୁ ମିଳିଲା। ନୂତନ ସାମଗ୍ରୀ କିଣା, ସଫା-ସୁତୁରା, ରଙ୍ଗମରା ଠାରୁ ଆରମ୍ଭ କରି ଶୌଚାଳୟ ପର୍ଯ୍ୟନ୍ତ ପରିଚ୍ଛନ୍ନ କରାଯାଉଥିଲା। ଏମିତି ପ୍ରତି ମାସରେ ଆସନ୍ତେ କି କାୟାକଳ୍ପ ଟିମ୍। ଆମେ ମଧ୍ୟ ସ୍ୱଚ୍ଛତା ଦେଖୁଥାକୁ ଏପରି ମେଡ଼ିକାଲ୍‌ରେ ଆଲୋଚନା ହେଉଥିଲା। କାୟାକଳ୍ପ ନୀରୀକ୍ଷଣ ପାଇଁ ଆସିଥିବା ପଦାଧିକାରୀମାନେ ଆସି ଫାର୍ମାସିଷ୍ଟଙ୍କ ଦ୍ୱାରା

ଆପ୍ୟାୟିତ ହୋଇ ଗୋଟିଏ ବିଳାସପୂର୍ଣ୍ଣ ହୋଟେଲରେ ରାତ୍ରିବାସ କରିଥିବା ଖବର ମଧ୍ୟ ଚର୍ଚ୍ଚାରେ।

ଏହି ଆତିଥ୍ୟ ନୀରୀକ୍ଷଣର ନିଷ୍ପକ୍ଷତାକୁ କେତେ ପ୍ରଭାବିତ କରେ ସେଥି ପାଇଁ ପ୍ରଶ୍ନ ଉଠୁଛି। ଏକପଟେ ମ୍ୟାନେଜର ଓ ଫାର୍ମାସିଷ୍ଟ ମାନଙ୍କ ଇଙ୍ଗିତରେ ପରିଦର୍ଶନ କାର୍ଯ୍ୟ ପରିଚାଳନ କରୁଥିବାବେଳେ ଅନ୍ୟପଟେ କାୟାକଳ୍ପ ଟିମ୍‌ର ଗସ୍ତକୁ ନେଇ ଲୋକମାନଙ୍କ ମଧ୍ୟରେ ବ୍ୟଙ୍ଗ-ବିତର୍କ ଚାଲିଛି। ସବୁଠାରୁ ରୋଚକ ଦୃଶ୍ୟ କାୟାକଳ୍ପ ପରିଦର୍ଶନ ଚାଲିଥିବା ବେଳେ ଶୌଚାଳୟ ସଫେଇର ହଡ଼ବଡ଼ି ଦୃଶ୍ୟ। ଏହା ଟିମ୍‌ର ପ୍ରସ୍ଥାନ ଶେଷରୁ ଏହି ପ୍ରସ୍ତୁତି ଜାରି ରହିବ କି ନାହିଁ ସେଥିନେଇ ମଧ୍ୟ ଲୋକମନଙ୍କର ସନ୍ଦେହ। ନିରୀକ୍ଷଣର ଦାୟିତ୍ୱ ଯଦି ପାଳନରୁ ଅଧିକ ପ୍ରହସନରେ ପରିଣତ ହୁଏ, ତେବେ 'କାୟାକଳ୍ପ'ର ଉଦ୍ଦେଶ୍ୟ କେଉଁଠି ପୂରଣ ହେବ ସେ ପ୍ରଶ୍ନ ଆଜି ଆନନ୍ଦପୁରର ଜନସାଧାରଣର ମନରେ ଘୁରୁଛି।

ତେବେ ଏଠି ପ୍ରଶ୍ନ ଉଠିଛି କାୟକଳ୍ପ ଟିମ୍ ସହ ମେଡ଼ିକାଲ୍ କର୍ତ୍ତୃପକ୍ଷଙ୍କର କି ପ୍ରକାରର ମଧୁଚାନ୍ଦ୍ରିକା ଚାଲିଛି। ଏ ବିଷୟରେ ଉପରସ୍ତ ଅଧିକାରୀମାନେ ଜାଣିଛନ୍ତି କି ନାହିଁ। ଯଦି ଜାଣି ନାହାଁନ୍ତି ତେବେ ଏହି ଅଭିଯୋଗକୁ ନେଇ ତଦନ୍ତ କରାଯାଉ, ରାତ୍ରୀଯାପାନ କରିଥିବା ହୋଟେଲ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉ ଏବଂ ଆନନ୍ଦପୁର ମେଡ଼ିକାଲରେ ଯେଉଁ ଅଧିକାରୀ ଓ କର୍ମଚାରୀମାନେ ସମ୍ପୃକ୍ତ ଅଛନ୍ତି ତାଙ୍କୁ ଚିହ୍ନଟ କରାଯାଇ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଗୋଟିଏ ସ୍ଥାନରେ ଦୀର୍ଘ ପାଞ୍ଚ ବର୍ଷରୁ ଅଧିକ ଦିନ ରହିଆସୁଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ଦାବି ହୋଇଛି। ତେବେ ଦେଖିବାକୁ ବାକି ରହିଲା ଏହି ଦିଗରେ ଉପରସ୍ତ ଅଧିକାରୀ ମାନେ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି।

ଚର୍ଚ୍ଚାରେ 'ବନମାଳୀ'

୭୨ବର୍ଷ ବୟସରେ ବି ଲୋକଙ୍କ ପାଇଁ ଲଢୁଛନ୍ତି

ହିଞ୍ଜିଳିକାଟୁ,୨୧।୧ (ସଂଚାର ବ୍ୟୁରୋ): ଚମ ଧୁଡୁ ଧୁଡୁ ଶରୀର, ଆଖିକୁ ଭଲ ସେ ଦେଖାଯାଉନାହିଁ କି କାନକୁ ଭଲ ସେ ଶୁଭୁନାହିଁ। ଆଜି କି କାଲି ନୁହଁ, ଦୀର୍ଘ ୩୫ ବର୍ଷ ହେଲା ବ୍ଲକ ଅଫିସକୁ କେବେ କାହା ବାଇକରେ ଲିଫ୍ଟ ମାଗି ଆସନ୍ତି ତ କେବେ ଗାଁରୁ ଚାଲିଚାଲି। ନୂଆ ନୂଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆସନ୍ତି, ଯାଇଥାନ୍ତି କିନ୍ତୁ ବନମାଳୀ ବାବୁଙ୍କ ବ୍ୟବହାର, ଢଙ୍ଗ କେବେ ପରିବର୍ତ୍ତନ ନାହିଁ। ଆର୍ଥିକ ଅନଟନ ଭିତରେ କାଳାତିପାତ କରୁଥିବା ବେଳେ ଏହି ସଂଘର୍ଷମୟ ଜୀବନରେ କେବେ ବି ପଛକୁ ଫେରିବାର ଶିଖି ନାହାନ୍ତି ହିଞ୍ଜିଳିକାଟୁ ବ୍ଲକ ଦୁର୍ବନ୍ଧ ପଂଚାୟତ ଗୋଦରାପଲ୍ଲୀ ଗ୍ରାମର ବନମାଳୀ ସାହୁ (୭୨)।

ପ୍ରକାଶ ଯେ, ମଙ୍ଗଳବାର ସକାଳ ୧୦ଟା ସମୟ ବାଜିଥାଏ। ଚାଲିଚାଲି ପହଞ୍ଚିଲେ ହିଞ୍ଜିଳିକାଟୁ ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ପାଖରେ। ହାତରେ ଥାଏ ବ୍ୟାଗ, କାନ୍ଧରେ ଥାଏ ଗାମୁଛା ଓ ପାଦରେ ହାବାଇ ଚପଲ। ଆମ ସହ ହଠାତ ଭେଟ ହୋଇଗଲା, ବୁଝିବାରୁ ଜଣାପଡିଲା - ସକାଳୁ ବାଇକରେ ଲିଫ୍ଟ ମାଗି ଗାଁ ରାସ୍ତା ମରାମତି ନେଇ ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

୧୯୭୮ ମସିହାରେ ଗୋଦରାପଲ୍ଲୀ ଗ୍ରାମରେ ଯୁପି ସ୍କୁଲ, ୧୯୮୩ରେ ଦୁର୍ବନ୍ଧ ପଂଚାୟତ ହାଇସ୍କୁଲ ଓ ୨୦୦୪ ମସିହାରେ ଗୋଦରାପଲ୍ଲୀ ଏମ.ଇ ସ୍କୁଲ ଓ ଯୁକ୍ତ ୨ କଞ୍ଜୁରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସେ ଟ୍ରେନ ଯୋଗେ କେତେବେଳେ କଟକ ବିଏସଇ ଓ ଆଉ କେତେବେଳେ ଭୁବନେଶ୍ୱର ଉଚ୍ଚ ଶିକ୍ଷା ବିଭାଗକୁ ଯାଇଛନ୍ତି। କୌଣସି ଅଫିସରେ ବନମାଳୀ ବାବୁଙ୍କୁ ବାରଣ ବି ନ ଥାଏ। କାରଣ ନିଜ ପାଇଁ ନାହିଁ, ଅଞ୍ଚଳ ବାସୀଙ୍କ ପାଇଁ ସଦାବେଳେ ସ୍ୱର ଉଠାନ୍ତି। ଗୋଦରାପଲ୍ଲୀ ବି. ପଡିଆରେ ଡ଼ିଗ୍ରୀ କଲେଜ ପାଇଁ ଯୋଜନା, ରାଳବଡୁ ଆଲପୁର ପିଡବୁଡି ରାସ୍ତା ନିର୍ମାଣ, କଞ୍ଜୁରୁ ବାଇପାସ ରୋଡ଼ ନିର୍ମାଣ, ପଳାସୀ ଠୁ ଚଣ୍ଡୀ ପଦର ବାଇପାସ ରୋଡ଼ ନିର୍ମାଣ ଲୋକଙ୍କ ମଙ୍ଗଳ ପାଇଁ ଚେଷ୍ଟିତ ଥା'ନ୍ତି। ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନ୍ୟମାନଙ୍କ ପାଇଁ ବନମାଳୀ ପ୍ରେରଣାର ଉତ୍ସ ପାଲଟିବେ, ଏଥିରେ ଦ୍ୱିମତ ନାହିଁ।

ଡାକ୍ତର ବିଜୟ କୁମାର ମହାରଣାଙ୍କୁ 'ଭାରତ ଗୌରବ' ରାଷ୍ଟ୍ରୀୟ ପୁରସ୍କାର ସମ୍ମାନ

ଆନନ୍ଦପୁର,୨୧।୧ (ସଂଚାର ବ୍ୟୁରୋ): ଜାତୀୟ ଯୁବା ପୁରସ୍କାର ବିଜେତା, ଯୋଗ ବିଶେଷଜ୍ଞ ଏବଂ "ମିଶନ ଟୁ ସକ୍ସେସ" ପୁସ୍ତକର ଲେଖକ ଡାକ୍ତର ବିଜୟ କୁମାର ମହାରଣାଙ୍କୁ ନୂଆଦିଲ୍ଲୀ ସ୍ଥିତ ସମ୍ବିଧାନ କ୍ଲବ ଅଫ ଇଣ୍ଡିଆରେ ଆୟୋଜିତ ଏକ ଗର୍ବିତ ସମାରୋହରେ ୨୦୨୫ ପାଇଁ ଭାରତ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଡାକ୍ତର ବିଜୟ କୁମାର ମହାରଣା ଖଲିଆମେଣ୍ଢା, ଆନନ୍ଦପୁର ଗ୍ରାମବାସୀ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ରଙ୍ଗଧର ମହାରଣା ଏବଂ ଶ୍ରୀମତୀ ଯଶୋଦା ଦେବୀଙ୍କ ପୁଅ। ସେ ଗତ ତିରିଶ ବର୍ଷ ଧରି ଗରିବ କର୍କଟ ରୋଗୀଙ୍କ ସେବା କରୁଛନ୍ତି, ୯୯ ଥର ରକ୍ତଦାନ କରିଛନ୍ତି ଏବଂ ମୁମ୍ବାଇର ଡବ୍ବାୱାଲାମାନଙ୍କ ମଧ୍ୟରେ ଯୋଗ ଉପରେ ଗବେଷଣା କରି ପିଏଚଡି ହାସଲ କରିଥିବା ପ୍ରଥମ ବ୍ୟକ୍ତି।

ପୋଲ ତଳୁ ଯୁବକର ମୃତଦେହ ଉଦ୍ଧାର

ନୀଳଗିରି,୨୧।୧ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଧିନ କାଇଁଷି ଗ୍ରାମର ସ୍ୱର୍ଗତ କୁଅଁର ମୁର୍ମୁଙ୍କ ପୁତ୍ର ଧୂମା ମୁର୍ମୁ (୨୫) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳକୁ ଦାମୋଦର ମେଳା ଦେଖିବା ପାଇଁ ଗତ ୨୦ ତାରିଖ ମଙ୍ଗଳବାର ଦିନ ଓ.ଡି. ୦୧ଏ ୟୁ ୪୩୮୯ ନମ୍ବର ବିଶିଷ୍ଟ ଏକ ବଜାଜ ପଲସର ବାଇକ ଯୋଗେ ଯାଇଥିଲେ। ମେଳା ବୁଲିସାରି ବିଳମ୍ବିତ ରାତ୍ରିରେ ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ତଥା ବରହମପୁର ଥାନା ଅଧିନ କୁଞ୍ଜିବଣିଆ ଗ୍ରାମରେ ଥିବା ସମ୍ପର୍କୀୟ ଭଉଣୀ ଓ ଶ୍ୱଶୁର ଘରକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ କୁଞ୍ଜିବଣିଆ ପୋଲ ତଳକୁ ଖସି ପଡିଥିଲା। ଏଥିରେ ଧୂମା ପୋଲ ତଳ ପାଣିରେ ବୁଡ଼ି ରାତି ସାରା ରହିଥିଲା ବେଳେ ବାଇକଟି ପୋଲତଳେ ଭାଙ୍ଗି ପଡିଥିବାର ଆଜି ସକାଳେ ସ୍ଥାନୀୟ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବର ପାଇ ବରହମପୁର ଆଇଆଇସି ପ୍ରେମଦା ନାୟକ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତତସହିତ ନୀଳଗିରି ଦମକଳ ବାହିନୀ ପୋଲ ତଳ ପାଣିରେ ଖୋଜାଖୋଜି କରିବା ପରେ ଯୁବକର ମୃତଦେହ ପାଣି ଭିତରେ ଥିବା ନଟାବୁଦା ତଳୁ ଉଦ্ধାର କରିଥିଲେ। ଥାନା ପକ୍ଷରୁ ୧୩ /୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ନୀଳଗିରି ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

୩ ବେଆଇନ ବାଲି ବୋଝେଇ ହାଇୱା ଜବତ, ଚାଳକ ଥାନାରେ ଅଟକ

ବାଲିଅନ୍ତା,୨୧।୧ (ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ଖଣି ବିଭାଗ ଓ ବାଲିପାଟଣା ଥାନା ପୁଲିସ ଟିମ ମିଳିତ ଭାବେ ଆଜି ପୂର୍ବାହ୍ନରେ ବାଳକାଟି — ଝିଙ୍କିଶାସନ ଗ୍ରାମ ଉନ୍ନୟନ ରାସ୍ତାରେ ଅତର୍କିତ ଚଢ଼ଉ କରି ୩ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ଜବତ ହାଇୱା ପିଛା ୨ ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରାଯାଇଥିବା ଜଣାଯାଇଛି। ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ନିୟମାନୁସାରେ ସନ୍ଧ୍ୟା ୭ଟାରୁ ସକାଳ ୭ଟା

ଘାଟରୁ ବାଲି ଚାଲାଣ ହୋଇ ପାରିବ। ହେଲେ ସମୟ ପାଖାପାଖି ୧୦ଟା ହେବ ୩ଟି ହାଇୱା ଭାର୍ଗବୀ ନଦୀର ଝିଙ୍କିଶାସନ ନିଲାମ ଘାଟରୁ ବାଲି ନେଇ ବାଳକାଟି ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଗାଡ଼ି ଅଟକାଇଥିଲେ। ପରେ ବାଲିପାଟଣା ଥାନା ପୁଲିସ ଏବଂ ଖଣି ଅଧିକାରୀ ପହଞ୍ଚି ଗାଡି ଜବତ କରିଥିଲେ । ସୂଚନାଯୋଗ୍ୟ ପ୍ରତ୍ୟହ ଝିଙ୍କି ଶାସନ ଘାଟରୁ ବେଆଇନ ଭାବେ ନିର୍ଦ୍ଧାରିତ ସମୟ ଠାରୁ ଢେର ଅଧିକ ସମୟ ଧରି ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି ।

ସେବା ସମବାୟ ସମିତିରେ ଧାନମଣ୍ଡି ଖ

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ଆତ୍ମହତ୍ୟା

ସମ୍ବଲପୁର, ୨୧।୧(ସଂଚାର ବ୍ୟୁରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ବ୍ରହ୍ମପୁତ୍ର ଛାତ୍ରାବାସରେ ଜଣେ ଛାତ୍ର ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଛାତ୍ର ଜଣକ ହେଲେ ସ୍ନାତକୋତ୍ତର ଅର୍ଥନୀତି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ସୂରଜ କୁଜୁର(୨୨)। ତାଙ୍କ ଘର ସୁନ୍ଦରଗଡ଼ ଜିଲ୍ଲା କୁତ୍ରାରେ। ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚାନାମା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

ଛାତ୍ର ଜଣକ ଛାତ୍ରାବାସର ୫୨ ନଂ. କୋଠରିରେ ଏକା ରହୁଥିଲେ। ସେ ଚୁପଚାପ ସ୍ୱଭାବର ହୋଇଥିବା ବେଳେ କିଛି ଦିନ ହେଲା ଅଧିକାଂଶ ସମୟ ମୌନ ରହୁଥିବା ଅନ୍ୟ ଛାତ୍ରଙ୍କଠାରୁ ଜଣାଯାଇଛି। ତାଙ୍କ ମୋବାଇଲର ଡିସପ୍ଲେ ଖରାପ ହୋଇଥିବାରୁ ମଙ୍ଗଳବାର ଅପରାହ୍ନ ଚାରିଟାରେ ଅନ୍ୟ କୋଠରୀକୁ ଯାଇ ଜଣେ ଛାତ୍ରଙ୍କ ମୋବାଇଲରୁ ଘରକୁ ଫୋନ କରିଥିଲେ। କଥାବାର୍ତ୍ତା ସମୟରେ ତାଙ୍କ ଭଉଣୀଙ୍କ ଏଥର ଘରକୁ ଆସିଲେ ଏକ ମୋବାଇଲ କିଣିଦେବେ ବୋଲି କହିଥିବା ପରିବାର ଲୋକଙ୍କଠାରୁ ଜଣାଯାଇଛି ।

ରାତ୍ରୀ ଭୋଜନ ପାଇଁ ସେ ନ ଆସିବାରୁ ଜଣେ ସାଙ୍ଗ ତାଙ୍କୁ ଡାକିବାକୁ ଯାଇଥିଲେ। ଆଗରୁ କବାଟ ସବୁବେଳେ ଖୋଲା ରହୁଥିବା ବେଳେ ଭିତରପଟରୁ କବାଟ ବନ୍ଦ ରହିଥିଲା। ଯେତେ ଡାକିଲେ ମଧ୍ୟ କୌଣସି ଉତ୍ତର ନମିଳିବାରୁ କବାଟର ଉପର ଅଂଶରେ ଥିବା ଫାଙ୍କ ଦେଇ ସେ ଫ୍ୟାନରେ ଝୁଲି ପଡ଼ିଥିବା ଦେଖାଯାଇଥିଲା। ବିଳମ୍ବିତ ରାତିରେ ପରିବାର ଲୋକଙ୍କୁ ଫୋନରେ ସୂଚନା ଦେବା ସହ ପୁଲିସକୁ ଖବର ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି, କୁଳସଚିବ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ଓ ଛାତ୍ରବାସ ୱାର୍ଡେନ ଆସି ପହଞ୍ଚିଥିଲେ ।

ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ

ରାଜ୍ୟ ସମବାୟ ବ୍ୟାଙ୍କ ଓ ୟୁକୋ ବ୍ୟାଙ୍କ ପୁରସ୍କୃତ

ଭୁବନେଶ୍ୱର,୨୧।୧(ସଂଚାର ବ୍ୟୁରୋ): ଖରିଫ ୨୦୨୪ ଓ ରବି ୨୦୨୪-୨୫ ବର୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଏବଂ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭାରତ ସରକାରଙ୍କ ଦ୍ୱାରା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ୟୁକୋ ବ୍ୟାଙ୍କ, ଓଡ଼ିଶା ୟୁନିଟ୍ ପୁରସ୍କୃତ ହୋଇଛନ୍ତି। ଗତ ଜାନୁଆରୀ ୧୮-୧୯ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ୧୩ତମ ଜାତୀୟ ସମୀକ୍ଷା ସମ୍ମିଳନୀରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ବୃହତ ରାଜ୍ୟ - ସମବାୟ ବ୍ୟାଙ୍କ ବର୍ଗରେ ପ୍ରଥମ ପୁରସ୍କାର ପାଇଛି ଏବଂ ୟୁକୋ ବ୍ୟାଙ୍କ, ଓଡ଼ିଶା ରାଜ୍ୟପ୍ରତିୟ ବ୍ୟାଙ୍କର୍ସ କମିଟି ବର୍ଗରେ ତୃତୀୟ ପୁରସ୍କାର ପାଇଛି।

ଖରିଫ ୨୦୨୪ ବର୍ଷରେ, ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ପଞ୍ଜିକୃତ ୨୨. ୪୧ ଲକ୍ଷ ଚାଷୀଙ୍କ ମଧ୍ୟରୁ, ଏହି ବ୍ୟାଙ୍କଗୁଡ଼ିକ ମିଳିତ ଭାବରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ପଞ୍ଜୀକୃତ କରିଥିଲେ। ସେଥିରେ ଋଣଗ୍ରହୀ ଏବଂ ଅଣ-ଋଣଗ୍ରହୀ ଉଭୟ ବର୍ଗ ଅନ୍ତର୍ଭୁକ୍ତ ଥିଲେ। ସେହିପରି, ୨୦୨୪-୨୫ ରବି ବର୍ଷରେ, ସେମାନେ ରାଜ୍ୟରେ ମୋଟ ୧. ୮୧ ଲକ୍ଷ ପଞ୍ଜିକରଣ ମଧ୍ୟରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ପଞ୍ଜୀକୃତ କରିଥିଲେ। ପାଇଥିବା ପୁରସ୍କାରକୁ କୃଷି ନିର୍ଦ୍ଦେଶକ ଶୁଭମ୍ କୁମାର ସକ୍ସେନା, ଅତିରିକ୍ତ କୃଷି ନିର୍ଦ୍ଦେଶକ ଲିଟି ପଟ୍ଟନାୟକ, ଯୁଗ୍ମ ଶାସନ ସଚିବ, ସମବାୟ ସଂଗ୍ରାମ ରାଉତ, ସିଜିଏମ ୟୁକୋ ବ୍ୟାଙ୍କ, ଇନଚାର୍ଜ ଏସଏଲବିସି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀଙ୍କୁ ଆନୁଷ୍ଠାନିକ ଭାବରେ ପୁରସ୍କାର ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସମବାୟ ବିଭାଗ ମଧ୍ୟରେ ଦୃଢ଼ ସମନ୍ୱୟ ମାଧ୍ୟମରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ପ୍ରତିଫଳିତ କରୁଛି ବୋଲି କୃଷି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ ପାଢ଼ୀ କହିଛନ୍ତି ।

● ବିଜେଡି ସଭାପତିଙ୍କୁ ଭେଟିଲେ ପାଟକୁରା କର୍ମୀ, ନେତା

ଲୋକଙ୍କ ସ୍ୱାର୍ଥ ବିରୋଧରେ ଗଲେ ବରଦାସ୍ତ କରାଯିବନି

ଭୁବନେଶ୍ୱର, ୨୧।୧(ସଂଚାର ବ୍ୟୁରୋ): ବୁଧବାର ସନ୍ଧ୍ୟାରେ ପାଟକୁରା ନିର୍ବାଚନ ମଣ୍ଡଳୀର ଶହ ଶହ ବିଜେଡି କର୍ମୀ ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ପାଟକୁରା ବିଧାୟକଙ୍କୁ ନିଲମ୍ବନ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ଏହାସହିତ ଦଳକୁ ମଜଭୂତ କରିବାକୁ ଆଗାମୀ ଦିନରେ ସଭାପତି ଯାହା ନିଷ୍ପତ୍ତି ନେବେ, ସେଥିପ୍ରତି ସେମାନଙ୍କର ଦୃଢ଼ ସମର୍ଥନ ମଧ୍ୟ ଘୋଷଣା କରିଥିଲେ।

ପାଟକୁରାରୁ ଆସିଥିବା କର୍ମୀମାନଙ୍କୁ ସମ୍ବୋଧନ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ବିଜେଡି ସବୁବେଳେ ଲୋକଙ୍କ ସେବାରେ ବିଶ୍ୱାସ କରେ। ଲୋକଙ୍କ ସ୍ୱାର୍ଥ ବିରୋଧରେ ତଥା ଦଳ ବିରୋଧରେ କାମ କରୁଥିବା ବ୍ୟକ୍ତି ଯେତେ ଶକ୍ତିଶାଳୀ ହେଲେ ବି ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ। ସୂଚନା ଯୋଗ୍ୟ ଯେ, ନିକଟରେ ଦଳବିରୋଧୀ କାର୍ଯ୍ୟ ପାଇଁ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ସଭାପତି ନବୀନ ପଟ୍ଟନାୟକ ବିଜେଡିରୁ ନିଲମ୍ବିତ କରିଥିଲେ।

ଆଜି ପାଟକୁରା ବିଜେଡି କର୍ମୀମାନେ ଭେଟିବା ସମୟରେ ବିଧାୟକ ପ୍ରତାପ କେଶରୀ ଦେବ, ବିଧାୟକ ଧ୍ରୁବ ସାହୁ,ସୁନୀଲ ମହାନ୍ତି, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନାଙ୍କ ସମେତ କେନ୍ଦ୍ରାପଡ଼ାର ୫ ଜଣ ଜିଲ୍ଲା ପରିଷଦ ସଭ୍ୟ, ପାଟକୁରାର ଦୁଇ ବ୍ଲକରେ ଉପାଧକ୍ଷ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।

● ସ୍କୁଟିକୁ ପଛରୁ ଧକ୍କାଦେଲା ଟ୍ରକ

ବାପା ମୃତ, ପୁଅ ଗୁରୁତର

ପାଲଲହଡ଼ା,୨୧।୧(ସଂଚାର ବ୍ୟୁରୋ): ଆଜି ଅପରାହ୍ନରେ ଜାତୀୟ ରାଜପଥ ୪୯ କଲେଜ ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି। ବାପା ଏବଂ ପୁଅ ଏକ ସ୍କୁଟିରେ ଯାଉଥିବା ବେଳେ ଏକ ଟ୍ରକ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ଘାଟଶାସ୍ଥଳରେ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅଙ୍କୁ ଗୁରୁତର ଅବସ୍ଥାରେ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ବ୍ୟକ୍ତି ହେଲେ ତାଳଚେର ଥର୍ମାଲ ଅଞ୍ଚଳର କ୍ଷୀରୋଦ ପାଣିଗ୍ରାହୀ ଏବଂ ଆହତ ଜଣକ ହେଉଛନ୍ତି ଶରତ ପାଣିଗ୍ରାହୀ। ଦୁର୍ଘଟଣା ପରେ ଟ୍ରକ ଛାଡି ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ଦୁର୍ଘଟଣା ପରେ ଜାତୀୟ ରାଜପଥ ୪୯ରେ ଗାଡି ଚଳାଚଳ ବନ୍ଦ ରହିଥିଲା। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପାଲଲହଡା ଛାମୁଣ୍ଡା ଅଞ୍ଚଳରେ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ବାପା ଏବଂ ପୁଅ ସ୍କୁଟିରେ ନିଜ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଛି।

● ହାଇକୋର୍ଟଙ୍କ କଡ଼ା ପଦକ୍ଷେପ

ଡିଇଓଙ୍କ ବିରୋଧରେ ଗିରଫ ପରୱାନା

କଟକ,୨୧।୧(ସଂଚାର ବ୍ୟୁରୋ): ଦୁଇ ଆଇଏଏସଙ୍କୁ ଗିରଫ ୱାରେଣ୍ଟ ପରେ ବୁଧବାର ଜଣେ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ)ଙ୍କୁ ୱାରେଣ୍ଟ ଜାରି କରିଛନ୍ତି ଓଡିଶା ହାଇକୋର୍ଟ। ଅଦାଲତ ଅବମାନନା ମାମଲାରେ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ନାଥ ପାତ୍ରଙ୍କୁ ଏହି ଗିରଫ ପରୱାନା ଜାରି କରିଛନ୍ତି। ଏକ ଅନୁକମ୍ପାମୂଳକ ନିଯୁକ୍ତି ସମ୍ପର୍କିତ ମାମଲାରେ କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିନଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହାଇକୋର୍ଟ ଡିଇଓଙ୍କୁ ଜାନୁଆରୀ ୨୨ ତାରିଖରେ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁକମ୍ପାମୂଳକ ନିଯୁକ୍ତି ମାମଲାରେ ସେ କ'ଣ ପଦକ୍ଷେପ ନେଇଛନ୍ତି, ସେନେଇ ସ୍ପଷ୍ଟୀକରଣ ରଖିବେ। ଯଦି ଡିଇଓ ପାତ୍ର କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସନ୍ତୋଷଜନକ ଉତ୍ତର ପ୍ରଦାନ କରନ୍ତି ଏବଂ ନିୟମ ପାଳନ କରନ୍ତି, ତେବେ ଗିରଫ ପରୱାନା କାର୍ଯ୍ୟକାରୀ ହେବନାହିଁ। ଅନ୍ୟ ଏକ ମାମଲାରେ କୋର୍ଟଙ୍କ ଆଦେଶ ଅବମାନନା କରିଥିବାରୁ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ବିରୋଧରେ ମଧ୍ୟ ଗିରଫ ପରୱାନା ଜାରି ହୋଇଛି। ତାଙ୍କୁ ମଧ୍ୟ ଜାନୁଆରୀ ୨୨ରେ କୋର୍ଟରେ ହାଜର ହେବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ଏହି ମାମଲା ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ବରୁ କୋର୍ଟରେ ଏକ ସପଥନାମା ଦାଖଲ କରିଥିବା ଜଣାପଡ଼ିଛି।

● ବଜୁଛି ପୀଯୂଷ କ୍ରେଜ୍

କେଇ ମିନିଟ୍‌ରେ ସରିଗଲା ଟିକେଟ୍

ଯାଜପୁର ୨୧।୧ (ସଂଚାର ବ୍ୟୁରୋ) : ଯାଜପୁର ବରୁଣେଶ୍ୱର ମେଳାରେ ଯାତ୍ରା ରାଣୀ ସିଂହବାହିନୀର ନାଟକ 'ତୁ ମୋ ବଜରଙ୍ଗୀ'ର ଟିକେଟ୍ ମାତ୍ର କେଇ ମିନିଟ୍ ମଧ୍ୟରେ ଶେଷ ହୋଇଯାଇଛି। ଯାଜପୁର ବରୁଣେଶ୍ୱର ମେଳାରେ ଯାତ୍ରା ରାଣୀ ସିଂହବାହିନୀ ପଡିଛି। ଯେଉଁଠାରେ ନାଟକ ତୁ ମୋ ବଜରଙ୍ଗୀ ପ୍ରଦର୍ଶିତ ହେବାର ଥିଲା। କିନ୍ତୁ କୋର୍ଟ-କଚେରି ବିବାଦରେ ପୀଯୂଷଙ୍କ ମଞ୍ଚ ଚଢିବା ନେଇ ଦେଖାଦେଇଥିଲା ସସ୍ପେନ୍ସ। କିଛିଦିନ ତଳେ ଦେଇଥିବା ରାୟରେ କୋର୍ଟ ପୀଯୂଷଙ୍କ ମଞ୍ଚ ଚଢିବା ଉପରେ ରୋକ ଲଗାଇଥିଲେ। ହେଲେ ମଙ୍ଗଳବାର କୋର୍ଟଙ୍କ ଆସିଲା ରାୟ। ଆଉ ଯାତ୍ରା ମଞ୍ଚରେ ପୀଯୂଷଙ୍କୁ ଚଢିବାକୁ ମିଳିଲା କୋର୍ଟଙ୍କ ଗ୍ରୀନ୍ ସିଗ୍ନାଲ୍। ତେବେ କୋର୍ଟଙ୍କ ଏହି ରାୟ ପରେ ପୀଯୂଷଙ୍କ ଫ୍ୟାନ୍ସ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ବରୁଣେଶ୍ୱର ମେଳାରେ ତୁ ମୋ ବଜରଙ୍ଗୀ ନାଟକ ପାଇଁ ବୁଧବାର ଟିକେଟ୍ ବିକ୍ରି ଆରମ୍ଭ ହୋଇଥିଲା। ଏହି ନାଟକରେ ପୀଯୂଷ ଲିଡ୍ ରୋଲ ନେଉଛନ୍ତି। ହେଲେ ପୀଯୂଷଙ୍କ କ୍ରେଜ୍ ଏତେ ଥିଲା ଯେ, ମାତ୍ର କେଇ ମିନିଟ୍ ମଧ୍ୟରେ ସବୁ ଟିକେଟ୍ ବିକ୍ରି ଶେଷ ହୋଇଯାଇଥିଲା।

ହାତୀ ଶବ ଲୁଚାଇ ପ୍ରମାଣ ନଷ୍ଟ ଉଦ୍ୟମ ଘଟଣା

ବନାଞ୍ଚଳ ଅଧିକାରୀ ନିଲମ୍ବିତ

କନ୍ଧମାଳ, ୨୧।୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ବେଲଘର ବନାଞ୍ଚଳରେ ହାତୀକୁ ଖଣ୍ଡ ଖଣ୍ଡ କରି ପ୍ରମାଣ ନଷ୍ଟ କରିବା ଘଟଣାରେ ବନାଞ୍ଚଳ ଅଧିକାରୀ ବିନୟ କୁମାର ବିଶି ନିଲମ୍ବିତ ହୋଇଛନ୍ତି। ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହାନ୍ତଙ୍କ ସୂଚନା ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ନିଲମ୍ବିତ କରାଯାଇଛି। ଖବର ପାଇ ବାଲିଗୁଡ଼ାରେ ବ୍ରହ୍ମପୁର ଆର୍‌ସିସିଏଫ୍ ବିଶ୍ୱନାଥ ନୀଳାମ୍ବର କଡ଼ାପାନା ନର୍ସରିରେ ପହଞ୍ଚି ସ୍ଥିତି ଅନୁଧାନ କରି ଫେରି ଯାଇଛନ୍ତି। ଅନ୍ୟପକ୍ଷେ ଆଜି ଭୁବନେଶ୍ୱର ଯୁଗ୍ମ ଟାସ୍କଫୋର୍ସର ତିନିଜଣିଆ ଟିମ୍ ଘଟଣାସ୍ଥଳକୁ ଯାଇ ହାତୀ ପୋତା ଯାଇଥିବା ସ୍ଥାନ ଜେସିବି ସାହାଯ୍ୟରେ ଖୋଳି ତଦନ୍ତ ଆରମ୍ଭ କରିଛନ୍ତି। ହେଲେ ହାତୀର ମୃତଦେହ ମିଳି ପାରିନାହିଁ। ତେବେ ଗତ ଜାନୁଆରୀ ୫ ତାରିଖରେ ବେଲଘର ରେଞ୍ଜର ଝିରିପାଣି ସେକ୍ସନ ଅନ୍ତର୍ଗତ ମୁଣ୍ଡୁଟି ଜଙ୍ଗଲରେ ଗୋଟିଏ ହାତୀକୁ ହତ୍ୟା କରାଯାଇଥିଲା। ହାତୀର ମୃତଦେହକୁ ସେଠାରେ ଖଣ୍ଡ ଖଣ୍ଡ କରି ଅଖାରେ ଭରି ୧୨ରୁ ୧୪ କିଲୋମିଟର ଦୂର ବେଲଘର ଅଞ୍ଚଳର କଡ଼ାପାନା ନର୍ସରୀ ମଧ୍ୟରେ ଗୋପନ ଭାବେ ପୋତି ଦିଆଯାଇଥିଲା। ସୋମବାର ବନଖଣ୍ଡ ଅଧିକାରୀ ଘନଶ୍ୟାମ ମହନ୍ତ ହାତୀ ମୃତ୍ୟୁ ଘଟଣାକୁ ସତ ବୋଲି ସ୍ୱୀକାର କରିଥିଲେ। ତେବେ ପରେ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଥମିକ ବେଲ ଘର ବନାଞ୍ଚଳ ଅଧିକାରୀ ବିନୟ କୁମାର ବିଶିଙ୍କୁ ନିଲମ୍ବିତ କରାଯାଇଛି।

ମହାନଦୀ ରିଭର ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୧(ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କଟକର ମହାନଦୀ ରିଭରଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପ ହେଉଛି ଏକ ପ୍ରମୁଖ ସହରୀ ପୁନରୁଦ୍ଧାର ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ନଦୀ କୂଳକୁ ଏକ ଜୀବନ୍ତ ସାଧାରଣ, ସାଂସ୍କୃତିକ ଏବଂ ମନୋରଞ୍ଜନ ସ୍ଥଳରେ ପରିଣତ କରିବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଏବଂ ସାମଗ୍ରିକ ସହରୀ ପରିବେଶରେ ଉନ୍ନତି ଆଣିବା।

ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ମହାନଦୀ କୂଳର ୪୨୬ ଏକର ପରିମିତ ଅଞ୍ଚଳରେ ଏହି ପ୍ରକଳ୍ପ ବିକଶିତ ହେବ ଏବଂ ଏହାକୁ ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ରାଜ୍ୟ ବଜେଟରେ ୧୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇ ଏହି ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ସୁନିଶ୍ଚିତ କରାଯାଇଛି। ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧକ୍ଷତା କରି ଡକ୍ଟର ମହାପାତ୍ର ନିର୍ଦ୍ଧାରିତ ପ୍ରକଳ୍ପକୁ ଶୀଘ୍ର ଆରମ୍ଭ କରିବା ପାଇଁ ସମସ୍ତ ସାମ୍ବିଧାନିକ ମଞ୍ଜୁରୀ, ଟେଣ୍ଡର ପ୍ରକ୍ରିୟା ଏବଂ ପ୍ରାଥମିକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁମୋଦିତ ମାଷ୍ଟର ପ୍ଲାନ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ବାଲିଯାତ୍ରା ପଡ଼ିଆରୁ ସାମୁଦ୍ରିକ ସଂଗ୍ରହାଳୟ ପର୍ଯ୍ୟନ୍ତ ୩.୨ କିଲୋମିଟର ଲମ୍ବା ରିଭରଫ୍ରଣ୍ଟ ପ୍ରୋମେନେଡ୍ ବିକାଶ ସହ ବାଲିଯାତ୍ରା ଅଞ୍ଚଳରେ ପାଦଚଲା ରାସ୍ତା ଏବଂ ଅତ୍ୟାବଶ୍ୟକ ଉପଯୋଗୀ ଭିତ୍ତିଭୂମି ଉପରେ ଧ୍ୟାନ ଦିଆଯିବ।

ଦ୍ୱିତୀୟ ପର୍ଯ୍ୟାୟରେ ପରିବେଶ ସ୍ଥିରତା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇ ମାଷ୍ଟର ପ୍ଲାନରେ ଥିବା ଅବଶିଷ୍ଟ ଅଞ୍ଚଳରେ ପାଦଚଲା ରାସ୍ତା, ଭୂତଳ ସେବା ଏବଂ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟ କରାଯିବ। ତୃତୀୟ ପର୍ଯ୍ୟାୟରେ ବିଭିନ୍ନ ମନୋରଞ୍ଜନ, ସାଂସ୍କୃତିକ ଏବଂ ପର୍ଯ୍ୟଟନଭିତ୍ତିକ ସୁବିଧା ସୁଯୋଗ ସୃଷ୍ଟି କରାଯିବ। ଏଥିରେ 'କଟକ ହାଟ' ଏବଂ 'ହେରିଟେଜ୍ ଭିଲେଜ୍', ଫୁଡ୍ ଟ୍ରାକ୍ ଏବଂ ପ୍ରବେଶ ପଥ ଜୋନ୍, ଖେଳପଡ଼ିଆ, ସେନସୋରି ପାର୍କ, ଫିଟନେସ୍ ଜୋନ୍, ନେଚର ଇଣ୍ଟରପ୍ରିଟେସନ୍ ସେଣ୍ଟର, ପ୍ରବେଶ ପ୍ଲାଜା, ଥିମାଟିକ୍ ଗାର୍ଡେନ୍, ଏକ ମୁକ୍ତାକାଶ ସାମୁଦ୍ରିକ ସଂଗ୍ରହାଳୟ ଏବଂ ଆଡଭେଞ୍ଚର ଜୋନ୍ ସମେତ ଅନ୍ୟାନ୍ୟ ସାଧାରଣ ସୁବିଧା ସୁଯୋଗ ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରକଳ୍ପ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଦ୍ୱାରା ଏକ ଖୋଲା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟକାରୀ ହେବ।

ବୋମା ଧମକ ପରେ ଆକ୍ସନ ମୋଡ଼ରେ ପ୍ରଶାସନ

ପୁରୀରେ ପଇଁତରା ମାରୁଛନ୍ତି କମାଣ୍ଡୋ

ପୁରୀ ୨୧।୧(ସଂଚାର ବ୍ୟୁରୋ) : ବୋମା ଧମକ ପରେ ପୁରୀରେ ସ୍ପେଶାଲ କମାଣ୍ଡୋ ମୁତୟନ କରାଯାଇଛି। ବଡ଼ଦାଣ୍ଡ ଏବଂ ସମ୍ବେଦନଶୀଳ ସ୍ଥାନମାନଙ୍କରେ କମାଣ୍ଡୋ ପକ୍ଷରୁ ପଇଁତରା ମରାଯାଉଛି।

ସୂଚନାଯୋଗ୍ୟ ଯେ, ଶ୍ରୀମନ୍ଦିରକୁ ବୋମା ପକାଇ ଉଡ଼ାଇ ଦେବୁ। ଶ୍ରୀମନ୍ଦିର ନିକଟ ଗ୍ରାଣ୍ଡ ସେଣ୍ଟର ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କୁ ଗୁଳି କରାଯିବ। ଜୁଲିରାଣୀ ପଣ୍ଡା ନାମକ ଏକ ଫେସବୁକ୍ ଆଇଡିରେ ଏଭଳି ଖୋଲା ଧମକ ଦିଆଯାଇଛି। ଏହି ଧମକ ପରେ ପୁରୀ ପୁଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଜୋରଦାର୍ କରାଯାଇଛି। ପୁରୀ ସିଟି ଡିଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ଧମକପୂର୍ଣ୍ଣ ପୋଷ୍ଟ ଆସିଥିବା ସୋସିଆଲ ମିଡ଼ିଆ ଆକାଉଣ୍ଟର ୟୁଆରଏଲ୍ ଲିଙ୍କକୁ ଯାଞ୍ଚ କରାଯାଉ

ସେୟାର ବଜାରରେ ନିମ୍ନମୁଖୀ ଧାରା ଜାରି

- ୨୭୦ ପଏଣ୍ଟ ଖସିଲା ସେନସେକ୍ସ
- ନିବେଶକଙ୍କ ୧.୫ ଲକ୍ଷ କୋଟି ସ୍ୱାହା

ନୂଆଦିଲ୍ଲୀ: ସାରା ଦିନ ଉତ୍ଥାନ-ପତନ ପରେ ବୁଧବାର ଭାରତୀୟ ସେୟାର ବଜାର ଲଗାତର ତୃତୀୟ ଦିନରେ ଲାଲ୍ ସଂକେତରେ ବନ୍ଦ ହୋଇଛି । ସେନସେକ୍ସ ୨୭୦.୮୪ ଅଙ୍କ ବା ୦.୩୩ ପ୍ରତିଶତ ହ୍ରାସ ସହ ୮୧,୯୦୯.୬୩ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ ନିଫ୍ଟି ୭୫ ଅଙ୍କ ବା ୦.୩୦ ପ୍ରତିଶତ ଖସି ୨୫,୧୫୭.୫୦ ସ୍ତରରେ ବନ୍ଦ ହୋଇଛି । ତେବେ ଦିନର କାରବାର ବେଳେ ସେନସେକ୍ସ ଗୋଟିଏ ସମୟରେ ୧୦୦୦ ଅଙ୍କ ଯାଏ ଖସି ଯାଇଥିଲା । କାରବାର ସମୟରେ ନିଫ୍ଟି ମଧ୍ୟ ୨୫,୦୦୦ ସ୍ତର ଭାଙ୍ଗିଥିଲା । ତେବେ ଅପରାହ୍ନରେ ବଜାର ହଠାତ୍ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲା । ସେନସେକ୍ସ ଦିନର ସର୍ବନିମ୍ନ ସ୍ତରରୁ ୧୨୦୦ ପଏଣ୍ଟ ଉପରକୁ ଉଠି ସବୁଜ ସ୍ଥିତିକୁ ଫେରିଆସିଥିଲା। ନିଫ୍ଟି ମଧ୍ୟ ଏହାର କ୍ଷତି ପୂରଣ କରି ୨୫,୩୦୦ ପାଖାପାଖି ଫେରିଆସିଥିଲା । ପୁଣି ଶେଷ ଘଣ୍ଟାରେ, ବଜାର ଉପରେ ବିକ୍ରି ଚାପ ବଢିଥିଲା। ସେନସେକ୍ସ ଏବଂ ନିଫ୍ଟି ଉଭୟ ଲାଲ ସଂକେତରେ ବନ୍ଦ ହୋଇଥିଲା । ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ବିଦେଶୀ ନିବେଶକଙ୍କ ଦ୍ୱାରା ଜାରି ରହିଥିବା ବିକ୍ରି, ଭାରତୀୟ ଟଙ୍କା ଦୁର୍ବଳ ହେବା ଏବଂ ବିଶ୍ୱ ବାଣିଜ୍ୟ ଉତ୍ତେଜନା ବଜାର ସେଣ୍ଟିମେଣ୍ଟକୁ ଦୁର୍ବଳ ରଖିଛି। ଡିସେମ୍ବର ତ୍ରୈମାସିକର ମିଶ୍ରିତ ଫଳାଫଳକୁ ନେଇ ମଧ୍ୟ ନିବେଶକ ସତର୍କ ଅଛନ୍ତି। ବ୍ୟାଙ୍କିଙ୍ଗ, ଆର୍ଥିକ ଏବଂ କଞ୍ଜ୍ୟୁମର ଡ୍ୟୁରେବଲ୍ସ ସେୟାରରେ ସବୁଠାରୁ ଅଧିକ ହ୍ରାସ ଦେଖିବାକୁ ମିଳିଛି। ମେଟାଲ, ତୈଳ ଏବଂ ଗ୍ୟାସ ଓ ଉର୍ଜା ସେୟାର ବ୍ୟତୀତ ସମସ୍ତ ସେକ୍ଟୋରାଲ୍ ସୂଚକାଙ୍କ ସବୁଜ ସଂକେତରେ ବନ୍ଦ ହୋଇଥିଲା । ବିଏସଇ ମିଡକ୍ୟାପ୍ ଏବଂ ସ୍ମଲକ୍ୟାପ୍ ସୂଚକାଙ୍କ ମଧ୍ୟ ୧ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି । ବିଏସଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ୪୫୩.୩୭ ଲକ୍ଷ କୋଟିକୁ ହ୍ରାସ ପାଇଛି, ଯାହା ପୂର୍ବ କାରବାକ ଦିନରେ ୪୫୫.୮୨ ଲକ୍ଷ କୋଟି ଥିଲା। ଏହିପରି ବିଏସଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ଆଜି ପ୍ରାୟ ୧.୪୫ ଲକ୍ଷ କୋଟି ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ୧.୪୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି । ବିଏସଇ ସେନସେକ୍ସର ୩୦ ମଧ୍ୟରୁ ୧୩ଟି ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି ।

ଆଜିର ସୁନା ଦର

ସୁନା ବଜାରରେ ନିଆଁ। ସୁନା ମୂଲ୍ୟରେ ଏବେ ସାରା ବିଶ୍ୱରେ ନିଆଁ ଲାଗିଛି। ପ୍ରଥମ ଥର ପାଇଁ ଭାରତୀୟ ବଜାରରେ ଦେଢ ଲକ୍ଷ ଟପିଲା ଦର। ସୀମା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ରେଟ୍ ରହିଛି ୧ଲକ୍ଷ ୫୧ହଜାର ୪୭୫ ଟଙ୍କା। ୨୨ କ୍ୟାରେଟର ୧୦ ଗ୍ରାମ ପିଛା ଦର ରହିଛି ୧ଲକ୍ଷ ୩୭ହଜାର ୩୧୦ ଟଙ୍କା। ଦିନକୁ ଦିନ ଦର ହୁ ହୁ ହୋଇ ବଢ଼ିଚାଲିଥିବାବେଳେ ବିବାହ ସିଜନରେ ମଧ୍ୟବିତ୍ତ ପରିବାର ଉପରେ ପ୍ରହାର ହୋଇଛି। ଭୂରାଜନୈତିକ କାରଣ ସହ ଇଣ୍ଡଷ୍ଟ୍ରିଆଲ ଡିମାଣ୍ଡ ଯୋଗୁଁ ବଢୁଛି ସୁନା ଦର। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିବା ଫଳରେ ଆମ ଦେଶରେ ସୁନା ଦାମ ଅଧିକ ବଢୁଛି। ସେହିଭଳି ସେୟାର ବଜାରରେ ଅନିଶ୍ଚିତତା ଦେଖାଦେଲେ ଲୋକେ ସୁନାରେ ପଇସା ଲଗାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଯାହା ଫଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ମୂଲ୍ୟ । ପ୍ରଥମ ଥର ପାଇଁ ଭାରତୀୟ ବଜାରରେ ଏହା ୧.୫ ଲକ୍ଷ ଟଙ୍କା ସୀମା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି ।

'ଇଟର୍ଣ୍ଣାଲ ସିଇଓ ପଦ ଛାଡିଲେ ଦୀପିନ୍ଦର ଗୋୟଲ

ବ୍ଲିଙ୍କିଟ୍‌ର ସିଇଓ ଅଲବିନ୍ଦର ସିଂ ଧିଣ୍ଡସାଙ୍କୁ ନୂଆ ଦାୟିତ୍ୱ

ନୂଆଦିଲ୍ଲୀ,୨୧।୧: ଜୋମାଟୋର ପ୍ୟାରେଣ୍ଟ କମ୍ପାନୀ 'ଇଟର୍ଣ୍ଣାଲ'ର ନେତୃତ୍ୱରେ ଏକ ବଡ଼ ପରିବର୍ତ୍ତନ ହୋଇଛି। କମ୍ପାନୀର ପ୍ରତିଷ୍ଠାତା ଦୀପିନ୍ଦର ଗୋୟଲ ସିଇଓ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ବ୍ଲିଙ୍କିଟ୍ ର ସିଇଓ ଅଲବିନ୍ଦର ସିଂ ଧିଣ୍ଡସାଙ୍କୁ ନୂଆ ଦାୟିତ୍ୱ ମିଳିଛି।

ଦୀପିନ୍ଦର ସିଇଓ ଏବଂ ଏମ୍‌ଡି ପଦରୁ ଇସ୍ତଫା ଦେଇଥିଲେ ମଧ୍ୟ ବର୍ତ୍ତମାନ କମ୍ପାନୀର ଭାଇସ୍ ଚେୟାରମ୍ୟାନ୍ ଭାବେ କାର୍ଯ୍ୟ କରିବେ ଏବଂ ବୋର୍ଡ ଅଫ୍ ଡାଇରେକ୍ଟରରେ ସଦସ୍ୟ ରହିବେ। ବ୍ଲିଙ୍କିଟ୍‌ର ସିଇଓ ଅଲବିନ୍ଦର ସିଂ ଧିଣ୍ଡସା ଫେବୃଆରୀ ୧, ୨୦୨୬ ରୁ ଇଟର୍ଣ୍ଣାଲର ନୂଆ ସିଇଓ ଭାବେ କାର୍ଯ୍ୟଭାର ଗ୍ରହଣ କରିବେ। ନିକଟରେ ଜୋମାଟୋ ଏବଂ ବ୍ଲିଙ୍କିଟ୍‌ର ମାଲିକାନା ସଂସ୍ଥା 'ଇଟର୍ଣ୍ଣାଲ' ଡିସେମ୍ବର ୩୧ରେ ଶେଷ ହୋଇଥିବା ତୃତୀୟ ତ୍ରୈମାସିକ ପାଇଁ ନିଜର ଆର୍ଥିକ ରିପୋର୍ଟ ପ୍ରକାଶ କରିଛି। କମ୍ପାନୀର ମୋଟ ଲାଭ ପ୍ରାୟ ୧୦୨ କୋଟି ଟଙ୍କାରେ ପହଞ୍ଚିଛି।

ଯାହା ଗତ ତ୍ରୈମାସିକର ୬୫୦ ମିଲିୟନ ଟଙ୍କା ତୁଳନାରେ ପ୍ରାୟ ଦୁଇଗୁଣ ହୋଇଛି। କମ୍ପାନୀର ପରିଚାଳନା ରାଜସ୍ୱ ୧୬୩.୧୫ ବିଲିୟନ ଟଙ୍କାରେ ପହଞ୍ଚିଛି। କୁଇକ୍ କମର୍ସ ବା ବ୍ଲିଙ୍କିଟ୍ ମାଧ୍ୟମରେ ଦ୍ରୁତ ବିତରଣ ସେବାର ଚାହିଦା ବଢ଼ିବା ଯୋଗୁଁ କମ୍ପାନୀର ଆୟ ଏବଂ ଲାଭରେ ଏହି ବଡ଼ ଉନ୍ନତି ପରିଲକ୍ଷିତ ହୋଇଛି। ଗୁରୁଗ୍ରାମ ଭିତ୍ତିକ ଏହି କମ୍ପାନୀ ଅନୁଯାୟୀ, ବ୍ଲିଙ୍କିଟ୍‌ର ଅଭିବୃଦ୍ଧି ସହିତ ମୂଳ ଫୁଡ୍ ଡେଲିଭରି ବ୍ୟବସାୟ ମଧ୍ୟ ଶକ୍ତିଶାଳୀ ରହିଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

ବ୍ରାଭିଆ ଟିଭି ତିଆରି ବନ୍ଦ କରିବ ସୋନି

ଚୀନ କମ୍ପାନୀ ଟିସିଏଲ୍ ହାତକୁ ଗଲା ଟିଭି ଡିଭିଜନେଶର ନିୟନ୍ତ୍ରଣ

ନୂଆଦିଲ୍ଲୀ,୨୧।୧: ସୋନି ଟିଭି ମାନେ ଲୋକେ ବୁଝନ୍ତି ନିର୍ଭରଯୋଗ୍ୟ ପିକ୍ଚର କ୍ୱାଲିଟି, ଦମଦାର ସାଉଣ୍ଡ ଓ ଏକ ଏମିତି ବ୍ରାଣ୍ଡ, ଯାହା ଶସ୍ତା ପଛରେ ନ ଦୌଡ଼ି କ୍ୱାଲିଟିକୁ ଗୁରୁତ୍ୱ ଦିଏ। ହେଲେ ସୋନିର ପରିଚୟରେ ଏବେ ନୂଆ ଆଧ୍ୟୟ ଯୋଡ଼ି ହେବାକୁ ଯାଉଛି। ସୋନି ଆଉ ବ୍ରାଭିଆ ଟିଭି ବନାଇବ ନାହିଁ। ବରଂ ଚୀନର ଏକ କମ୍ପାନୀ ଟିସିଏଲ୍ ଏହାକୁ ବନାଇବ। ଖାଲି ଟିଭି କାହିଁକି ହୋମ ଅଡିଓ ବିଜନେଶ ମଧ୍ୟ ଟିସିଏଲ୍ ନେତୃତ୍ୱରେ ନିର୍ମାଣ ହେବ।

ସୋନି ଚୀନର ଟିସିଏଲ୍ ସହିତ ଏକ ଷ୍ଟ୍ରାଟେଜିକ ପାର୍ଟନର୍ସିପ୍ (ରଣନୈତିକ ସହଭାଗୀତା) ଘୋଷଣା କରିଛି। ଯାହା ଅଧୀନରେ ଜାପାନର ଏହି କମ୍ପାନୀ ନିଜେ ବ୍ରାଭିଆ ଟିଭି ତିଆରି କରିବା ବନ୍ଦ କରି ଏହାର ଟେଲିଭିଜନ ଏବଂ ହୋମ ଅଡିଓ ବିଜନେଶକୁ ଟିସିଏଲ୍ ନେତୃତ୍ୱଧୀନ ନୂଆ ଜଏଣ୍ଟ ଅଧୀନରେ ରଖିବ।

ବୁଝିନାମା ଦ୍ୱାରା ଗଠନ କରାଯାଇଥିବା ନୂଆ ମିଳିତ କମ୍ପାନୀରେ ଟିସିଏଲ୍ର ଅଂଶଧନ ୫୧ ପ୍ରତିଶତ ରହିବ। ଓ ସୋନି ପାଖରେ ୪୯ ପ୍ରତିଶତ ଅଂଶଧନ ରହିବ। ତେଣୁ ନୂଆ କମ୍ପାନୀର ନିୟନ୍ତ୍ରଣ ଟିସିଏଲ୍ ପାଖରେ ରହିବ। ନିୟାମକ ଏବଂ ବୁଝିନାମା ଅନୁମୋଦନ ମଞ୍ଜୁର ହେଲେ, ମିଳିତ ଉଦ୍ୟୋଗ ଏପ୍ରିଲ ୨୦୨୭ରେ କାର୍ଯ୍ୟ ଆରମ୍ଭ କରିବ ବୋଲି ଆଶା କରାଯାଉଛି। ମାର୍ଚ୍ଚ ଶେଷ ସୁଦ୍ଧା ବୁଝିନାମା ବୃଦ୍ଧାନ୍ତ ହେବାର ଆଶା କରାଯାଉଛି ବୋଲି ସୋନି ଓ ଟିସିଏଲ୍ କହିଛନ୍ତି।

ବ୍ରାଭିଆ ଟିଭି ନିର୍ମାଣ ବନ୍ଦ କରିବ ସୋନି,ଟିଭି ଡିଭିଜନ ନିୟନ୍ତ୍ରଣଟିସିଏଲ୍କୁ ହସ୍ତାନ୍ତର ହେବ

ଖବର ପଢ଼ି ଆପଣଙ୍କୁ ଲାଗୁଥିବା ଯେ ସୋନି ଟିଭି ମାର୍କେଟ୍ରୁ ଗାୟବ ହୋଇଯିବ। କିନ୍ତୁ କଥାଟା ତାହା ନୁହେଁ।

ସୋନିର ବ୍ରାଭିଆ ବ୍ରାଣ୍ଡ ୨୦ ବର୍ଷ ହେଲା ମାର୍କେଟ୍ରେ ରାଜ କରୁଛି। ଭବିଷ୍ୟତରେ ମଧ୍ୟ ଟିଭିରେ ସୋନି ଓ ବ୍ରାଭିଆ ବ୍ରାଣ୍ଡ ଟ୍ୟାଗ୍ ରହିବ। ଖାଲି ଏହାର ଟେକ୍ନୋଲୋଜୀ ଏବଂ ପ୍ରଡକ୍ସନ ଟିସିଏଲ୍ ଦ୍ୱାରା ପରିଚାଳିତ ହେବ। ଅନ୍ୟ ଅର୍ଥରେ କହିଲେ ଟିଭି ପ୍ୟାକେଜିଂରେ ବ୍ରାଣ୍ଡର ନାଁ ରହିବ, ଆଉ ସବୁ ଟିସିଏଲ୍ କରିବ।

ବଜେଟ୍ ୨୦୨୬-୨୭

ଇଲେକ୍ଟ୍ରୋନିକ୍ସ ଉପକରଣରେ ଶୁଳ୍କ ହ୍ରାସ ଦାବି

ନୂଆଦିଲ୍ଲୀ,୨୧।୧: ବଜେଟ୍‌କୁ ଆଉ ମାତ୍ର ଦିନ କେଇଟା ରହିଲା । ତେଣୁ ବିଭିନ୍ନ ଶିଳ୍ପ ପକ୍ଷରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନିକଟରେ ନିଜ ନିଜର ଦାବି ଉପସ୍ଥାପନ କରାଯାଉଛି । ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଉପକରଣ ଉପରେ ମୂଳ ସୀମା ଶୁଳ୍କ ହ୍ରାସ କରିବା ପାଇଁ ଇଲେକ୍ଟ୍ରୋନିକ୍ସ ଶିଳ୍ପ ସଂଘ ଏମ୍‌ଏଆଇଟି ଦାବି କରିଛି । ଏହାସହିତ ଟିକସ ପ୍ରୋତ୍ସାହନ ବଢ଼ାଇବା ପାଇଁ ଦାବି ଉପସ୍ଥାପନ କରିଛି ଆଇଟି ଉତ୍ପାଦନକାରୀ ସଂଘ ଏମ୍‌ଏଆଇଟି । ସଂଘ ପକ୍ଷରୁ ଅର୍ଥ ଏବଂ ଆଇଟି ମନ୍ତ୍ରାଳୟ ନିକଟରେ ପ୍ରାକ୍-ବଜେଟ୍ ସୁପାରିସ ଦାଖଲ କରାଯାଇଛି । ପ୍ରମୁଖ ସବ୍- ଆସେମ୍ବ୍ଲଜ୍ ଯେପରି କ୍ୟାମେରା ମଡ୍ୟୁଲ୍, ଡିସ୍ପ୍ଲେ ଆସେମ୍ବ୍ଲିଜ୍ ଏବଂ କନେକ୍ଟର ଉପରେ ଆମଦାନି ଶୁଳ୍କକୁ ୧୦%ରୁ କମାଇ ୫% କରିବା ପାଇଁ ଦାବି କରାଯାଇଛି। ଉତ୍ପାଦନ ଖର୍ଚ୍ଚ କମାଇବା ସହ ପ୍ରତିଯୋଗିତା ବଢ଼ାଇବା ଉଦ୍ଦେଶ୍ୟରେ ଶିଳ୍ପ ସଂଘ ପକ୍ଷରୁ ଏହି ସୁପାରିସ ହୋଇଛି । ସାମ୍ପ୍ରତିକ ଜଟିଳ ଭୁ-ରାଜନୈତିକ ସ୍ଥିତି, ବାଣିଜ୍ୟ ଏବଂ ଟାରିଫ୍ ଅନିଶ୍ଚିତତା ମଧ୍ୟରେ ୨୦୨୬- ୨୭ ବଜେଟ୍ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି । ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା, ଭୁ-ରାଜନୈତିକ ସମସ୍ୟା ଏବଂ କଠୋର ବାଣିଜ୍ୟ ନୀତି ଆଦି ଶିଳ୍ପଜଗତକୁ ଚିନ୍ତିତ କରିଛି। ଏଭଳି ସ୍ଥିତିରେ ବଜେଟ୍ରେ ଏହାର ପ୍ରଭାବକୁ ପ୍ରତିହତ କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଠୋସ୍ ରଣନୀତି ଆଣିପାରନ୍ତି ବୋଲି ଅନୁମାନ ରହିଛି । ଆଇସିଟି ଗ୍ରହଣୀୟତା, ଏଆଇ ଇଣ୍ଟିଗ୍ରେଶନ୍, ମାର୍କେଟ୍ ଆକ୍ସେସ୍, ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ, ଷ୍ଟାର୍ଟଅପ୍ ଓ ରପ୍ତାନି-କୈନ୍ଦ୍ରିକ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପାଇଁ ପରିବର୍ଦ୍ଧିତ ଋଣ ଯୋଗାଣ ଆଦି ବ୍ୟବସ୍ଥା କରିବା ଲାଗି ଏମ୍‌ଏଆଇଟି ପକ୍ଷରୁ ଦାବି କରାଯାଇଛି ।



ରଟନ୍ତି କାଳିକା ବୁଢ଼ - ପ୍ରାଚୀ ମହୋତ୍ସବ ଉଦ୍‌ଯାପିତ

ବାଲିଅନ୍ତା,୨୧।୧ (ସଂଚାର ବ୍ୟୁରୋ): ଭଗତ ଗୋସାଇଁ ସେବାଶ୍ରମ ନିଜିଗାଁ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ବାଲିଅନ୍ତା ବ୍ଲକ ପାରିବାସୁଦେଇପୁର ସ୍ଥିତ ପ୍ରାଚୀନଦୀ ତଟ ବନବିହାରୀ ପୀଠରେ ଦୁଇଦିନ ଧରି ଚାଲିଥିବା ୧୦୨ତମ ରଟନ୍ତି କାଳିକା ବୁଢ଼ ପ୍ରାଚୀ ମହୋତ୍ସବ ଉଦଯାପିତ ହୋଇଯାଇଛି। ଏହି ଅବସରରେ ପୀଠରେ ୨ ଦିନ ବ୍ୟାପୀ ଭଜନକୀର୍ତ୍ତନ , ନାମଯଜ୍ଞ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏନେଇ ଆୟୋଜିତ ସଭାରେ ବନମାଳୀ ଜେନା ସଭାପତିତ୍ୱ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ହଂସନାଥ ସାହୁ ବକ୍ତା, ସରପଞ୍ଚ ଶ୍ରଦ୍ଧେୟା ପାତ୍ର , ମୀନର୍ଭା ଦାଶ, ପ୍ରଦ୍ୟୁମ୍ନ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପ୍ରାଚୀନଦୀର ସଂସ୍କୃତି ଓ ଐତିହ୍ୟ ସଂପର୍କରେ ବକ୍ତବ୍ୟ ଦେଇଥିଲେ। ପ୍ରାଚୀ ନଦୀର ପୁନରୁଦ୍ଧାର, ପ୍ରାଚୀ ସଂସ୍କୃତିର ପ୍ରଚାର ପ୍ରସାର, ପିଣ୍ଡଦାନ ଓ ଶ୍ରାବଣ ପାଣିଉଠା ଘାଟର ଉନ୍ନତୀକରଣ ଓ ବନ ବିହାରୀ ପୀଠର ସାମଗ୍ରୀକ ବିକାଶ ଉପରେ ବକ୍ତାମାନେ ଗୁରୁତ୍ୱାରାପ କରିଥିଲେ। ମାନସୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଭୟଙ୍କର ପ୍ରଦୂଷଣ, ଗଡ଼ିଲା ପୁଣି ତିନି ମୁଣ୍ଡ

ସୁକିନ୍ଦା ରୋଡ଼ ରେଳ ସାଇଡିଂ
ମଣିଷ ମଡ଼କର ଶେଷ କେବେ ?

କଳିଙ୍ଗନଗର,୨ ୧।୧ (ସଂଚାରବ୍ୟୁରୋ): ଦାନଗଦୀ ବ୍ଲକ ଧୂଳିଗଡ଼ ପଞ୍ଚାୟତର ମାନଗୋବିନ୍ଦପୁର ଓ ସୁଆଁଳ ଗାଁ ଦୁଇଟି ସୁକିନ୍ଦା ରୋଡ଼ ରେଳ ସାଇଡିଂକୁ ଲାଗି ରହିଛି। ବିଭିନ୍ନ ଖଣିଜ ଦ୍ରବ୍ୟ ଲୋଡ଼ିଂ ଓ ଅନଲୋଡିଂ ଓ ପରିବହନ ଦିନରାତି ଚବିଶ ଘଣ୍ଟା ଚାଲୁଛି। ଫଳରେ ମାତ୍ରାଧିକ ବାୟୁ ଜଳ ପ୍ରଦୂଷିତ ହୋଇ ଏହି ଦୁଇ ଗାଁର ୧୭୦ରୁ ଉର୍ଦ୍ଧ୍ୱ ଲୋକ ଦୁଇ ବର୍ଷ ଭିତରେ ପ୍ରଦୂଷଣଜନିତ ରୋଗରେ ପଡି ମୃତ୍ୟୁବରଣ କଲେଣି। ଗତକାଲି ମୁଣ୍ଡା ସାହିର ବୈରାଗୀ ମୁଣ୍ଡାଙ୍କ ପୁଅ ସିଦୁ ମୁଣ୍ଡା (୩୫)ଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ସକାଳୁ ଗୁଳା ସାହିର ସ୍ୱର୍ଗତ ବିଷ୍ଣୁ ନାଏକଙ୍କ ପୁଅ ମିଟୁ ନାଏକ (୨୧)ଙ୍କର ମୃତ୍ୟୁ ହୋଇଛି। ସେହିପରି ରେଲୱେ ସାଇଡିଂକୁ ଲାଗିଥିବା ନୀଳମଣି ବେହେରା (୬୦)ଙ୍କର ମୃତ୍ୟୁ ହୋଇଯାଇଛି। ସମସ୍ତଙ୍କର ନିଜ ଗାଁ ମଶାଣିରେ ଶେଷ କୃତ୍ୟ ହୋଇଥିବା ବେଳେ ଅଞ୍ଚଳରେ ପ୍ରଦୂଷଣଜନିତ ଭୟଙ୍କର ଆତଙ୍କ ଖେଳି ଯାଇଛି।

ବାୟୁର ଗୁଣବତ୍ତା ୨୫୦ରୁ ୩୦୦ ଏହି ଦୁଇଗାଁରେ ରହୁଥିବା ବେଳେ ଏହା ଅତ୍ୟନ୍ତ ବିପଦଜନକ। ଯେଉଁଠି କି ମଣିଷ ବସବାସ କରିବା ଯୋଗ୍ୟ ନୁହେଁ। ଏଠି ଅକାଳରେ ଭେଞ୍ଚିଆ ରୋଜଗାରିଆ ପୁଅକୁ ମା ହରାଇ ମୁଣ୍ଡ ପିଟୁଛି ତ, କେଉଁଠି ସ୍ୱାମୀଙ୍କୁ ହରାଇ ବିଧବା ସ୍ତ୍ରୀ ଅସହାୟ ହେଉଛି। ଛୋଟ ଛୋଟ କୋମଳମତି ଅନାଥ ଶିଶୁର ଅନିଶ୍ଚିତ ଭବିଷ୍ୟତକୁ ଦେଖି ମା ଆଖିରୁ ଲୁହ ଝରୁଛି। ମଣିଷ ମଡ଼କର ଅନ୍ତ ଘଟୁନାହିଁ।

ବଞ୍ଚି ଥାଉଁ ଥାଉ ସରକାର କାହିଁକି ଏ ଦୁଇ ଗାଁର ସରଳ, ନିରୀହ ଲୋକ ମାନଙ୍କୁ ଧୂଳି, ଧୂଆଁରେ ସମାଧି ଦେଉଛନ୍ତି ? ବିକାଶ ହେଉ, ବିକାଶକୁ ଲୋକେ ବିରୋଧ କରୁନାହାନ୍ତି.. କିନ୍ତୁ ଗୁଳା ସାହି, ନୀଳପଦା ସାହିକୁ ବିସ୍ଥାପିତ କରାଯାଉ, ସ୍ୱାସ୍ଥ୍ୟ ଶିବିର ହେଉ, ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ହେଉ..। କିଛି ନାହିଁ.. ଖାଲି ଲୋକ ଦେଖାଣିଆ ଆଞ୍ଚଳିକ ପ୍ରଦୂଷଣ ବିଭାଗ ନୋଟିସ ଦେଇ ଚୁପ ବସି ଯାଉଛି। ଟଙ୍କା ମାୟାରେ ବାୟା ହୋଇ ବିଭାଗ, ଠିକାଦାର, କୁଜିନେତାମାନେ ସବୁ ଜାଣି ଚୁପ ରହୁଛନ୍ତି। ଆଉ କେତେମୁଣ୍ଡ ଗଡ଼ିଲା ପରେ ପ୍ରଶାସନର ନିଦ ଭାଙ୍ଗୁଛି ନା ଗାଁ ଲୋକ ଶୂନ୍ୟ ହେଲା ପର୍ଯ୍ୟନ୍ତ ଜାଣିଶୁଣି ଗାନ୍ଧିଜୀଙ୍କର ତିନି ମାଙ୍କଡ଼ ନୀତି ଆପଣେଉଛି ତାହା ଦେଖିବାକୁ ବାକି ରହିଲା

ମନ୍ଦିରରୁ ରୁପା ମୁକୁଟ ଚୋରି

କାକଟପୁର/ଅସ୍ତରଙ୍ଗ,୨୧।୧(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଓ ନୂଆଗଡ ସାମୁଦ୍ରିକ ଥାନା ଅଂଚଳରେ ବିଭିନ୍ନ ମନ୍ଦିରରୁ ଠାକୁର ଙ୍କ ରୁପା ମୁକୁଟ ସମେତ ବିଭିନ୍ନ ସାମଗ୍ରୀ ଚୋରି ଘଟଣାର ମାସ ମାସ ବିତିଯାଉଥିଲେ ସୁଦ୍ଧା ଚୋରଙ୍କ ଟେର ପାଉନି ପୁଲିସ। କେବଳ ମାମଲା ରୁଜୁ କରି ଚୁପ ବସିଛି ପୁଲିସ। ସ୍ଥାନୀୟ ଥାନା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଉପଖଣ୍ଡ ଅଧିକାରୀ ବଦଳୁଛନ୍ତି। ଫଳରେ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ବିଭିନ୍ନ ମନ୍ଦିର ର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନୂଆଗଡ ସାମୁଦ୍ରିକ ଥାନା ଅଧୀନ ଝାଡ଼ଲିଙ୍ଗେଶ୍ୱର, ମା ତାରିଣୀ ଓ ମା ପାର୍ବତୀ ମନ୍ଦିର ରୁ ମଙ୍ଗଳବାର ବିଳମ୍ବିତ ରାତ୍ରରେ ଦୁର୍ବୁତ୍ତ ମନ୍ଦିର ତାଲା ଭାଙ୍ଗି ରୁପା ମୁକୁଟ ସହ ଆଖି, ଢାଳ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଛନ୍ତି। ଯାହାକୁ ନେଇ ବୁଧବାର ସାମୁଦ୍ରିକ ଥାନାରେ ରମେଶ ଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି।ଏହା ପୂର୍ବରୁ ଅସ୍ତରଙ୍ଗ ଥାନା ଅଧୀନରେ କୁଅଁରପୁର ସ୍ଥିତ ମନ୍ଦିର ରୁ କିଛି ଦିନ ପୂର୍ବରୁ ଠାକୁର ଙ୍କ ଦାନବାକ୍ସ ଭାଙ୍ଗି ଲୁଟି ନେଇଥିଲେ। ଏହା ସହ କିଛି ଦିନ ପୂର୍ବରୁ ଆଙ୍ଗୁଅ ଗାଁରେ ମଧ୍ୟ ଚୋରି ହୋଇଥିଲା। ଅନେକ ମନ୍ଦିର ରୁ ଚୋରି ଏକ ବର୍ଷ ରୁ ଉର୍ଦ୍ଧ୍ୱ ବିତିବାକୁ ବସିଲାଣି ତଥାପି ଚୋରକୁ ଠାବ କରିବାରେ ସଫଳ ହୋଇନାହିଁ ପୁଲିସ। ଅନେକ ସ୍ଥାନରେ ସାଇଣ୍ଟିଫିକ ଟିମ୍ କେବଳ ଯାଞ୍ଚ କରି ସାରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଫାଇଲି ତଳେ ରହିଯାଉଛି। ଥାନାରେ ଏତଲା ଦେଇ କେବଳ ଚୁପ ବସିବା ଛଡା ଆଉ କିଛି ଉପାୟ ନାହିଁ ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକ। ଅଧିକାରୀ ମାନେ ବଦଳୁଛନ୍ତି, କିନ୍ତୁ ମାମଲା ଗୁଡିକ ଫାଇଲିରେ ରହିଯାଇଛି। ଅସ୍ତରଙ୍ଗ ବ୍ଲକ ଅଂଚଳରେ ସମସ୍ତ ଦେବାଳୟ ଲୋକଙ୍କ ଆସ୍ଥା ଓ ବିଶ୍ୱାସ। ମାତ୍ର ପୁଲିସର ଆନ୍ତରିକତା ଅଭାବରୁ ମନ୍ଦିରରୁ ଚୋରି ଜିନିଷ ଉଦ୍ଧାର ହେଉନାହିଁ କି ଚୋର ଧରାପଡୁନାହାନ୍ତି। ସମସ୍ତ ଆଧୁନିକ ଜ୍ଞାନ କୌଶଳ ଥିବା ସତ୍ୱେ ବର୍ଷ ବର୍ଷ ଧରି ଚୋରଙ୍କୁ ଚିହ୍ନଟ କରିପାରୁନି ପୁଲିସ। ଅନ୍ୟ ପକ୍ଷରେ ଥାନାର ଅଧିକାରୀ ମାନେ ବଦଳିଲେ ଫାଇଲି ରେ ଧୂଳି ଲାଗିଯାଉଛି। ସ୍ଥାନୀୟ ଲୋକ ଙ୍କ ଏସପି ଙ୍କ ଉପରେ ଭରସା ରହିଛି, ଯଦି ଅସ୍ତରଙ୍ଗ ଥାନାର ଗାଦି ମଡ଼ା କର୍ମଚାରୀ ଙ୍କୁ ବଦଳି କରି ନୂତନ ଅଧିକାରୀ ମାନେ ନିଯୁକ୍ତି ହୁଅନ୍ତେ ଚୋରି ଘଟଣାର ଫର୍ଦାଫାଶ ହୋଇପାରନ୍ତା। ଚୋର ବି ଆଗକୁ ଚୋରି କରିବାକୁ ଭୟ କରନ୍ତେ।

ମୃତ୍ତିକା ସଂରକ୍ଷଣ ଗୃହ ନିର୍ମାଣ ନିମ୍ନମାନର

କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ଶିଶୁ ଶ୍ରମିକ

ଯାଜପୁର ରୋଡ଼,୨୧।୧(ସଂଚାର ବ୍ୟୁରୋ): ଯାଜପୁର ରୋଡ ଥାନା ଛକରେ ଥିବା ଉଦ୍ୟାନଭବନ ସମ୍ମୁଖରେ ନିର୍ମାଣ କରାଯାଉଥିବା ମୃତ୍ତିକା ସରଂକ୍ଷଣ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି ଶିଶୁ ଶ୍ରମିକ ଓ ଏହି କାମରେ ଚାଲିଛି ବ୍ୟାପକ ଅନିୟମିତତା ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

ନିମ୍ନମାନର ବାଲି, ଚିପ୍ସ ଓ ରଡ଼ରେ ଚାଲିଛି ନିର୍ମାଣ କାର୍ଯ୍ୟ ନେଇ ଛକ ବଜାରରେ ଆଲୋଚନା ହେଉଛି। ଭାଗ ମାପରବି ତାଳ ମେଳ ନଥିବା ଏବଂ ଢଳେଇ ପଡୁଛି ସତ କିନ୍ତୁ କୌଣସି ପ୍ରଶାସନିକ ଅଧିକାରୀ ନଥିବା ସହ କୌଣସି ସୂଚନା ଫଳକର ଚିହ୍ନବର୍ତ୍ତ ନଥିବା ଦେଖିବାକୁ ମିଳୁଛି। ଆହୁରି ଏକ ବିଡମ୍ବନାର ବିଷୟଯେ ଠିକାଦାର ଶ୍ରମ ଆଇନିକୁ ବେଖାତିର କରି ନାବାଳକ ମାନଙ୍କୁ ମଧ୍ୟ କାଯ୍ୟରେ ନିୟୋଜିତ କରିଥିବା ନଜିର୍ ଆସୁଛି। ପ୍ରଶାସନିକ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଏଭଳି ଦୁପ୍ଲିକେଟ କାର୍ଯ୍ୟ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଶ୍ରମ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବି ହେଉଛି। ଏପଟେ ଦେଖିବାକୁ ବାକିରହିଲା'ଯେ କେବେ ଜିଲ୍ଲାପାଳ ଓ ମୃତ୍ତିକା ସରଂକ୍ଷଣ ବିଭାଗର ଉପରିସ୍ଥ ଅଧିକାରୀ ଏହା ଉପରେ କାର୍ଯ୍ୟନୁଷ୍ଠାନ ନେଉଛନ୍ତି।

ପିକଅପ ଉପରେ ଚଢ଼ିଗଲା ଟ୍ରକ, ୩ ଗୁରୁତର

ବାରିପଦା,୨୧।୧(ସଂଚାର ବ୍ୟୁରୋ): ଆଜି ଅପରାହ୍ନ ସମୟରେ ବାରିପଦା ନିକଟସ୍ଥ କୁଳିଅଣା ଥାନା ଅନ୍ତର୍ଗତ ଦରକୁଳି ଛକ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଅଛି । ୧୮ ନମ୍ବର ଜାତୀୟ ରାଜପଥ ର ଦରକୁଳି ଛକ ନିକଟରେ ପିକଅପ ଭ୍ୟାନ କୁ ଏକ ଶୋହଳ ଚକିଆ ଟ୍ରକ ପଛପଟୁ ଆସି ଜୋରରେ ଧକକା ଦେଇଥିଲା । ଫଳରେ ପିକଅପ ଭ୍ୟାନ ଟି ଭରସାମ୍ୟ ହରାଇ ରାଜପଥ ଉପରେ ସମ୍ମୁଖରେ ଛିଡା ହୋଇଥିବା ଏକ କାର କୁ ଧକକା ଦେଇଥିଲା । ଦୁର୍ଘଟଣା ସମୟରେ ଖୁବ ଜୋରରେ ଶବ୍ଦ ହୋଇଥିଲା। ଯାହାକି ସ୍ଥାନୀୟ ଅଞ୍ଚଳରେ ଲୋକମାନେ ଭୟଭୀତ ହୋଇଯାଇଥିଲେ । ଦୁର୍ଘଟଣା ରେ ପିକଅପ ଭ୍ୟାନ ଟି ଭାଙ୍ଗି ଚୁରମାର ହୋଇଯାଇଅଛି। ଦୁର୍ଘଟଣା ଘଟିବା ପରେ କାରର ଡ୍ରାଇଭର କାର କୁ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଅଛି । ଏହି ଦୁର୍ଘଟଣା ରେ ପିକଅପ ଭ୍ୟାନରେ ଥିବା ଜଣେ ଏବଂ ଟ୍ରକ ରେ ଥିବା ଦୁଇଜଣ ଗୁରୁତର ଆହତ ହୋଇଛନ୍ତି।

ଏଡିଇଓଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ନର୍ଲା,୨୧।୧(ସଂଚାର ବ୍ୟୁରୋ): ଗୋହିରାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବୁରାଟ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ତରଫରୁ ନର୍ଲା ବିଇଓରୁ କଳାହାଣ୍ଡି ଏଡିଇଓ ପଦବୀକୁ ପଦୋନ୍ନତି ପାଇଥିବା ତପିମଣି ଜାନୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରିଷ୍ଠ ଶିକ୍ଷକ ହରିଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଏଡିଇଓ ତପିମଣି ଜାନୀ, ନର୍ଲା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୂର୍ଯ୍ୟଦେବ ବାଗ, ଅନ୍ୟତମ ଅତିରିକ୍ତ ଶିକ୍ଷା ଅଧିକାରୀ ସୁଢ଼ଳଦେବ ମୁଣ୍ଡ, ବରିଷ୍ଠ ଶିକ୍ଷକ ତ୍ରିବିକ୍ରମ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ଶ୍ରୀ ଜାନୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ସହ ତାଙ୍କ ସମ୍ମାନ ଉଦ୍ଦେଶ୍ୟରେ କବି କ୍ଷିତିଶ ଚନ୍ଦ୍ର ମାଝୀଙ୍କ ଏକ କବିତା ପାଠ କରାଯାଇଥିଲା।

ଗୋଲାପ ଫୁଲ ଦେଇ ବାଇକ ଆରୋହୀଙ୍କୁ ସଚେତନ କଲେ ଥାନାଧିକାରୀ

ବାଲିଆପାଳ,୨୧।୧ (ସଂଚାର ବ୍ୟୁରୋ): ବାଲିଆପାଳ ପୋଲିସ ପକ୍ଷରୁ ଗୋଲାପ ଫୁଲ ଦେଇ ବାଇକ ଆରୋହୀଙ୍କୁ ସଚେତନ କରାଇଲେ ବାଲିଆପାଳ ଥାନା ଅଧିକାରୀ।ସାରା ରାଜ୍ୟରେ ଦିନକୁ ଦିନ ସଡକ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ମଙ୍ଗଳବାର ବାଲିଆପାଳ ପୋଲିସ ଏବଂ ସୁବର୍ଣ୍ଣ ରେଖା ମହାବିଦ୍ୟାଳୟର ଅଧ୍ୟକ୍ଷ ଗୌରାଙ୍ଗ ରାଉତଙ୍କ ତତ୍ତ୍ୱାବଧାନରେ ଶୀତକାଳୀନ ସେବା ଶିବିରର ଛାତ୍ର ଛାତ୍ରୀ ମାନଙ୍କ ସହଭାଗିତାରେ ଦୋଭକ ଛକ ଠାରେ ସଡ଼କ ସୁରକ୍ଷା ସଚେତନତା କରାଯାଇଛି। ହ୍ୟାଲମେଟ ଲଗାଇ ଥିବା ବାଇକ ଆରୋହୀ ମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ ଜଣାଇବା ସହିତ ହ୍ୟାଲମେଟ ପିନ୍ଧି ନ ଥିବା ଆରୋହୀ ମାନଙ୍କୁ ସଡ଼କ ସୁରକ୍ଷା ଆଇନକୁ ମାନିବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ନକରିବା, ଟ୍ରାଫିକ ନିୟମ ପ୍ରତି ଧ୍ୟାନ ଦେବା ସହିତ ସମସ୍ତ ନିତି ନିୟମର ପାଠ ପଢ଼ାଇଥିଲେ ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ। ଏହି ଅବସରରେ ସବଇନ୍ସପେକ୍ଟର ପ୍ରେମ ପ୍ରତାପ ବାହିନୀ, ମହାବିଦ୍ୟାଳୟର ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ, ପାର୍ବତୀ ମୁର୍ମୁ, ପୁଷ୍ପାଞ୍ଜଳି ବିରଲି, ସୁଭ୍ରାଶିଲ୍ପୀ ରାଉତ, ରତିରଞ୍ଜନ କବାଟ, ରାଜେନ୍ଦ୍ର ପ୍ରଧାନ, ନିଲାମ୍ବର ଧଳ, ଶିବିର ପ୍ରୋଗ୍ରାମ ଅଫିସର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରେମାନନ୍ଦ ସେଠି ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ରକ୍ତଦାନ ଶିବିର

ଯାଜପୁର ରୋଡ଼,୨୧।୧ (ସଂଚାର ବ୍ୟୁରୋ): ସାମାଜିକ କଲ୍ୟାଣ ଏବଂ ସ୍ୱାସ୍ଥ୍ୟସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ପକ୍ଷରୁ ବୁଧବାର, ପ୍ଲଟ୍-୨ ଅଡିଟୋରିୟମଠାରେ ଏକ ବୃହତ ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ

୨୯୦ ୟୁନିଟ୍ ରକ୍ତ ସଂଗୃହିତ

ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିଲା, ଯାହାଫଳରେ ଆଂଚଳିକ ଚିକିତ୍ସା ଆବଶ୍ୟକତାକୁ ପୂରଣ କରିବା ପାଇଁ ୨୯୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି।

ଟାଟା ଷ୍ଟିଲ୍ କଳିଙ୍ଗନଗରର କୋକ୍ କାରଖାନା 'ଯୁଗ୍ମ ବିଭାଗୀୟ କମିଟି' (ଜେଡିସି) ଦ୍ୱାରା ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଓଡ଼ିଶା ବ୍ଲଡ୍ କେନ୍ଦ୍ର , ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଓଡ଼ିଶା ବ୍ଲଡ୍ କେନ୍ଦ୍ର ଏବଂ କଟକ ଏସ.ସି.ବି (ଏସସିବି) ବ୍ଲଡ୍ ବ୍ୟାଙ୍କ ସହଯୋଗ କରିଥିଲେ। ଏହି ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକ ସହିତ ସହଭାଗିତା କରି ଏହା ନିଶ୍ଚିତ କରାଯାଇଛି ଯେ, ସଂଗୃହିତ ରକ୍ତ ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ ହୋଇପାରିବ।

ଟାଟା ଷ୍ଟିଲ୍ କଳିଙ୍ଗନଗରର ଉପ-ସଭାପତି (ଅପରେସନ୍ସ) ଉତମ ସିଂ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ନିଜେ ମଧ୍ୟ ରକ୍ତଦାନ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦାଙ୍କ ସମେତ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଜୀବନ ରକ୍ଷା କ୍ଷେତ୍ରରେ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ୨୯୦ ଜଣ ରକ୍ତଦାତାଙ୍କ ମଧ୍ୟରେ କମ୍ପାନୀର କର୍ମଚାରୀ, ଚୁକ୍ତିଭିର୍ତ୍ତକ ଶ୍ରମିକ ଏବଂ ଭେଞ୍ଚର ପାର୍ଟନରମାନେ ମଧ୍ୟ ସାମିଲ ଥିଲେ । ସମସ୍ତେ ଏକଜୁଟ ହୋଇ ସାମାଜିକ ଦାୟିତ୍ୱବୋଧ ଏବଂ ମାନବିକତାର ପରିଚୟ ଦେଇଛନ୍ତି। ଯାଜପୁର ଅଂଚଳରେ ସେବା ଏବଂ ସହଯୋଗର ଏକ ସଂସ୍କୃତି ଗଠନ କରିବା ପାଇଁ ଟାଟା ଷ୍ଟିଲର ନିରନ୍ତର ପ୍ରୟାସକୁ ଏହି ମିଳିତ ଉଦ୍ୟମ ପ୍ରତିଫଳିତ କରୁଛି।

ଡଗରା ବେଳାଭୂମିର ବିକାଶ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

ବାଲିଆପାଳ,୨୧।୧ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମିର ଉନ୍ନତି କରଣ ଓ ରାସ୍ତା ନିର୍ମାଣରେ ସରକାରୀ କଳର ଅବହେଳାକୁ ବିରୋଧ କରି ଡଗରା ବିତରେ ବୁଧବାର ବେଳାଭୂମି ଉନ୍ନୟନ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁସାରେ ଡଗରା ବେଳାଭୂମିର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ରାଶି ଘୋଷଣା କରି ଆସୁଥିବା ବେଳେ ବର୍ଷ ବର୍ଷ ଧରି କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇ ପାରୁ ନାହିଁ। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏଠାକୁ ପିକନିକ କରିବାକୁ ଛୁଟି ଆସୁଥିବା ବେଳେ ରାସ୍ତା ସହିତ ସେଭଳି କିଛି ସୁବିଧା ନ ଥିବାରୁ ବେଳାଭୂମି ପ୍ରତି ବିମୁଖ ହେଉଛନ୍ତି ଲୋକେ। ତେବେ ପଞ୍ଚାୟତ ତରଫରୁ କରାଯାଇଥିବା ଏକ ପାର୍କକୁ ମଧ୍ୟ ଜିଲ୍ଲାପାଳ ଭାଙ୍ଗିଦେବାକୁ ବାରମ୍ବାର ନିର୍ଦ୍ଦେଶ ଦେଉଛନ୍ତି। କାହା ଚାପରେ ଜିଲ୍ଲାପାଳ ତେପା ହେଉଛନ୍ତି

ବେଳାଭୂମିର ବିକାଶ ପାଇଁ ସାମ୍ବାଦିକ ସମ୍ମିଳନୀ

ବୋଲି ପ୍ରଶ୍ନ କରିଛନ୍ତି ଡଗରା ବେଳାଭୂମି ଉନ୍ନୟନ କମିଟି। ଆଗାମୀ ଦିନ ରେ ଯଦି ରାସ୍ତା ସହିତ ବେଳାଭୂମି ର ବିକାଶ ନ ହୁଏ ତେବେ ବେଳାଭୂମି କମିଟି ଏହାର ତୀବ୍ର ବିରୋଧ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ କମିଟିର ସଭାପତି ଡଗରା ସରପଞ୍ଚ ସତ୍ୟାନନ୍ଦ ମହ

ସଂଚାର SANCHAR

ଗୁରୁବାର ୨୨ ଜାନୁଆରୀ ୨୦୨୬

ସିନେମା

ରିଲିଜ୍ ପୂର୍ବରୁ ରେକର୍ଡ ଭାଙ୍ଗିଲା 'ବର୍ଡର ୨'

ନୂଆଦିଲ୍ଲୀ,୨୧ା୧: ଜାନୁଆରୀ ୨୩ରେ ସିନେମା ହଲ୍ରେ ରିଲିଜ୍ ହେବାକୁ ଯାଉଛି 'ବର୍ଡର ୨'। ଫିଲ୍ମଟି ଏବେ ବକ୍ସ ଅଫିସରେ ବୁକବଷ୍ଟର ଓପନିଂ କରିବାକୁ ପ୍ରସ୍ତୁତ। ଏସବୁ ମଧ୍ୟରେ, ସୋମବାରଠାରୁ ଫିଲ୍ମର ଆଡଭାନ୍ସ ବୁକିଂ ଆରମ୍ଭ ହୋଇଛି ଏବଂ ଏହା ୪୮ ଘଣ୍ଟା ମଧ୍ୟରେ ରେକର୍ଡ ପ୍ରି-ସେଲ୍ ହାସଲ କରିସାରିଛି। ଏଥି ସହିତ, ଏହା ସନ୍ନିଙ୍କ ପୂର୍ବ ବଡ଼ ହିଟ୍ ଫିଲ୍ମ 'ଜାଟ୍'ର ମୋଟ ଆଡଭାନ୍ସ ବୁକିଂକୁ ପଛରେ ପକାଇଛି। କେବଳ ସେତିକି ନୁହେଁ, ଏହା ନିକଟରେ ରିଲିଜ୍ କରିଥିବା ହିଟ୍ 'ଧୁରନ୍ଧର' ଏବଂ ସର୍ବଭାରତୀୟ ଆକ୍ସନ ଫିଲ୍ମ 'ୱାର ୨'କୁ ମଧ୍ୟ ପଛରେ ପକାଇଛି।

ଭାରତରେ ସୋମବାର ସକାଳେ ସନ୍ନି ଦେଓଲ ଷ୍ଟାରର 'ବର୍ଡର ୨'ର ଆଡଭାନ୍ସ ବୁକିଂ ଆରମ୍ଭ ହୋଇଛି। ଏହି ଫିଲ୍ମଟିର କ୍ରେଜ୍ ଏତେ ରହିଛି ଯେ ପ୍ରଥମ ଦିନରେ ଏହାକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି, ଯାହା ଫଳରେ ପ୍ରି-ଟିକେଟ ସେଲ୍ ଚମତ୍କାର ହୋଇଛି। ସାକନିଲ୍କର ତଥ୍ୟ ଅନୁଯାୟୀ, 'ବର୍ଡର ୨' ଏହାର ହିନ୍ଦୀ ୨ଡି ଫର୍ମାଟରେ ୧୦୨,୭୫୦ଟି ଟିକେଟ ବିକ୍ରି ହୋଇସାରିଛି। ଏଥି ସହିତ, ଏହା ବ୍ଲକ ସିଟ୍ ବିନା ପ୍ରି-ଟିକେଟ ସେଲ୍ରେ ୩.୨୯ କୋଟି ସଂଗ୍ରହ କରିଛି ଏବଂ ବ୍ଲକ୍ ସିଟ୍ ସହିତ ଆଗୁଆ ବୁକିଂରୁ ୬.୫୩ କୋଟି ରୋଜଗାର କରିସାରିଛି।

ତେବେ ରିଲିଜ୍ର ଦୁଇ ଦିନ ପୂର୍ବରୁ, 'ବର୍ଡର-୨'ର ପ୍ରଥମ ଦିନର ଆଡଭାନ୍ସ ବୁକିଂ ସନ୍ନି ଦେଓଲଙ୍କ ଫିଲ୍ମ 'ଜାଟ୍' ର ସଂଖ୍ୟାକୁ ଅତିକ୍ରମ କରିସାରିଛି। 'ଜାଟ୍'ଆଗୁଆ ବୁକିଂରେ ୨.୪ କୋଟି ରୋଜଗାର କରିଥିଲା ଏବଂ ଏହାର ପ୍ରଥମ ଦିନର କଲେକ୍ସନ ୯ କୋଟି ଥିଲା। ତଥାପି, ଏହା ସନି ଦେଓଲଙ୍କ ଗଦର-୨ ଠାରୁ ପଛରେ ଅଛି, ଯାହା ଆଡଭାନ୍ସ ବୁକିଂରେ ୧୭.୬୦ କୋଟି ଟଙ୍କା ରୋଜଗାର କରିଥିଲା।

ନେହା ନେଲେ ବ୍ରେକ: କହିଲେ 'ଜଣାନାହିଁ ଫେରିବି କି ନାହିଁ'

ଲୋକପ୍ରିୟ ଗାୟିକା ନେହା କକ୍କର ଏବେ କାମରୁ ବିରତି ନେଇଛନ୍ତି। ସୋମବାର ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଏହା ଘୋଷଣା କରିଥିଲେ । ସେ କହିଥିଲେ ଯେ ସେ କିଛି ସମୟ ପାଇଁ କାମ ଏବଂ ଦାୟିତ୍ୱରୁ ବିରତି ନେଉଛନ୍ତି । କିଛି ସମୟ ପରେ ସେ ଏହି ପୋଷ୍ଟଟି ଡିଲିଟ୍ କରିଦେଇଥିଲେ । ତଥାପି, ତାଙ୍କ ପୋଷ୍ଟର ସ୍କ୍ରିନସଟ୍ ଭାଇରାଲ ହେବାରେ ଲାଗିଛି । ସୋମବାର ନେହା ବିରତି ଘୋଷଣା କରି ପ୍ରଶଂସକମାନଙ୍କୁ ପୁଣି ଥରେ ଆଶ୍ଚର୍ଯ୍ୟ କରିଦେଇଛନ୍ତି । ସେ ଲେଖିଛନ୍ତି, "ଦାୟିତ୍ୱ, ସମ୍ପର୍କ, କାମ ଏବଂ ମୁଁ ଏବେ ଯାହା ଚିନ୍ତା କରିପାରୁଛି ତାହାରୁ ବିରତି ନେବାର ସମୟ ଆସିଛି । ମୁଁ ନିଶ୍ଚିତ ନୁହେଁ ଯେ ମୁଁ ଫେରିବି କି ନାହିଁ । ଧନ୍ୟବାଦ ।" ନେହା କକ୍କର ମଧ୍ୟ ପାପାରାଜି ଏବଂ ପ୍ରଶଂସକମାନଙ୍କୁ ତାଙ୍କ ଗୋପନୀୟତାକୁ ସମ୍ମାନ ଦେବାକୁ ଅନୁରୋଧ କରିଛନ୍ତି । ଗାୟିକା ଲେଖିଛନ୍ତି, "ମୁଁ ପାପାରାଜି ଏବଂ ପ୍ରଶଂସକମାନଙ୍କୁ ଅନୁରୋଧ କରୁଛି ଯେ ମୋର ଫଟୋ ଏବଂ ଫଟୋ କୌଣସି ସ୍ଥାନରେ କ୍ୟାପ୍ଚର କରନ୍ତୁ ନାହିଁ । ମୁଁ ଆଶା କରୁଛି ଆପଣମାନେ ମୋର ଗୋପନୀୟତାକୁ ସମ୍ମାନ ଦେବେ ଏବଂ ମୋତେ ଏହି ଦୁନିଆରେ ମୁକ୍ତ ଭାବରେ ବଞ୍ଚିବାକୁ ଦେବେ। ଦୟାକରି ନୋ କ୍ୟାମେରା । ମୁଁ ଆପଣଙ୍କୁ ଅନୁରୋଧ କରୁଛି ।

'ସମୟ ଆସିଲେ ନିଶ୍ଚୟ କହିବି': ରଶ୍ମିକା

ବିବାହ ଗୁଜବକୁ ନେଇ ଦୀର୍ଘ ଦିନ ହେଲା ଚର୍ଚ୍ଚାରେ ରହିଛନ୍ତି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା । ଆସନ୍ତା ଫେବ୍ରୁଆରୀ ୨୬ରେ ଉଦୟପୁରରେ ଉଭୟ ବିବାହ କରିବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା । ଗତ ଅକ୍ଟୋବରରେ ଉଭୟଙ୍କର ନିର୍ବନ୍ଧ ହୋଇଥିବା ରିପୋର୍ଟ ମଧ୍ୟ ଆସିଥିଲା । ସଦ୍ୟ ସାକ୍ଷାତକାରରେ ରଶ୍ମିକା ଏ ବିଷୟରେ ଆଲୋଚନା କରିଛନ୍ତି । ଆସନ୍ତା ମାସ ବିବାହ ବିଷୟରେ ସେ କହିଛନ୍ତି, ଗତ ୪ ବର୍ଷ ତଳେ ତାଙ୍କ ବିବାହ ଗୁଜବ ଉଠିଥିଲା। ଲୋକେ ଏବେ ବି ସମାନ ପ୍ରଶ୍ନ ପଚାରି ଚାଲିଛନ୍ତି । ଉତ୍ତର ଶୁଣିବାକୁ ଅପେକ୍ଷା କରିଛନ୍ତି । କିନ୍ତୁ ସତ କଥା ହେଉଛି, ଏ ବିଷୟରେ କହିବାର ସମୟ ଆସିଲେ, ମୁଁ ନିଶ୍ଚୟ କହିବି । କ୍ୟାମେରା ସାମ୍ନାରେ ଏ ବିଷୟରେ ଆଲୋଚନା କରିବାରେ ସହଜ ନୁହନ୍ତି ବୋଲି ସେ କହିଛନ୍ତି ।

ରଣବୀର ନୁହଁନ୍ତି ବିଜୟ ଦେବରକୋଣ୍ଡା ସାରାଙ୍କ ପ୍ରିୟ ଷ୍ଟାର୍

ଗତବର୍ଷ ରିଲିଜ୍ ହୋଇଥିବା ଆଦିତ୍ୟ ଧରଙ୍କ ବ୍ଲକ୍ବଷ୍ଟର ଫିଲ୍ମ 'ଧୂରନ୍ଧର' ବକ୍ସ ଅଫିସ୍ରେ ଦମ୍ଦାର ପ୍ରଦର୍ଶନ କରିଛି । ସେଥିରେ ଉଚ୍ଚକୋଟୀର ଅଭିନୟ ଲାଗି ରାତାରାତି ସଫଳତାର ଶୀର୍ଷରେ ପହଞ୍ଚିଯାଇଛନ୍ତି ଅଭିନେତ୍ରୀ ସାରା ଅର୍ଜୁନ। ଫିଲ୍ମରେ ତାଙ୍କୁ ରଣବୀର ସିଂହଙ୍କ ନାୟିକା ଭାବେ ଦେଖିବାକୁ ମିଳିଥିଲା । ଉଭୟଙ୍କ ଯୋଡିକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ତେବେ ରଣବୀର ସିଂହ ନୁହଁନ୍ତି, ଦକ୍ଷିଣ ଭାରତୀୟ ସୁପରଷ୍ଟାର ବିଜୟ ଦେବରକୋଣ୍ଡା ହେଉଛନ୍ତି ସାରାଙ୍କର ପ୍ରିୟ ଅଭିନେତା । ନିକଟରେ ସାରା ନିଜ ଫିଲ୍ମ 'ୟୁଫୋରିଆ'ର ଟ୍ରେଲର ଲଞ୍ଚ କାର୍ଯ୍ୟକ୍ରମରେ ପହଞ୍ଚିଥିବାବେଳେ ଏକ ପ୍ରଶ୍ନର ଉତ୍ତର ଦେଇ ଏହା ପ୍ରକାଶ କରିଥିଲେ । ସାରା କହିଥିଲେ ଯେ, ବିଜୟଙ୍କ ସାବଲୀଳ ଅଭିନୟ ତାଙ୍କୁ ଭଲ ଲାଗେ । ସେଥିଲାଗି ସେ ତାଙ୍କୁ ଖୁବ୍ ସମ୍ମାନ ମଧ୍ୟ କରନ୍ତି । ତେବେ ଅଭିନେତ୍ରୀଙ୍କ ୱାର୍କଫ୍ରଣ୍ଟ ବିଷୟରେ କହିବାକୁ ସୋସିଆଲ୍ ଡ୍ରାମା 'ୟୁଫୋରିଆ'ରେ ସାରା ମୁଖ୍ୟ ଅଭିନେତ୍ରୀ ଭାବେ ନଜର ଆସିବେ। ତାଙ୍କ ସହିତ ସେଥିରେ ଭୂମିକା ଚାଖିଲା, ଗୌତମ ମେନନ୍ଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଫିଲ୍ମଟି ଆସନ୍ତାମାସ ୬ ତାରିଖରେ ରିଲିଜ୍ ହେବ। 'ୟୁଫୋରିଆ' ବ୍ୟତୀତ ସାରା 'ଧୂରନ୍ଧର'ର ସିକ୍ୱେଲରେ ମଧ୍ୟ ନଜର ଆସିବେ। ସେହିପରି ଗୌତମ ତିନ୍ନନୁରୀଙ୍କ ଫିଲ୍ମ 'ମ୍ୟାଜିକ୍'ରେ ବି ସାରା କାମ କରୁଛନ୍ତି । ତେବେ ଅଭିନେତ୍ରୀଙ୍କ ୱାର୍କଫ୍ରଣ୍ଟ ବିଷୟରେ କହିବାକୁ ସୋସିଆଲ୍ ଡ୍ରାମା 'ୟୁଫୋରିଆ'ରେ ସାରା ମୁଖ୍ୟ ଅଭିନେତ୍ରୀ ଭାବେ ନଜର ଆସିବେ ।

ପୁଣି ଥରେ ବାହା ହେବେ ଧନୁଷ

ସାଉଥ ସୁପରଷ୍ଟାର ରଜନୀକାନ୍ତଙ୍କ ପୂର୍ବତନ ଜ୍ୱାଇଁ ଅଭିନେତା ଧନୁଷକୁ ନେଇ ଚର୍ଚ୍ଚା। ଧନୁଷ ଭାଲେଣ୍ଟାଇନ ଡେରେ ଅଭିନେତ୍ରୀ ମୃଣାଲ ଠାକୁରଙ୍କ ସହିତ ବିବାହ କରିବେ ବୋଲି କୁହାଯାଉଛି । ଗତବର୍ଷ ଦୁହେଁ ପରସ୍ପରକୁ ଡେଟ୍ କରୁଥିବା ନେଇ ଖବର ମିଳିଥିଲା । ସନ୍ ଅଫ ସର୍ଦ୍ଦାର ୨ର ପ୍ରିମିୟରରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳିଥିଲା । ହେଲେ ବାହାଘର ପାଇଁ ଏପର୍ଯ୍ୟନ୍ତ କୌଣସି ଅଫିସିଆଲ ଘୋଷଣା କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ମୃଣାଲ ଠାକୁର ଏବଂ ଧନୁଷ ଖୁବ୍ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି । ଚର୍ଚ୍ଚାରେ ଥିବା ଦମ୍ପତି ଫେବ୍ରୁଆରୀ ୧୪'ରେ ଭାଲେଣ୍ଟାଇନ୍ସ ଡେ'ରେ ବିବାହ କରିପାରନ୍ତି। ବାହାଘରରେ ଦମ୍ପତିଙ୍କ କେବଳ ପରିବାର ଏବଂ ନିକଟତର ବନ୍ଧୁମାନଙ୍କ ଉପସ୍ଥିତିରେ ହେବ। କିନ୍ତୁ ଏପର୍ଯ୍ୟନ୍ତ ଏହି ବିଷୟରେ କିଛି ନିଶ୍ଚିତ ହୋଇନାହିଁ । ମୃଣାଲ କିମ୍ବା ଧନୁଷ ଏହି ବିଷୟରେ ମୁହଁ ଖୋଲି ନାହାଁନ୍ତି। "ସର୍ଦ୍ଦାର ୨" ଫିଲ୍ମର ଏକ ସ୍ୱତନ୍ତ୍ର ସ୍କ୍ରିନିଂରେ ଧନୁଷଙ୍କୁ ଦେଖିବା ପରେ ମୃଣାଲ ଠାକୁର ଏବଂ ଧନୁଷଙ୍କ ମଧ୍ୟରେ ସମ୍ପର୍କର ଗୁଜବ ଆରମ୍ଭ ହୋଇଥିଲା । ସେ ସ୍କ୍ରିନିଂ ପାଇଁ ସ୍ୱତନ୍ତ୍ର ଭାବରେ ଚେନ୍ନାଇରୁ ମୁମ୍ବାଇ ଆସିଥିଲେ ।

ଧନୁଷ ପୂର୍ବରୁ ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟା ରଜନୀକାନ୍ତଙ୍କୁ ବିବାହ କରିଥିଲେ । ସେମାନଙ୍କର ସମ୍ପର୍କ ୧୮ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା, କିନ୍ତୁ ୨୦୨୨ ମସିହାରେ ଛାଡପତ୍ର ହୋଇଥିଲା ।

ଅକ୍ଷୟ କୁମାରଙ୍କ କାର୍ ଦୁର୍ଘଟଣାଗ୍ରସ୍ତ



ଗତକାଲି ରାତି ପ୍ରାୟ ୯ଟାରେ ଅକ୍ଷୟ କୁମାରଙ୍କ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ତାଙ୍କ କାରଟି ଏକ ଅଟୋ ରିକ୍ସା ସହ ଧକ୍କା ହୋଇଥିଲା । ଫଳରେ ଅଟୋ ରିକ୍ସାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଏବଂ ସେଥିରେ ଜଣେ ବ୍ୟକ୍ତି ଫସି ରହିଥିଲେ । ସେହି ସମୟରେ ହୋଇଥିବା ଘଟଣାର ଏକ ଭିଡିଓ ସାମ୍ନାକୁ ଆସିଛି । ଆପଣଙ୍କୁ ଜଣାଇ ରଖୁଛୁ ଯେ, ସେହି ଦୁର୍ଘଟଣା ସମୟରେ ଅକ୍ଷୟ କୁମାରଙ୍କ ସମେତ ତାଙ୍କ ପତ୍ନୀ କାରକେଡ୍ ଆଗରେ ଯାଉଥିଲା। ଅକ୍ଷୟ କୁମାରଙ୍କ କାରଗେଡ୍ ଅଟୋ ରିକ୍ସା ସହିତ ଧକ୍କା ହେବା ପରେ ଅଭିନେତାଙ୍କ ଗାଡ଼ି ମଧ୍ୟ ସାମାନ୍ୟ ଆଘାତ ପାଇଥିଲା । ଏପରି ଘଟଣା ଜୁହୁଠାରେ ଦେଖିବାକୁ ମିଳିଥିଲା । ଦୁର୍ଘଟଣାର ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଟୋ ଚାଳକ ଏବଂ ଅଟୋ ଯାତ୍ରୀଙ୍କ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଛି। ଡ୍ରାଇଭର ଜଣକ ଆହତ ହୋଇଛନ୍ତି । ସୌଭାଗ୍ୟବଶତଃ ଦୁର୍ଘଟଣାରେ କିନ୍ତୁ ସମସ୍ତ ଯାନବାହନ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି । ଯାହାର ଭିଡିଓ କରିଛି । ଅନ୍ୟପଟେ ଅକ୍ଷୟ କୁମାରଙ୍କ ଟିମ୍ ଏପର୍ଯ୍ୟନ୍ତ ଏହି ଘଟଣା ସମ୍ପର୍କରେ କୌଣସି ଅଧିକ ସୂଚନା ଜାରି କରିନାହାଁନ୍ତି । ପୋଲିସ ତଦନ୍ତ ପରେ ଦୁର୍ଘଟଣାର କାରଣ ଜଣାପଡିବ । ଏଥିସହିତ ଏହି ଭିଡିଓ ଭାଇରଲ ହେବା ପରେ ଅକ୍ଷୟ କୁମାରଙ୍କ ଫ୍ୟାନ୍ସ ଅଭିନେତାଙ୍କ ପାଇଁ ଚିନ୍ତିତ

କମେଡିଆନ ଜାକିର ରହିବି ୫ ବର୍ଷ ଗାଏବ

ଷ୍ଟାଣ୍ଡ-ଅପ୍ କମେଡିଆନ୍ ଜାକିର ଖାନ । ବର୍ତ୍ତମାନ ତାଙ୍କର କମେଡି ସ୍ପେଶାଲ୍ "ପାପା ୟାର" ସହ ବିଭିନ୍ନ ସହର ଭ୍ରମଣ କରୁଛନ୍ତି। ଏହି ସମୟରେ, ସେ ଘୋଷଣା କରିଛନ୍ତି ଯେ ସେ ଖୁବ୍ ଶୀଘ୍ର କମେଡିରୁ ଏକ ଲମ୍ବା ବ୍ରେକ୍ ନେବେ। ଜାକିର ହାଇଦ୍ରାବାଦରେ ତାଙ୍କର 'ଏକଶୋ' ସମୟରେ ଏହି ଘୋଷଣା କରିଥିଲେ। ଶୋ'ର ଏକ ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ଏଥିରେ ଜାକିର ମଞ୍ଚ ଉପରୁ ଦର୍ଶକଙ୍କ ସହ ତାଙ୍କର ଯୋଜନା ସେୟାର କରିଛନ୍ତି। ଜାକିର କହିଥିଲେ, "ମୁଁ ବହୁତ ଲମ୍ବା ବ୍ରେକ୍ ନେଉଛି। ହୁଏତ ୨୦୩୦ ପର୍ଯ୍ୟନ୍ତ ହୋଇପାରେ। ଏହା ତିନି, ଚାରି ନୁହେଁ ବରଂ ପାଞ୍ଚ ବର୍ଷର ବିରତି ହେବ। ମୋର ସ୍ୱାସ୍ଥ୍ୟର ଏବଂ ଅନ୍ୟ କିଛି ଜିନିଷର ଯତ୍ନ ନେବା ପାଇଁ ନିହାତି ଜରୁରୀ। ବର୍ତ୍ତମାନ ଏଠାରେ ଥିବା ସମସ୍ତେ ମୋ ହୃଦୟର ବହୁତ ନିକଟତର। ଆପଣଙ୍କ ଉପସ୍ଥିତି ମୋ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ମୁଁ ସବୁବେଳେ ତୁମ ସମସ୍ତଙ୍କ ପ୍ରତି କୃତଜ୍ଞ ରହିବି। ତୁମକୁ ବହୁତ ଧନ୍ୟବାଦ।" ଜାକିର ନେବେ ଲମ୍ବା ବ୍ରେକ୍ଏ ହି ହାସ୍ୟ ଅଭିନେତା ଜାନୁଆରୀ ୨୦ ତାରିଖ ମଙ୍ଗଳବାର ଅପରାହ୍ନରେ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରିରେ ବ୍ରେକ୍ ବିଷୟରେ ସୂଚନା ଦେଇଥିଲେ। ଦୁବାଇରେ ପହଞ୍ଚିବା ପରେ, ଜାକିର ପୋଷ୍ଟରେ ଲେଖିଛନ୍ତି, "ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଶୋ' ଏକ ଉତ୍ସବ। ଏଥର ମୁଁ ଅଧିକ ସହର ପରିଦର୍ଶନ କରିପାରିବି ନାହିଁ। ତେଣୁ ଦୟାକରି ଶୋ'ଗୁଡ଼ିକୁ ଆସନ୍ତୁ। ଏହା ପ୍ରଥମ ଥର ନୁହେଁ ଜାକିର ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ଗତ ବର୍ଷ, ସେ ଇନଷ୍ଟାଗ୍ରାମରେ ପ୍ରକାଶ କରିଥିଲେ ଯେ ସେ ଏକ ବର୍ଷରୁ ଅଧିକ ସମୟ ଧରି ଅସୁସ୍ଥ ଅନୁଭବ କରୁଥିଲେ। କିନ୍ତୁ ସେହି ସମୟରେ କାମ କରିବା ଆବଶ୍ୟକ ବୋଲି ଥିଲା।

ଅଶ୍ଲୀଳ ଭାଷା ପାଇଁ ଗାୟକ ହନି ସିଂଙ୍କୁ ଝଡ଼

ରାପର ଏବଂ ସିଙ୍ଗର ହନି ସିଂ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ନିକଟରେ ଦିଲ୍ଲୀର ଏକ କନସର୍ଟରେ ଯୋଗଦେଇଥିବା ସୂଚନା ମିଳୁଛି। ସେହି ସମୟର ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଜୋରରେ ଭାଇରାଲ ହେବାରେ ଲାଗିଛି । ସେହି ଭାଇରଲ ଭିଡ଼ିଓରେ ହନି ସିଂଙ୍କୁ ଅଶ୍ଲୀଳ ଭାଷା ବ୍ୟବହାର କରୁଥିବାର ଦେଖିବାକୁ ମିଳିଛି । ଯାହା ପରେ ସେ ଟ୍ରୋଲର ଶୀକାର ହୋଇଛନ୍ତି । ଏହାରି ମଧ୍ୟରେ ପ୍ରଥମେ, ସେ ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରି କ୍ଷମା ପ୍ରାର୍ଥନା କରିଛନ୍ତି। ଏଥିସହ ସେ ତାଙ୍କ ପ୍ରଶଂସକମାନଙ୍କ ପାଇଁ ଏକ ପୋଷ୍ଟ ମଧ୍ୟ ଲେଖିଥିଲେ । ଯେଉଁଥିରେ ସେ ଭାଇରାଲ୍ ହେଉଥିବା ଭିଡିଓ ସମ୍ପର୍କରେ କହିଥିଲେ । କନସର୍ଟ ଯିବାର ଦୁଇ ଦିନ ପୂର୍ବରୁ ସେ ଗାଇନିକ୍ ବିଶେଷଜ୍ଞଙ୍କ ସହ ଲଞ୍ଚ କରିଥିଲେ । ଯେଉଁଠିକି ଆଜିକାଲିକା ଯୁବପିଢ଼ିଙ୍କ ସମର୍କରେ ଆଲୋଚନା ହୋଇଥିଲା ।

ତ୍ରୟୋବିଂଶତମ ବଲାଙ୍ଗିର ଲୋକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ବଲାଙ୍ଗିର,୨୨।୧ (ସଂଚାର ବ୍ୟୁରୋ): ବଲାଙ୍ଗିର ଜିଲ୍ଲାର ଗୌରବମୟ ପରମ୍ପରା, କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପରିସରରେ ତ୍ରୟୋବିଂଶତମ ବଲାଙ୍ଗିର ଲୋକ ଉତ୍ସବ ବର୍ଣ୍ଣାଢ୍ୟ ପରିବେଶରେ ପାଳିତ ହେଉଛି। ଏହି ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଦେବକୀ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଭାପତିତ୍ୱ କରିଥିଲେ ଉପଜିଲ୍ଲାପାଳ, ବଲାଙ୍ଗିର, ଶ୍ରୀ ଆଲୋକ କୁମାର ପଟେଲ। ଆଜିର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୌର ଅଧକ୍ଷା, ବଲାଙ୍ଗିର, ଶ୍ରୀମତୀ ଲିକା ସାହୁ, ଉପଜିଲ୍ଲାପାଳ, ପାଟଣାଗଡ଼, ଶ୍ରୀ ସୁନୀଲ କୁମାର ମେହେର, ଉପଜିଲ୍ଲାପାଳ, ଟିଟିଲାଗଡ଼, ଶ୍ରୀ ପଦ୍ମନାଭ ସାମନ୍ତରାୟ, ସହ ଅଧକ୍ଷ, ମଞ୍ଚ କମିଟି, ଶ୍ରୀ କିଶୋର ଜାଲ, ସହ ଅଧକ୍ଷ, ପ୍ରଚାର ପ୍ରସାର କମିଟି, ଶ୍ରୀ ଶରତ ଚନ୍ଦ୍ର ମିଶ୍ର, ସହ ଅଧକ୍ଷା, ମଞ୍ଚ କମିଟି, ଶ୍ରୀମତୀ ଶ୍ରାବଣୀ ମେହେର, ସହ ଅଧକ୍ଷ, ପ୍ରଚାର ପ୍ରସାର କମିଟି, ଶ୍ରୀ ରିତୁରାଜ ସିଂହ, ଅତିଥି କଳାକାର, ଶ୍ରୀ ରାଜୀବ ସଗରିଆ ପ୍ରମୁଖ ମଞ୍ଚାସିନ ଥିଲେ। ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ ଦ୍ୱିତୀୟ ଦିବସର ଶୁଭ ଉଦଘାଟନ ହୋଇଥିଲା। କାର୍ଯ୍ୟକ୍ରମ ଉଦ୍ଘାଟନ କରି ମୁଖ୍ୟ ଅତିଥି କହିଥିଲେ ପୁରପଲ୍ଲୀରୁ ଆରମ୍ଭ ହେଉଥିବା ଏହି ଲୋକ ଉତ୍ସବ କେବଳ ବଲାଙ୍ଗିର ଜିଲ୍ଲାରେ ସୀମିତ ନୁହଁ ବରଂ ରାଜ୍ୟ ବାହାରେ ମଧ୍ୟ ଖ୍ୟାତି ଅର୍ଜନ କରିଛି। ଏ ବଲାଙ୍ଗିର ମାଟି ବଡ ବଡ କଳାକାର ଗଢିଛି, କଳାକୁ ଉଚିତ୍ ସମ୍ମାନ ଦେଇଛି, ଆମକୁ ଗର୍ବିତ କରିଛି। ତେଣୁ ଆମର ମଧ୍ୟ କର୍ତ୍ତବ୍ୟ ଯେ, ମିଳିତ ଭାବେ ଆମେ ବଲାଙ୍ଗିର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି କରିବା। ଆଜିର ସଭା କାର୍ଯ୍ୟରେ ସହ ଅଧକ୍ଷ, ପ୍ରଚାର ପ୍ରସାର କମିଟି, ଶ୍ରୀ ଶରତ ଚନ୍ଦ୍ର ମିଶ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସହ ଅଧକ୍ଷ, ପ୍ରଚାର ପ୍ରସାର କମିଟି, ଶ୍ରୀ ଋତୁରାଜ ସିଂହ ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବର ଦ୍ୱିତୀୟ ରଜନୀରେ ଗୁଜୁରାଟର ସିଦ୍ଧି ଧମାଲ, ପଞ୍ଜାବର ଭାଙ୍ଗଡ଼ା, ଆସାମର ବିହୁ, ପୁରୀ ର ଗୋଟିପୁଅ, ସୁବର୍ଣ୍ଣପୁରର ବଜନିଆଁ, କଳାହାଣ୍ଡିର ଘୁମୁରା, ବଲାଙ୍ଗିରର ସ୍ଥାନୀୟ ସୁର ମନ୍ଦିର, ଲଲିତ ଡାନ୍ସ ଗ୍ରୁପ, ଢୋଲ ମହୁରି କଳାପରିଷଦ, ମହନୀ ନୃତ୍ୟ କଳାପରିଷଦ, ସନଯୋଟ କଳାକେନ୍ଦ୍ର ଗୁଡ଼ିକ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରିଥିଲେ।

ପାନ ଦୋକାନରେ ଅଗ୍ନିକାଣ୍ଡ

ଯାଜପୁର ରୋଡ଼, ୨୧।୧(ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଞ୍ଚଳ ସହରର ରେଳ ଷ୍ଟେସନର ବସଷ୍ଟାଣ୍ଡ ରୋଡ଼ ରାଧାନାଥ ମାର୍ଗ ବାଇପାସ ଛକରେ ଥିବା ଏକ ପାନ ଦୋକାନରେ ଗତକାଲି ବିଳମ୍ବିତ ରାତିରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏହି ଦୋକାନଟି କୋରେଇ ବ୍ଲକ ଅନ୍ତର୍ଗତ ତୁଳତି ପଞ୍ଚାୟତର ବେଣୁଧର ସ୍ୱାଇଁଙ୍କ ପୁଅ ଆଲୋକ ସ୍ୱାଇଁଙ୍କର ବୋଲି ଜଣାପଡ଼ିଛି। ଅଗ୍ନିକାଣ୍ଡ ଯୋଗୁଁ ଦୋକାନରେ ଥିବା ପାଖାପାଖି ୭୦ ହଜାର ଟଙ୍କାର ସାମଗ୍ରୀ ଓ ନଗଦ ୫ ହଜାର ଟଙ୍କା ପୋଡି ଧ୍ୱଂସ ହୋଇଯାଇଛି। ତେବେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ ଏହି ନିରିହ ପାନ ଦୋକାନିଟି ଉପରେ ଟିକିଏ ଦୃଷ୍ଟି ଦେବାକୁ ସାଧାରଣରେ ଆଲୋଚନା ହେଉଛି।

ବେଦାନ୍ତ କମ୍ପାନି ଚେୟାରମ୍ୟାନ୍‌ଙ୍କ ପୁତ୍ର ବିୟୋଗରେ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଶୋକସଭା

ଲାଞ୍ଜିଗଡ଼,୨୨।୧(ସଂଚାର ବ୍ୟୋରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ କମ୍ପାନି ଚେୟାରମ୍ୟାନ୍ ଅନିଲ ଅଗ୍ରୱାଲଙ୍କ ପୁତ୍ର ଅଗ୍ନିବେଶ ଅଗ୍ରୱାଲ(୪୯)ଙ୍କ ପରଲୋକ ଘଟିଛି।ସେ କିଛିଦିନ ତଳେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଗତ ୭ ତାରିଖରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।ଫଳରେ ଲାଞ୍ଜିଗଡ଼ ବେଦାନ୍ତ କମ୍ପାନି ତଥା ଲାଞ୍ଜିଗଡ଼ ଅଞ୍ଚଳରେ ଶୋକର ଛାୟା ଖେଳି ଖେଳିଯାଇଛି।ଏହାକୁ ନେଇ ବୁଧବାର ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଲାଞ୍ଜିଗଡ଼ସ୍ଥିତ ସଦର ଠାରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟ ଓ ଲାଞ୍ଜିଗଡ଼ ବାସୀ ଏକତ୍ରୀତ ହୋଇ ସ୍ୱର୍ଗତ ଅଗ୍ରୱାଲଙ୍କ ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ବରିଷ୍ଠ କର୍ମୀ ତ୍ରିନାଥ ମହାଖୁଣ୍ଟ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଯୁବ ସମାଜସେବୀ ଶିଶିର ପୂଜାରୀ, ଗୋପୀନାଥ ପୂଜାରୀ, ପୁରୁଷୋତ୍ତମ ମହାଖୁଣ୍ଟ, ବିର ମୁଣ୍ଡଛିନା, ଗୋବିନ୍ଦ ଚନ୍ଦନ, ମହିଳା ମାନଙ୍କ ସମେତ ଆଞ୍ଚଳିକ ପରିଷଦର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

ସପ୍ତମ ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ

ବାଲିପାଟଣା,୨୨।୧(ସଂଚାର ବ୍ୟୁରୋ): ବାଲିପାଟଣା ବ୍ଲକ ଅନ୍ତର୍ବେଦୀ ପୀଠସ୍ଥିତ ତ୍ରିବେଣୀ ଯାତ୍ରା ପଡ଼ିଆରେ 'ଆମ ସଙ୍ଗଠନ'ଆନୁକୂଲ୍ୟରେ ସୋମବାର ତ୍ରିବେଣୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆମ ସଂଗଠନ ର ମୁଖ୍ୟ କମଳ କୁମାର ପାତ୍ର ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଯୋଗଦେଇ କହିଲେ ଯେ, ପ୍ରାଚୀନ ପ୍ରାଚି ତଟରେ ତ୍ରିବେଣୀ ଯାତ୍ରାର ପୁନରୁଦ୍ଧାର ପାଇଁ ଆମ ସଙ୍ଗଠନର ପ୍ରୟାସ ଅଞ୍ଚଳରେ ଏକ ସାଂସ୍କୃତିକ ଓ ଆଧାତ୍ମିକ ଚେତନାର ବାସ୍ତବିକ ଚିତ୍ର। ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ, ବିଜେଡି ବ୍ଲକ ସଭାପତି କିଶୋର ଜେନା, ପ୍ରଦ୍ୟୁମ୍ନ ସେନାପତି, ହରମୋହନ ସ୍ୱାଇଁ ପଞ୍ଚାୟତ ସମିତି ଅଧକ୍ଷ ହରପ୍ରିୟା ଦାସ ଅତିଥିଭାବେ ଉପସ୍ଥିତ ଥିଲେ।ଶାରଳା ଘଣ୍ଟ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଓଡ଼ିଶୀ ନୃତ୍ୟ ଓ ଲିସ୍କା ମହାପାତ୍ରଙ୍କ ମେଲୋଡି ଦର୍ଶକଙ୍କ ମନକୁ ଛୁଇଁଥିଲା।

ଚାଷୀର ଲୁହ ପୋଛିବ କିଏ ?

କଳାହାଣ୍ଡି,୨୧।୧(ସଂଚାର ବ୍ୟୁରୋ): ଓଡ଼ିଆରେ ଗୋଟିଏ କଥା ଅଛି, କହିଲେ କୂଳ କୁଟୁମ୍ବ କୁ ଲାଜ:ନ କହିଲେ କୂଳ ଭାସିଯାଉଛି। ଏହି କଥା ବହୁତ ଦିନରୁ ଶୁଣିବାକୁ ମିଳେ। ସଶ୍ୟା ଶ୍ୟାମଳା ଏଇ ଆମ ଉତ୍କଳ ଜନନୀ। କିନ୍ତୁ ବର୍ତମାନ ସମୟରେ ଚାଷ ଓ ଚାଷୀର ଦୂରାବସ୍ଥା ଦେଖିଲାଗେ ଉତ୍କଳ ଜନନୀ କେତେ ସଶ୍ୟା ଶ୍ୟାମଳା ତାହା ଏବେ ଦେଖା ଯାଉଛି।ଗହୀର ମଟିରେ ଗଢି ଉଠିଥିବା ବିଶାଳ କାୟ ବିଲଡିଂ ଲଳିତ ନିସ୍ଚିତ ମାନିବା ସ୍ୱଭାବିକ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ଯୋଜନା ମାନ ପ୍ରଣୟନ କରିଛନ୍ତି।ସେଥିପାଇଁ ସରକାର ଅଜସ୍ର ଟଙ୍କା ମଧ ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବ ରେ ଏହା କେତେଦୂର କାମ କରୁଛି। ଗାଁ ଗହଳିରେ ଥିବା ସାଧାରଣ ଭାଗ ଚାଷୀଟିଏ ଏସବୁ ଯୋଜନା ପାଇଛି କି ନାହିଁ କେବେ ହେଲେ ସରକାର ଏହାକୁ ତର୍ଜମା କରିଛନ୍ତି କି ? ସରକାର ଦେଉଥିବା ସୁବିଧା ଓ ଟଙ୍କା ତାଙ୍କ ପାଖରେ ପହଁଚୁଛି କି ? ଗାଁ ଗହଳିର ଚାଷୀ ଏବେବି ପାରମ୍ପରିକ ଢଙ୍ଗରେ ଚାଷ କାର୍ଯ୍ୟ କରି ଚାଲିଛି। ଯେତିକି ସଶ୍ୟ ଉତ୍ପାଦନ ହେଉଛି ତାର ସେ ଉପଯୁକ୍ତ ବଜାର ସୁବିଧା ନ ପାଇବାରୁ ସେ ଅଭାବୀ ବିକ୍ରି କରୁଛି। ଗାଁ ଗହଳିରେ ଭାଗ ଚାଷୀ ଓ କୃଷି ଶ୍ରମିକ ଘୋର ଅଭାବରେ ଚାଷ କାର୍ଯ୍ୟ କରୁଛନ୍ତି। ଗାଁ ଚାଷୀକୁ ଉନ୍ନତ ମାନର ବିହନ ନ ମିଳିବା, ଜଳ ସେଚନର ସୁବିଧା ଅଭାବ, ସୁଲଭମୂଲ୍ୟରେ କୃଷି ଯନ୍ତ୍ରପାତି, ସାର, କୀଟ ନାଶକ ପଦାର୍ଥ, କୃଷି ଋଣ ଓ ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ ପାଇବାରୁ ସେ ବଂଚିତ ହେଉଛି। ଗାଁ ଗହଳିର ଚାଷୀ ମାନେ ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ସୁବିଧା ସୁଯୋଗ ପାଇ ଯାଇଥାନ୍ତି। କିନ୍ତୁ ସମ୍ପୃକ୍ତ ଅଞ୍ଚଳରେ କୃଷି ବିଭାଗ ଅଧିକାରୀ ଅଥବା ଉଦ୍ୟାନ ବିଭାଗ ଅଧିକାରୀ ଭାଗ ଚାଷୀ ଓ ନାମମାତ୍ର ଚାଷୀ ମାନଂକୁ ଦେଖି ନ ଜାଣିଲା ପରି ହୁଅନ୍ତି। ସମ୍ପୃକ୍ତ ଅଧିକାରୀ କୃଷି ସମ୍ବନ୍ଧୀୟ ସରକାରଙ୍କ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ସହାୟତା ଇତ୍ୟାଦି ବିଷୟରେ ପ୍ରାୟତଃ ଚାଷୀ ମାନଂକୁ ଅବଗତ କରାନ୍ତି ନାହିଁ। କିମ୍ବା ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନରେ ଆସି ନିଜ ଆଡୁ ଚାଷୀ ମାନଂକୁ କୌଣସି ପରାମର୍ଶ ଓ ଦିଗ ଦର୍ଶନ ଦିଅନ୍ତି ନାହିଁ। ତେଣୁ ବିଚାରା ଗ୍ରାମାଞ୍ଚଳ ଚାଷୀଟି ଯେଉଁ ଡ଼ିମିରେ କି ସେଇ ଡ଼ିମିରେ। ପ୍ରକୃତରେ କହିବାକୁ ଗଲେ ଗ୍ରାମାଞ୍ଚଳର ଚାଷୀ ଓ ଭାଗର ସମସ୍ୟା ବୁଝି ବାକୁ କାହାରି ଆନ୍ତରିକତା ଓ ରାଜନୈତିକତା ଇଚ୍ଛା ଶକ୍ତିର ଘୋର ଅଭାବ ରହିଛି। କେବଳ ସରକାର ଶସ୍ତା ଲୋକପ୍ରିୟତା ହାସଲ ଓ ପ୍ରଚାର ପାଇଁ ସବୁ ପ୍ରକାର ଫନ୍ଦି ଫିକର କରି ଚାଷୀକୁଳକୁ ପ୍ରତାରଣା କରୁଛି। ଗାଁ ଗହଳିରେ ଦେଖାଯାଇଛି ଅକ୍ଷୟ ତୃତୀୟା ଦିନ ଜୀବନରେ କେବେ ହଳଲଙ୍ଗଳ ଧରି ନ ଥିବା ରାଜନେତା ମାନେ ବିଭିନ୍ନ ଅଞ୍ଚଳକୁ ଯାଇ ସାଙ୍ଗରେ ଚେଲା ଚାମୁଣ୍ଡାଙ୍କ ସହ ହଳଲଙ୍ଗଳ ଓ ବଳଦକୁ ରଙ୍ଗ ବେରଙ୍ଗରେ ସଜାଇ ଜନ ସମାଗମ କରି ଟିଭି କ୍ୟାମେରା ଆଗରେ ଜମିରେ ବିହନ ଅନୁକୂଳ କରୁଛନ୍ତି।

ରାସ୍ତା ନଥିବାର ବିକଳ ଚିତ୍ର

ଅଟକି ରହିଲା ଅଗ୍ନିଶମ ଗାଡ଼ି ଓ ଆମ୍ବୁଲାନ୍ସ

ବାଲିକୁଦା,୨୧।୧(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍‌ରେ ଆଜି ଦେଖିବାକୁ ମିଳିଛି ଏକ ହୃଦୟବିଦାରକ ଓ ଚିନ୍ତାଜନକ ଦୃଶ୍ୟ। ଅରିଲୋ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ମାଳପୁର ଗ୍ରାମରେ ଘଟିଥିବା ଏକ ଭୟାବହ ଅଗ୍ନିକାଣ୍ଡରେ ଦୁଇଟି ପରିବାରର ଘର ସମ୍ପୂର୍ଣ୍ଣ ଭାବେ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଗଣେଶ ସାମଲ, ବ୍ରାହ୍ମନନ୍ଦ ସାମଲ, ରମେଶ ସାମଲ ଏବଂ ସୁବାଷ ସାମଲଙ୍କ ଘର ସହ ଘରୋଇ ସାମଗ୍ରୀ ଏବଂ ଆସବା ପତ୍ର ଭସ୍ମୀଭୂତ ହୋଇଯାଇଛି। ମୁହୂର୍ତ୍ତକେ ଆଖି ଆଗରେ ସବୁକିଛି ଭସ୍ମ ହୋଇଯିବାରୁ ପୀଡ଼ିତ ପରିବାରଗୁଡ଼ିକ ରାସ୍ତାରେ ଆସି ପଡ଼ିଛନ୍ତି। ସବୁଠାରୁ ବଡ଼ ବିଡମ୍ବନାର କଥା ହେଉଛି ଏହି ଜନବସତିକୁ ଆଜି ପର୍ଯ୍ୟନ୍ତ ଠିକ୍ ଭାବେ ରାସ୍ତା ସଂଯୋଗ ମିଳିନାହିଁ। ଅଗ୍ନିକାଣ୍ଡର ସୂଚନା ପାଇ ଅଗ୍ନିଶମ ବିଭାଗର ଗାଡ଼ି ତୁରନ୍ତ ଘଟଣା ସ୍ଥଳକୁ ଯାଇଥିଲେ ମଧ୍ୟ, ରାସ୍ତା ନଥିବାରୁ ଫାୟାର ଗାଡ଼ି ଗ୍ରାମ ଭିତରକୁ ପ୍ରବେଶ କରିପାରିନଥିଲା।ଫଳସ୍ୱରୂପ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବା ପରିବର୍ତ୍ତେ ମୁଖ୍ୟ ରାସ୍ତାରେ ନିରୁପାୟ ଭାବେ ଅଟକି ରହିଥିଲେ। ସ୍ଥାନୀୟ ଲୋକେ ନିଜ ପ୍ରଚେଷ୍ଟାରେ ପାଣି ପାଣି ବୋହି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ, ଅଗ୍ନିର ଭୟାବହତା ଆଗରେ ସେଥିରେ କୌଣସି ସୁଫଳ ମିଳିନଥିଲା। ଏହି ଅଗ୍ନିକାଣ୍ଡ ସମୟରେ ବ୍ରାହ୍ମନନ୍ଦ ସାମଲ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଆମ୍ବୁଲାନ୍ସକୁ ଡକାଇଥିଲେ, କିନ୍ତୁ ରାସ୍ତା ଅଭାବ ଏଠାରେ ମଧ୍ୟ ବାଧା ହୋଇ ଦାଉ ସାଧିଥିଲା। ଆମ୍ବୁଲାନ୍ସ ମଧ୍ୟ ଘଟଣା ସ୍ଥଳରେ ପହଁଚିପାରିନଥିଲା। ଘଟଣା ସ୍ଥଳରୁ ପ୍ରାୟ ୫୦୦ ମିଟରରୁ ଅଧିକ ଦୂର ଖାଲ, ଖମା ଓ ସଂକୀର୍ଣ୍ଣ ଗଳି ରାସ୍ତା ଦେଇ ଷ୍ଟ୍ରେଚର ସହାୟତାରେ ଗୁରୁତର ଅବସ୍ଥାରେ ଥିବା ବ୍ରାହ୍ମନନ୍ଦ ସାମଲଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଯିବାର ଦୃଶ୍ୟ ସେଠାରେ ଥିବା ସମସ୍ତଙ୍କ ଆଖିକୁ ଭିଜାଇଦେଇଥିଲା।

ମାମୁଁର ଭୁଜାଲି ମାଡ଼ରେ ଭଣଜା ମୃତ

ବାଲିପାଟଣା,୨୧।୧(ସଂଚାର ବ୍ୟୁରୋ): ବାଲିପାଟଣା ଥାନା ବନମାଳିପୁର ପାଞ୍ଚି ଅଧୀନ ଭାପୁର ନାଥ ସାହି ରେ ସାମନ୍ୟ ବଚଷାକୁ କେନ୍ଦ୍ର କରି ମାରଣାସ୍ତ୍ର ରେ ଜଣେ ଯୁବକ ଙ୍କ ମୃତ୍ୟୁ ହେଇଛି।ସମ୍ପର୍କୀୟ ମାମୁଁ ଙ୍କ ଭୁଜାଲି ମାଡ଼ ରେ ଭଣଜା ର ମୃତ୍ୟୁ।ଗୁରୁତର ଆହତ ଯୁବକ ହେଲେ ଭାପୁର ନାଥ ସାହି ର ଲିପୁ ନାଥ ବୟସ(୧୯)।ଆକ୍ରମଣ କରିଥିବା ମାମୁଁ ହେଲେ ମିଥୁନ ନାଥ ଓରଫ ହୁଗୁଲି ନାଥ।ସୂଚନା ଅନୁସାରେ ତ୍ରିବେଣୀ ମହୋତ୍ସବ ପାଇଁ ପ୍ରାଚୀ ନଦୀ ତ୍ରିବେଣୀ ପୀଠ ଚଳ ଚଞ୍ଚଳ ହୋଇ ଉଠିଛି।ମଙ୍ଗଳବାର ସନ୍ଧ୍ୟା ରେ ମିଥୁନ ଭାପୁର ନାଥପୁର ଗାଁ ନିକଟ ଅଠାକ୍ତର ଓ ନୂଆଗାଁ ପୂର୍ତ୍ତ ବିଭାଗ ପିଚୁ ରାସ୍ତାରେ ବୁଲାବୁଲି କରୁଥିଲା।ଲିପୁ ଥଟା ମଜାରେ ମିଥୁନ ଙ୍କୁ କିଛି କହିଥିଲେ। ହଠାତ ମିଥୁନ ରାଗି ଲିପୁ କୁ ୨ଟି ଚାପୁଡ଼ା ମାରିଥିଲା।ଲିପୁ ପ୍ରତିବାଦ କରିବା ରୁ ମିଥୁନ ପାଖରେ ରଖିଥିବା ଭୁଜାଲି ରେ ଲିପୁ ଙ୍କ ପେଟ କୁ ଆକ୍ରମଣ କରିଥିଲେ।

ଭୁଜାଲି ଲିପୁ ଙ୍କ ଅନ୍ତପୂଜୁଳା ଭିତରେ ପଶି ଯାଇଥିଲା।ଗଭିର କ୍ଷତ ହେବା ସହ ପ୍ରଚୁର ରକ୍ତ ସ୍ରାବ ହୋଇଥିଲା।ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରିଥିଲେ।ଅବସ୍ଥା ସଂକଟା ପନ୍ନ ହେବା ରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠା ଯାଇଥିଲା ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଛନ୍ତି। ଘଟଣା କୁ ନେଇ ସ୍ଥାନୀୟ ଅଞ୍ଚଳ ରେ କୋକୁଆ ଭୟ ଖେଳି ଯାଇଛି।ଏନେଇ ମୃତକଙ୍କ ପରିବାର ପକ୍ଷରୁ ବାଲିପାଟଣା ଥାନାରେ ଏତଲା ଦିଆଯାଇଥିଲା।ବାଲିପାଟଣା ପୋଲିସ କେସ ନମ୍ବର ୩୦/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ମିଥୁନ ନାଥ କୁ ଆରେଷ୍ଟ କରିବା ସହ ତାର ବାପା, ବୋଉ ଓ ସ୍ତ୍ରୀ କୁ ଅଟକ ରଖିଛି ପୋଲିସ।ତେବେ ହତ୍ୟା ପଛରେ କେବଳ ଥଟ୍ଟାମଜା ନା ଆଉ କିଛି ରହିଛି ଏନେଇ ଖୋଳତାଡ ଆରମ୍ଭ କରିଛି ବାଲିପାଟଣା ପୋଲିସ।ସେପଟେ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ଥିବାବେଳେ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିବ ପୋଲିସ ପକ୍ଷରୁ ସୂଚନା ମିଳିଛି।

ଅଜଣା ମୃତ ଦେହ ଉଦ୍ଧାର

ବାଲିଆପାଳ,୨୧।୧(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ମହାବଳା କୋଷ୍ଟ କେନାଲ ରାସ୍ତାରେ ଅଜଣା ଯୁବକ ର ମୃତ ଦେହ ଉଦ୍ଧାର ହୋଇଛି। ଅପରାହ୍ନରେ ଅଜଣା ଯୁବକଙ୍କର ମୃତଦେହ ରାସ୍ତା କଡରେ ପଡ଼ି ଥିବାର ଦେଖି ସ୍ଥାନୀୟ ଲୋକେ ବାଲିଆପାଳ ପୋଲିସ ଏବଂ ଆମ୍ବୁଲାନ୍ସକୁ ଖବର ଦେଇଥିଲେ, ଘଟଣା ସ୍ଥଳରେ ଆମ୍ବୁଲାନ୍ସ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଥିବା ବେଳେ ଏହା ହତ୍ୟା ନା ଆତ୍ମହତ୍ୟା ଏନେଇ ତଦନ୍ତ ଜାରି ରହିଛି। ଶବଟି ଚିହ୍ନଟ ହେବା ପରେ ପୋଷ୍ଟମର୍ଟମ କରାଯିବ ବୋଲି ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ କହିଛନ୍ତି।

ସୁସ୍ଥ ପରିବେଶ ଗଠନ ପାଇଁ ସଚେତନତା

ରାୟଗଡ଼ା,୨୧।୧(ସଂଚାର ବ୍ୟୁରୋ): ରାୟଗଡ଼ା ବ୍ଲକ ହାଲୁଆ ଗ୍ରାମ ନିକଟସ୍ଥ ସେବା ସମାଜ ଗୃହ ଠାରେ ପ୍ରେସ କ୍ଲବର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାନୁଆରି ୭ ତାରିଖରେ ପ୍ରେସ କ୍ଲବର ନୂତନ କମିଟି ଚୟନ ପରେ ଏହା ପ୍ରଥମ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଇଥିବାରୁ କ୍ଲବର ସଦସ୍ୟମାନେ ଉତ୍ସାହିତ ରହିଥିବା ଦେଖିବାକୁ ମିଳିଥିଲା। ପ୍ରେସ କ୍ଲବ ସଭାପତି ସଂଗ୍ରାମ କେଶର ପଟନାୟକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ୱାଇ.ଦାମୋଦର ରାଓ, ସଂଗଠନ ସମ୍ପାଦକ ସୁଶାନ୍ତ ପ୍ରଧାନ ଓ ଯୁଗ୍ମ ସମ୍ପାଦକ ସୁଶାନ୍ତ ଦାସ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ ବନ୍ଧୁ ମିଳନ ଭୋଜି ପରେ କ୍ଲବ ସଭାପତି ସଂଗ୍ରାମ ଓ ସଦସ୍ୟ ବି.ଶ୍ରୀନିବାସଙ୍କ ନେତୃତ୍ୱରେ ଏକତ୍ରିତ